CMYK



ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୦୬ ମାର୍ଚ୍ଚ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 06 March 2026

Vol.No. 36 ■ No.60 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି

ସାଗରିକା

(ନୂଆବର୍ଷ ସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ

ମଧ୍ୟ ଉପଲବ୍ଧ...

website : sagarika.in.net


## ଭାରତ ପାଇଁ ଖୁସିଖବର: ହର୍ମୁଜ ପ୍ରଣାଳୀ କେବଳ ଆମେରିକା, ଇସ୍ରାଏଲ ଓ ୟୁରୋପ ପାଇଁ ବନ୍ଦ ରହିବ

ନୂଆଦିଲ୍ଲୀ,୦୫/୩ : ଭାରତ ପାଇଁ ଖୁସି ଖବର। ତୈଳ ପରିବହନ ଓ ଅନ୍ୟ ବାଣିଜ୍ୟିକ ପରିବହନ ପାଇଁ ବ୍ୟବହାର ହେଉଥିବା ହର୍ମୁଜ ପ୍ରଣାଳୀ କେବଳ ଆମେରିକା, ଇସ୍ରାଏଲ, ୟୁରୋପ ଓ ସେମାନଙ୍କ ସହଯୋଗୀ ଦେଶ ପାଇଁ ବନ୍ଦ ରହିବ ବୋଲି ଇରାନ ପକ୍ଷରୁ ଘୋଷଣା କରାଯାଇଛି। ଏହାପୂର୍ବରୁ ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ ବିଶ୍ୱର ଏକ ପ୍ରମୁଖ ବ୍ୟସ୍ତବହୁଳ ପରିବହନ ମାର୍ଗ ହର୍ମୁଜ ପ୍ରଣାଳୀକୁ ସମ୍ପୂର୍ଣ୍ଣ ବନ୍ଦ ରଖିଥିଲା। ଫଳରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏହି ମାର୍ଗ ଦେଇ ସମସ୍ତ ବାଣିଜ୍ୟିକ ପରିବହନ ବନ୍ଦ ରହିଥିଲା। ଇରାନର ରିଭୋଲ୍ୟୁସନାରୀ ଗାର୍ଡ଼





ଆଇଆରଆଇବିରେ ଘୋଷଣା କରି କହିଛି ଯେ, ଆନ୍ତର୍ଜାତିକ ଆଇନ ଓ ଏ ସମ୍ପର୍କିତ ପ୍ରସ୍ତାବ ଅନୁଯାୟୀ ଯୁଦ୍ଧ ସମୟରେ ହର୍ମୁଜ ପ୍ରଣାଳୀକୁ ଇରାନ ନିଜ ଅନୁଯାୟୀ ବ୍ୟବହାର କରିବାର ଅଧିକାର ରହିଛି। ଆମେରିକା, ଇସ୍ରାଏଲ, ୟୁରୋପ ଓ ସେମାନଙ୍କ ସମର୍ଥକ ଦେଶଙ୍କ ଜାହାଜକୁ ହର୍ମୁଜ ପ୍ରଣାଳୀରେ ଠାବ କରାଗଲେ ଏହା ଉପରେ ଆକ୍ରମଣ କରାଯିବ ବୋଲି ଇରାନ ଚେତାବନୀ ଦେଇ କହିଛି। ଇରାନ ଓ ଆମେରିକା-ଇସ୍ରାଏଲ ମଧ୍ୟରେ ଯୁଦ୍ଧ ଓ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ମୃତ୍ୟୁ ପରେ ଇରାନ ହର୍ମୁଜ ପ୍ରଣାଳୀ ବନ୍ଦ କରିଦେଇଥିଲା। ଫଳରେ ବିଶ୍ୱରେ ତୈଳ ଦରରେ ବୃଦ୍ଧି ସହିତ ବିଶ୍ୱ ଅର୍ଥନୀତି ଗଭୀର ଭାବେ ପ୍ରଭାବିତ ହୋଇଥିଲା। ମଙ୍ଗଳବାର ଇରାନ ହର୍ମୁର୍ଜ ପ୍ରଣାଳୀରେ କେବଳ ଚୀନ୍ ଜାହାଜକୁ ପରିବହନ ଅନୁମତି ଦେଇଥିଲା। ଏହାପୂର୍ବରୁ ହର୍ମୁର୍ଜ ପ୍ରଣାଳୀ କେବେବି ବନ୍ଦ ହୋଇନଥିଲା। ୧୯୮୦ରୁ ୧୯୮୮ ମଧ୍ୟରେ ଇରାନ -ଇରାକ୍ ଯୁଦ୍ଧ ବେଳେ ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ ସତ୍ତ୍ୱେ ବାଣିଜ୍ୟିକ ପରିବହନ ଜାରି ରହିଥିଲା। ଇରାନର ଏହି ଘୋଷଣା ପରେ ଭାରତ ସହଜରେ ତୈଳ ପାଇ ପାରିବ ବୋଲି କୁହାଯାଉଛି।

## ନିର୍ବାଚନର ଠିକ ପୂର୍ବରୁ ଇସ୍ତଫା ଦେଲେ ବେଙ୍ଗଲ ରାଜ୍ୟପାଳ



ନୂଆଦିଲ୍ଲୀ,୦୫/୩ : ଆଉ କିଛି ମାସ ପରେ ପଶ୍ଚିମବଙ୍ଗରେ ହେବ ବିଧାନସଭା ନିର୍ବାଚନ। କିନ୍ତୁ ଏହାର ଠିକ ପୂର୍ବରୁ ବେଙ୍ଗଲର ରାଜ୍ୟପାଳ ସିଭି ଆନନ୍ଦ ବୋଷ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ନିଜର ଇସ୍ତଫାପତ୍ର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟକୁ ପଠାଇ ଦେଇଛନ୍ତି। ହେଲେ ହଠାତ୍ ଶ୍ରୀ ବୋଷ କାହିଁକି ଇସ୍ତଫା ଦେଲେ, ସେକଥା ସ୍ପଷ୍ଟ ହୋଇନାହିଁ। ଶ୍ରୀ ବୋଷ ସାଢ଼େ ୩ ବର୍ଷ ହେଲା ବେଙ୍ଗଲର ରାଜ୍ୟପାଳ ଭାବେ କାମ କରୁଥିଲେ। ଏହି ସାଢ଼େ ୩ ବର୍ଷ ଭିତରେ ଅନେକ ଥର ପଶ୍ଚିମବଙ୍ଗ ସରକାରଙ୍କ ସହ ତାଙ୍କର ତିକ୍ତତା ଲାଗି ରହିଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ସମୟରେ ବେଙ୍ଗଲ ସରକାରଙ୍କୁ ଶ୍ରୀ ବୋଷ ବିଭିନ୍ନ ପ୍ରସଙ୍ଗରେ ଟାର୍ଗେଟ କରିବାର ନଜିର ମଧ୍ୟ ରହିଛି। ଇସ୍ତଫା ପରେ ସେ ପିଟିଆଇକୁ କହିଛନ୍ତି ଯେ ଅଫିସରେ ସେ ଅନେକ ସମୟ ବିତାଇ ସାରିଛନ୍ତି। ଏବେ ତାଙ୍କୁ ଆଉ ଅଫିସରେ ରହିବାର ଇଚ୍ଛା ନାହିଁ। ଅନ୍ୟପକ୍ଷରେ ତାମିଲନାଡୁର ରାଜ୍ୟପାଳ ଆରଏନ ରବି ବେଙ୍ଗଲର ରାଜ୍ୟପାଳ ହେବେ ବୋଲି ଖୋଦ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏକ୍ସରେ ପୋଷ୍ଟ କରିଛନ୍ତି। ଏ ସମ୍ପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ତାଙ୍କୁ ଅବଗତ କରାଯାଇଥିବା ମମତା ଦାବି କରିଛନ୍ତି। ବେଙ୍ଗଲ ଭଳି ତାମିଲନାଡୁରେ ମଧ୍ୟ ଖୁବଶୀଘ୍ର ବିଧାନସଭା ନିର୍ବାଚନ ହେବ। ସେଠାରେ ମଧ୍ୟ ଡିଏମକେ ସରକାରଙ୍କ ସହ ରାଜ୍ୟପାଳ ରବିଙ୍କ ତିକ୍ତତା ଲାଗି ରହିଛି। ମମତା କହିଛନ୍ତି ଯେ ସିଭି ଆନନ୍ଦ ବୋଷଙ୍କ ଅଚାନକ ଇସ୍ତଫାରେ ସେ ସ୍ତବ୍ଧ। ସେହିପରି ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ କଲ କରି ଆରଏନ ରବିଙ୍କୁ ବେଙ୍ଗଲ ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଥିବା କହିଛନ୍ତି। ହେଲେ ରାଜ୍ୟପାଳଙ୍କ ନିଯୁକ୍ତି ପୂର୍ବରୁ ତାଙ୍କ ସହ ବିଚାର କରାଯାଇ ନଥିବାରୁ ମମତା ଅସନ୍ତୋଷ ପ୍ରକାଶ କରିଛନ୍ତି।

## ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର



ଭୁବନେଶ୍ୱର, ୦୫/୩ (ନି.ପ୍ର): ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଥିବା ସୁରେଶ ପୂଜାରୀଙ୍କୁ ଦିଲ୍ଲୀ ଏମ୍ସ ସ୍ଥାନାନ୍ତର କରାଯାଇଛି । ଏନେଇ ଏମ୍ସ ଭୁବନେଶ୍ୱର ପକ୍ଷରୁ ସୂଚନା ଦିଆଯାଇଛି । ଆଜି ସକାଳ ୯ଟାରେ ଦିଲ୍ଲୀ ବାହାରିଲେ ସୁରେଶ ପୂଜାରୀ । ଗତ ବର୍ଷ ମଧ୍ୟ ଦିଲ୍ଲୀ ଏମ୍ସରେ ଚାଲିଥିଲା ଚିକିତ୍ସା । ମଙ୍ଗଳବାର ରାତିରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଅସୁସ୍ଥ ହେବା ପରେ ତାଙ୍କୁ ଭୁବନେଶ୍ୱର ଏମ୍ସରେ ଆଇସିୟୁରେ ଭର୍ତ୍ତି କରାଯାଇଥିଲା । ଗତକାଲି ସୁରେଶ ପୂଜାରୀ ଅସୁସ୍ଥ ହୋଇଥିଲେ । ଛାତିରେ ପ୍ରବଳ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ତୁରନ୍ତ ଭୁବନେଶ୍ୱର ଏମ୍ସ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା । ସୂଚନା ଅନୁଯାୟୀ, ଗତକାଲି ହଠାତ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ଡାକ୍ତରଖାନା ଅଣାଯାଇଥିଲା । ଏମ୍ସର ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ତାଙ୍କର ବିଭିନ୍ନ ପରୀକ୍ଷା ନିରୀକ୍ଷା କରିଥିଲେ । ଏପଟେ ମନ୍ତ୍ରୀଙ୍କ ଅସୁସ୍ଥତା ଖବର ପାଇ ବିଭିନ୍ନ ମହଲରେ ଚିନ୍ତା ପ୍ରକଟ କରାଯିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରାଯାଇଛି ।

## ରାଜ୍ୟସଭା ପାଇଁ ନାମାଙ୍କନ ଭରିଲେ ସଂତୃପ୍ତ ଓ ଦତ୍ତେଶ୍ୱର



ଭୁବନେଶ୍ୱର, ୦୫/୩ (ନି.ପ୍ର): ଆଜି ରାଜ୍ୟସଭା ପାଇଁ ନାମାଙ୍କନ ଦାଖଲ କରିଛନ୍ତି ସଂତୃପ୍ତ ମିଶ୍ର ଓ ଦତ୍ତେଶ୍ୱର ହୋତା । ଆଜି ବିଜେଡି ପ୍ରାର୍ଥୀ ଭାବେ ସଂତୃପ୍ତ ମିଶ୍ର ୩ ସେଟର ନାମାଙ୍କନ ଦାଖଲ କରିଥିବାବେଳେ କମନ୍ କ୍ୟାଣ୍ଡେଟ୍ ପ୍ରାର୍ଥୀ ଭାବେ ଦତ୍ତେଶ୍ୱର ହୋତା ନାମାଙ୍କନ ଦାଖଲ କରିଥିଲେ । ଏହି ସମୟରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସହ ପିସିସି ସଭାପତି ଭକ୍ତ ଦାସ ମଧ୍ୟ ଉପସ୍ଥିତ ଥିଲେ । ଉଲ୍ଲେଖ ଥାଉ କି ଚତୁର୍ଥ ଆସନରେ ଦତ୍ତେଶ୍ୱର ହୋତା ବନାମ ଦିଲ୍ଲୀପ ରାୟଙ୍କ ମଧ୍ୟରେ ଲଢେଇ ହେବ । ବିଜେଡି ଓ କଂଗ୍ରେସର କମନ୍ କ୍ୟାଣ୍ଡେଟ୍ ପ୍ରାର୍ଥୀ ହୋଇଛନ୍ତି ଦତ୍ତେଶ୍ୱର । ଅନ୍ୟପଟେ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ହୋଇଛନ୍ତି ଦିଲ୍ଲୀପ ରାୟ । ଉଲ୍ଲେଖ ଥାଉ କି ରାଜ୍ୟସଭା ନିର୍ବାଚନ ପାଇଁ ବିଜେପି ପ୍ରାର୍ଥୀ ଭାବେ ମନମୋହନ ସାମଲ ଓ ସୁଜିତ କୁମାରଙ୍କୁ ପ୍ରାର୍ଥୀ କରିଛି। ସେହିପରି ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ସଂତୃପ୍ତ ମିଶ୍ର ଦଳୀୟ ପ୍ରାର୍ଥୀ ଓ ଡାକ୍ତର ଦତ୍ତେଶ୍ୱର ହୋତା କମନ୍ କ୍ୟାଣ୍ଡିଡେଟ୍ ହେବେ ବୋଲି ଘୋଷଣା କରିଥିଲେ। ଓଡ଼ିଶାରେ ହେବାକୁ ଥିବା ରାଜ୍ୟସଭା ନିର୍ବାଚନ ପରିଚାଳନା ପାଇଁ ଭାରତର ନିର୍ବାଚନ କମିସନ ଓଡ଼ିଶା ବିଧାନସଭାର ସଚିବ ସତ୍ୟବ୍ରତ ରାଉତଙ୍କୁ ରିଟର୍ଣ୍ଣିଂ ଅଧିକାରୀ ଏବଂ ଯୁଗ୍ମ ସଚିବ ବିଦ୍ୟାଧର ମାଝୀଙ୍କୁ ସହାୟକ ରିଟର୍ଣ୍ଣିଂ ଅଧିକାରୀ ଭାବେ ନିୟୋଜିତ କରିଛନ୍ତି।

## ବିହାର ରାଜନୀତିରେ ବଡ଼ ପରିବର୍ତ୍ତନ: ପାଟନା ଛାଡ଼ି ରାଜ୍ୟସଭାକୁ ଯାଉଛନ୍ତି ନୀତିଶ



ନୂଆଦିଲ୍ଲୀ,୦୫/୩ : ବିହାର ରାଜନୀତିରେ ବଡ଼ ପରିବର୍ତ୍ତନ। ପାଟନା ଛାଡ଼ି ରାଜ୍ୟସଭାକୁ ଯାଉଛନ୍ତି ନୀତିଶ। ଏନେଇ ନୀତିଶ ଆଜି ଏକ୍ସରେ ପୋଷ୍ଟ କରିଛନ୍ତି। ଏଥିରେ ସେ ରାଜ୍ୟସଭା ସଦସ୍ୟ ହେବାକୁ ଚାହୁଁଛନ୍ତି ବୋଲି ଲେଖିଛନ୍ତି। ଆସନ୍ତା ୧୬ ମାର୍ଚ୍ଚରେ ରାଜ୍ୟସଭା ନିର୍ବାଚନ ପରେ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇପାରନ୍ତି। ଏଭଳି ସ୍ଥଳରେ ବିହାରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ବିଜେପିରୁ ହେବାର ସମ୍ଭାବନା ସବୁଠାରୁ ଅଧିକ ରହିଛି। କାରଣ ଗତ ନିର୍ବାଚନରେ ବିହାରରେ ବିଜେପି ୮୯ଟି ଆସନ ସହ ସବୁଠାରୁ ବଡ଼ ଦଳ ଭାବେ ଉଭା ହୋଇଥିଲା । ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ରାଜ୍ୟସଭାର ◆◆ପୃଷ୍ଠା ୭

## ୨୦୦୨ ପରି ଜିତାପଟ ହାସଲ କରିବି : ଦିଲ୍ଲୀପ ରାୟ

ଭୁବନେଶ୍ୱର, ୦୫/୩ (ନି.ପ୍ର): ରାଜ୍ୟସଭା ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଛନ୍ତି ବରିଷ୍ଠ ରାଜନେତା ଦିଲ୍ଲୀପ ରାୟ। ନାମାଙ୍କନ ପରେ ଜିତିବା ନେଇ ଦୃଢ଼ୋକ୍ତି ପ୍ରକାଶ କରି ଦିଲ୍ଲୀପ କହିଛନ୍ତି 'ପ୍ରଧାନମନ୍ତ୍ରୀ, ଗୃହ ମନ୍ତ୍ରୀ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ, ଓ ମୁଖ୍ୟମନ୍ତ୍ରୀଙ୍କ ସମର୍ଥନ ରହିଛି । ବିଜେପି ନାମାଙ୍କନ ଭରିବା ପାଇଁ ପୂରା ସମର୍ଥନ ଯୋଗାଇ ଦେଇଛି। ୨୦୦୨ ପରି ଜିତାପଟ ହାସଲ କରିବି । କଂଗ୍ରେସ-ବିଜେଡି ହାତ ମିଶାଇବା ପ୍ରଶ୍ନରେ ପ୍ରତିକ୍ରିୟା ରଖି ସେ କହିଛନ୍ତି, ଆମେ ବି ହାତ ମିଶାଇ ଦେବୁ । ନାମାଙ୍କନ ଦାଖଲ ପୂର୍ବରୁ ଦିଲ୍ଲୀପ ବିଧାନସଭା ପରିସରରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

## ଆଜି ଓଡ଼ିଶା ଆସୁଛନ୍ତି ଅମିତ ଶାହ: ଏକାଧିକ ପ୍ରକଳ୍ପର କରିବେ ଉଦ୍‌ଘାଟନ ଓ ଶିଳାନ୍ୟାସ

ଭୁବନେଶ୍ୱର, ୦୫/୩ (ନି.ପ୍ର): ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା । ସ୍ୱତନ୍ତ୍ର ବାୟୁସେନା ବିମାନରେ ନୂଆଦିଲ୍ଲୀରୁ ଆସି ଓଡ଼ିଶାରେ ପହଞ୍ଚିବେ ଶାହ । ଆସନ୍ତାକାଲି କଟକରେ CISF ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ ଉଦଘାଟନ ଏବଂ ଜଟଣୀରେ ଜାତୀୟ ଫୋରେନସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଏବଂ କେନ୍ଦ୍ରୀୟ



ଫୋରେନସିକ୍ ବିଜ୍ଞାନ ପରୀକ୍ଷାଗାର, ଭୁବନେଶ୍ୱର କ୍ୟାମ୍ପସ ପାଇଁ ଭୂମି ପୂଜନ କରିବେ । ଏହାପରେ ଭୁବନେଶ୍ୱରରେ ଆୟୋଜିତ ନ୍ୟାୟ ସଂହିତା ପ୍ରଦର୍ଶନୀର ଉଦଘାଟନ କରିବେ ଶାହ । ୧୯୬୯ ମସିହାରେ ପ୍ରତିଷ୍ଠା ହୋଇଥିଲା ଦେଶର ତୃତୀୟ ବୃହତ ଅର୍ଦ୍ଧସାମରିକ ବାହିନୀ ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ । ଉଓଫରର ୫୭ତମ ପ୍ରତିଷ୍ଠା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ ଶାହ । କଟକ ମୁଣ୍ଡଳୀସ୍ଥିତ ଏହି ସମାରୋହରେ ଯୋଗ ଦେଇ ଦେଶର ବିଭିନ୍ନ ସ୍ଥାନରେ ପ୍ରାୟ ୮୮୯ କୋଟି ଟଙ୍କାର ୫ଟି ବଡ଼ ପ୍ରକଳ୍ପର ଉଦ୍‌ଘାଟନ କରିବେ । ଦେଶର ପ୍ରମୁଖ ଶିଳ୍ପ ସଂସ୍ଥା, ପରମାଣୁ ସଂସ୍ଥା, ବିମାନ ବନ୍ଦର ଆଦି ସୁରକ୍ଷା ସମ୍ଭାଳୁଥିବା ଉଓଫରକୁ ମିଳିଛି ବଡ଼ ଦାୟିତ୍ୱ । କୋଇଲା ଚୋରି ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିବାକୁ ମିଳିଛି ଅଧିକାର । ◆◆ପୃଷ୍ଠା ୭

## ମଝି ଆକାଶରୁ ସୁଖୋଇ ବିମାନ ନିଖୋଜ



ନୂଆଦିଲ୍ଲୀ,୦୫/୩ : ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଭାରତର ଆସମରୁ ବଡ଼ ଖବର ଆସିଛି। ଭାରତୀୟ ବାୟୁସେନାର ସୁଖୋଇ ଏସ୍‌ୟୁ-୩୦ ଏମକେଆଇ ଯୁଦ୍ଧ ବିମାନ ହଠାତ ରାଡାରରୁ ନିଖୋଜ ହୋଇଯାଇଯାଇଛି। ଗୁହାଟୀ ଡିଫେନ୍ସ ପିଆରଓ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସୁଖୋଇ ବିମାନ ନିଖୋଜ ହେବା ପରେ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲେ ହେଁ ଏଯାଏ ପାଇଲଟରଙ୍କ ମଧ୍ୟ ସୂଚନା ମିଳିନି। ପ୍ରାଥମିକ ପର୍ଯ୍ୟାୟରେ ମିଳିଥିବା ସୂଚନା ଅନୁସାରେ, ଏସ୍-୩୦ ଏମକେଆଇ ହେଉଛି ୪.୫ ପିଢ଼ିର ବିମାନ। ସନ୍ଧ୍ୟା ୭ଟାରେ ହଠାତ କାର୍ବି ଆଙ୍ଗଲଙ୍ଗ ଜିଲ୍ଲାରେ ବିମାନଟି ଉଡୁଥିବା ବେଳେ ହଠାତ ରାଡାର ବାହାରକୁ ଚାଲି ଯାଇଥିଲା। କିଛି ରିପୋର୍ଟରେ ଦାବି କରାଯାଇଛି ଯେ ସ୍ଥାନୀୟ ଲୋକମାନେ ବଡ଼ ବିସ୍ଫୋରଣର ଶବ୍ଦ ମଧ୍ୟ ଶୁଣିଛନ୍ତି। କିନ୍ତୁ ଏଯାଏ ଭାରତୀୟ ବାୟୁସେନା କିମ୍ବା ପ୍ରତିରକ୍ଷା ମନ୍ତ୍ରଣାଳୟ ଏ ଦାବିକୁ ନିଶ୍ଚିତ କରି ନାହାନ୍ତି। ଏବେ ବାୟୁସେନା ପକ୍ଷରୁ ସର୍ଚ୍ଚ ଅପରେସନ ଜାରି ରହିଛି। ଏହାପୂର୍ବରୁ ଜୁନ ୨୦୨୪ରେ ମହାରାଷ୍ଟ୍ରର ନାଶିକ ଜିଲ୍ଲାରେ ମଧ୍ୟ ଗୋଟିଏ ସୁଖୋଇ ଏସ୍‌ୟୁ-୩୦ ନିଖୋଜ ହୋଇଥିଲା। ବିମାନଟି ଶିରାସଗାଓଁ ନିକଟରେ କ୍ରାଶ ହୋଇଯାଇଥିଲେ ◆◆ପୃଷ୍ଠା ୭

## ଶ୍ରୀମନ୍ଦିର ନୀତି ବିଭ୍ରାଟ: ୩ ସେବାୟତଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି

ପୁରୀ, ୦୫/୩ (ନି.ପ୍ର): ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରରେ ନୀତିକାନ୍ତିରେ ବିଶୃଙ୍ଖଳା ପାଇଁ ୩ଜଣ ସେବାୟତଙ୍କୁ ନୋଟିସ୍ ଜାରି ହୋଇଛି । ଗତ ଫେବୃୟାରୀ ୨୮ତାରିଖରେ ଶ୍ରୀମନ୍ଦିରରେ ସୃଷ୍ଟି ହୋଇଥିବା ଅପ୍ରୀତିକର ପରିସ୍ଥିତି ଓ ନୀତି ବିଳମ୍ବ ଘଟଣାରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ୩ଜଣ ସେବାୟତଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି ହୋଇଛି। ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଅରବିନ୍ଦ କୁମାର ପାଢ଼ୀ ୩ ସେବାୟତଙ୍କ ବିରୁଦ୍ଧରେ ଏହି କାର୍ଯ୍ୟାନୁଷ୍ଠାନ ନେଇ ମହାପ୍ରଭୁଙ୍କ ନୀତିକାନ୍ତିରେ କୌଣସି ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି କଡ଼ା ସନ୍ଦେଶ ଦେଇଛନ୍ତି। ପ୍ରଶାସନ ପକ୍ଷରୁ ଜାରି ସୂଚନା ଅନୁସାରେ, ପୁରୀ ଶ୍ରୀମନ୍ଦିରର ସେବାୟତ ରାମକୃଷ୍ଣ ଖୁଣ୍ଟିଆ, ମାଧବ ଖୁଣ୍ଟିଆ ଓ ମଧୁସୂଦନ ଖୁଣ୍ଟିଆଙ୍କୁ ଏହି କାରଣଦର୍ଶାଅ ନୋଟିସ୍ ଜାରି ହୋଇଛି। ଆସନ୍ତା ସପ୍ତାହକ ମଧ୍ୟରେ ସେମାନଙ୍କୁ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ◆◆ପୃଷ୍ଠା ୭

## ମିଳିତ ପ୍ରାର୍ଥୀଙ୍କ ବିଜୟ ସୁନିଶ୍ଚିତ: ଭକ୍ତ ଦାସ

ଭୁବନେଶ୍ୱର, ୦୫/୩ (ନି.ପ୍ର): ରାଜ୍ୟସଭା ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପିସିସି ସଭାପତି ଭକ୍ତ ଦାସ କହିଛନ୍ତି ଯେ ବିଜେଡି , କଂଗ୍ରେସ ଓ ସିପିଆଇଏମ୍ ଦଳ ମିଶି ଏକ ରାଜନୈତିକ ନିଷ୍ପତି ନେଇଛନ୍ତି। ଦୀର୍ଘ ବର୍ଷ ପରେ ଏଭଳି ନିଷ୍ପତି ନିଆଯାଇଛି। ଡାକ୍ତର ଦତେଶ୍ୱର ହୋତାଙ୍କୁ ପାର୍ଥି କରାଯାଇଛି। ନବୀନ ବାବୁଙ୍କ ପ୍ରପୋଜାଲକୁ ଏଆଇସିସି ଗ୍ରହଣ କରିଥିଲା। ରାଜ୍ୟର ହିତ ପାଇଁ ଆମେ କମାନ କ୍ୟାଣ୍ଡେଟ ଦେଲୁ। ଡାକ୍ତର ଦତେଶ୍ୱର ହୋତାଙ୍କ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅନେକ ଅବଦାନ ରହିଛି। ସମୟର ଆହ୍ୱାନ କ୍ରମରେ ଆମେ ସମସ୍ତେ ମିଶି ଏଭଳି ନିଷ୍ପତି ନେଇଛୁ। ◆◆ପୃଷ୍ଠା ୭

CMYK

# ଓୟୁଜେ ପାଳିଲା ହୋଲି ଉତ୍ସବ



ବାଲେଶ୍ୱର, ୦୫/୩ (ନି.ପ୍ର): ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆଜି ପାରମ୍ପାରିକ ହୋଲି ଉତ୍ସବ ଅତ୍ୟନ୍ତ ଆନନ୍ଦ ଉଲ୍ଲାସ ସହକାରେ ପାଳିତ ହୋଇଯାଇଛି। ୟୁନିଅନର ସଦସ୍ୟ ମାନେ ପରସ୍ପର ମଧ୍ୟରେ ରଙ୍ଗ ଓ ଅଭିର ଖେଳ କରି ବେଶ ମଜା ନେଇଥଲେ।ଏଥି ସହିତ ସଦସ୍ୟ ମାନେ ପୃଥକ ପୃଥକ ଭାବେ ସରକାରୀ ଉପ ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ମାନସ ଦତ୍ତ, ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି,ସମାଜସେବୀ ଙ୍କୁ ଭେଟି ସେମାନଙ୍କ ସହ ରଙ୍ଗ ଓ ଅଭିର ଆଦାନ ପ୍ରଦାନ କରିଥିଲେ। ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ଏବଂ ଆଗାମୀ ବଂଶଧରଙ୍କ ମଧ୍ୟରେ ରାଜ୍ୟର କଳା ସଂସ୍କୃତି ଓ ପରମ୍ପରା ସଂପର୍କରେ ଅବଗତ କରାଇବା ହେଉଛି ଏହି ଦିବସ ପାଳନ ର ତାତ୍ପର୍ଯ୍ୟ ବୋଲି ବିଶିଷ୍ଟ ବ୍ୟକ୍ତି ମାନେ ମତବ୍ୟକ୍ତ କରିବା ସହ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭର ସଦସ୍ୟ ମାନଙ୍କ ଏଥିରେ ସାମିଲ ହେବା ସ୍ୱାଗତ ଯୋଗ୍ୟ ବୋଲି କହିଥିଲେ।

# ଯୁଦ୍ଧ ନୁହେଁ ଶାନ୍ତି ଚାହୁଁ ଶୀର୍ଷକରେ ପଥପ୍ରାନ୍ତ ସଭା




ବାଲେଶ୍ୱର, ୦୫/୩ (ନି.ପ୍ର): 'ଯୁଦ୍ଧ ନୁହେଁ ଶାନ୍ତି ଚାହୁ, ମୃତ୍ୟୁ ନୁହେଁ ଜୀବନ ଚାହୁଁ' ଶୀର୍ଷକରେ ସୋମବାର ସନ୍ଧ୍ୟାରେ ସ୍ଥାନୀୟ ବିଚାରଗଞ୍ଜ ଛକ ପାଖରେ ଏକ ପଥପ୍ରାନ୍ତ ସଭା ହୋଇଯାଇଛି। ଇରାନ୍ ଉପରେ ଆମେରିକା ଓ ଇସ୍ରାଏଲ୍‌ର ସାମରିକ ଆକ୍ରମଣକୁ ସଭାରେ ଦୃଢ଼ ନିନ୍ଦା କରି ବାମପନ୍ଥୀ ଓ ଗାନ୍ଧି ଶାନ୍ତି ପ୍ରତିଷ୍ଠାନର ନେତୃମଣ୍ଡଳୀ ବକ୍ତବ୍ୟ ଦେଇଥିଲେ। ସିପିଆଇର ଜିଲ୍ଲା ସଂପାଦକ ଭାଗବତ ପ୍ରତିହାରୀ, ସିପିଆଇ (ଏମ୍)ର ଜିଲ୍ଲା ସଂପାଦକ ଶିଶିର ହୁଇ ଗାନ୍ଧି ଶାନ୍ତି ପ୍ରତିଷ୍ଠାନର ଅନ୍ୟତମ ଆବାହକ ଆଇନଜୀବୀ ମହମ୍ମଦ ଇସଲାମଙ୍କ ସମେତ ନିର୍ମଳ ନାୟକ, ଶ୍ୟାମସୁନ୍ଦର ଜେନା, ପ୍ରେମ ରଂଜନ ପାତ୍ର, ଜତିନ୍ ପାତ୍ର ପ୍ରମୁଖ ଏହି ଯୁଦ୍ଧ ଫଳରେ ଭାରତବର୍ଷ କିପରି ପ୍ରଭାବିତ ହେବ ଓ ପେଟ୍ରୋଲିୟମ୍‌ଯାତ ସାମଗ୍ରୀ ଓ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ଦରବୃଦ୍ଧି ଘଟିବ ବୋଲି ସେମାନେ କହିଥିଲେ। ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଇସ୍ରାଏଲ୍ ଇରାନ୍ ଉପରେ କରାଯାଇଥିବା ଯୋଜନାବଦ୍ଧ ଏକତରଫା ଆକ୍ରମଣ ଘଟଣା ଆନ୍ତର୍ଜାତୀୟ ଆଇନ ଓ ଜାତିସଂଘ ସମ୍ବିଧାନର ମୌଳିକ ନୀତିକୁ ଗୁରୁତର ଉଲଙ୍ଘନ କରୁଛି ଏବଂ ଏହି ଯୁଦ୍ଧ ଫଳରେ ବହୁ ବେସାମରିକ ଲୋକଙ୍କ ମୃତ୍ୟୁ ଘଟଣାକୁ ସେମାନେ ଦୃଢ଼ ନିନ୍ଦା କରିଛନ୍ତି। ବିଶ୍ୱର ସମସ୍ତ ତୈଳ ସମ୍ପଦର ମାଲିକ ହେବାକୁ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ୍ ଯେଉଁଭଳି ଉଦ୍ୟମ କରୁଛନ୍ତି ତାହା ତୃତୀୟ ବିଶ୍ୱଯୁଦ୍ଧ ପାଇଁ ପରିସ୍ଥିତି ସୃଷ୍ଟି କରୁଛି। ଆମ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇସ୍ରାଏଲ୍ ଗସ୍ତ କରିବାର ମାତ୍ର କିଛି ଘଣ୍ଟା ପରେ ଇସ୍ରାଏଲ୍ ଏହି ଆକ୍ରମଣ କରିଥିବାରୁ ଭାରତ ସରକାରଙ୍କର ଉକ୍ତ ଯୁଦ୍ଧ ପ୍ରତି ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ଓ ନୀତି ଘୋଷଣା କରିବା ଉଚିତ। ବିଦେଶରେ ରହୁଥିବା ଭାରତୀୟମାନଙ୍କ ସୁରକ୍ଷା ଦିଗରେ ସରକାରୀ କାର୍ଯ୍ୟାନୁଷ୍ଠାନ ତୁରନ୍ତ ଘୋଷଣା ହେବା ଉଚିତ ବୋଲି ବକ୍ତାମାନେ ମତ ଦେଇଥିଲେ। ଏହି ପଥପ୍ରାନ୍ତ ସଭାରେ ବରିଷ୍ଠ ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ ଅଧକ୍ଷତା କରିଥିବାବେଳେ ବନ୍ଦନା ବିଶ୍ୱାସ ଧନ୍ୟବାଦ ଦେଇଥିଲେ। ଷ୍ଟାଲିନ୍ ମିଶ୍ର ସ୍ୱରଚିତ କବିତା 'ଟ୍ରମ୍ପ୍ ହୁଅ ହୁସିଆର' ଶୀର୍ଷକ କବିତା ପାଠ କରିଥିଲେ।

# କିସ୍ ମୟୂରଭଞ୍ଜରେ ବାହା ପରବ ପାଳିତ



ମୟୂରଭଞ୍ଜ, ୦୫/୩ (ନି.ପ୍ର): ମୟୂରଭଞ୍ଜର ଅନ୍ୟତମ ପ୍ରମୁଖ ଶିକ୍ଷାନୁଷ୍ଠାନ କିସ୍ ଆବାସିକ ବିଦ୍ୟାଳୟ ଠାରେ ଧୁମ୍ ଧାମରେ ସାନ୍ତାଳୀ ସମ୍ପ୍ରଦାୟର ବିଶିଷ୍ଟ ପର୍ବ 'ବାହା ବଙ୍ଗା' ପାଳିତ ହୋଇଯାଇଛି । ପାରମ୍ପରିକ ପୂଜାର୍ଚ୍ଚନା ପରେ ଛାତ୍ରୀ ମାନେ ଆଦିବାସୀ ନୃତ୍ୟରେ ନିଜକୁ ସାମିଲ କରିଥିଲେ।ଆଦିବାସୀ ମାନଙ୍କ ସଂସ୍କୃତି ଓ ପରମ୍ପରାର ସୁରକ୍ଷା ତଥା ପ୍ରଚାର ପ୍ରସାର ପାଇଁ ପ୍ରତିଷ୍ଠାତା ଡ଼ଃ ଅଚ୍ୟୁତ ସାମନ୍ତ ସର୍ବଦା ବିଶେଷ ଧ୍ୟାନଦେଇଥାନ୍ତି ବୋଲି ପ୍ରଧାନ ଶିକ୍ଷକ ଗଣେଶ ମିଶ୍ର ସୂଚନା ଦେଇଛନ୍ତି । ଆଦିବାସୀ ଛାତ୍ରୀ ମାନଙ୍କୁ ତାଙ୍କର ସଂସ୍କୃତି ଓ ପରମ୍ପରା ସମ୍ବନ୍ଧରେ ଅବଗତ କରାଇବା ଆମର କର୍ତ୍ତବ୍ୟ ବୋଲି ଉପସ୍ଥିତ ଅତିଥି ମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମ ଆୟୋଜନ କରିବାରେ ବିଦ୍ୟାଳୟ ଉନ୍ନୟନ ଅଧିକାରୀ ସ୍ମୃତି ରଞ୍ଜନ ରାୟ, କ୍ରୀଡା ଶିକ୍ଷକ ବିଷ୍ଣୁପ୍ରିୟା ନାୟକ, ଶିକ୍ଷକ ଚକ୍ରଧର ମହାନ୍ତ, ସୁନାରାମ ହେମ୍ବ୍ରମ, ଜୟନ୍ତୀ ଧାଉଁରିଆ, ମାଳତୀ ମୁର୍ମୁ, ଚମ୍ପାମଣୀ ସୋରେନ, ରୋଜାଲିନ ମହାନ୍ତି, ସସ୍ମିତା ସ୍ୱାଇଁ, ବିକାଶ ମହାନ୍ତ, ଶ୍ୟାମାପଦ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ ।

# ଇଞ୍ଜେକସନ ନେଲା ପରେ ଟଳି ପଡ଼ିଲେ ଯୁବକ: ହସ୍‌ପିଟାଲରେ ମୃତ୍ୟୁ

ବୌଦ୍ଧ , ୦୫/୩ (ନି.ପ୍ର): ବୌଦ୍ଧ ଜିଲ୍ଲାର ପୁରୁଣା କଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସେ ହେଲେ ପୁରୁଣା କଟକ ଅଞ୍ଚଳର ସୁବ୍ରତ ନାୟକ(୨୩)। ଭୁଲ ଇଞ୍ଜେକସନରୁ ତାଙ୍କର ମୃତ୍ୟୁ ହୋଇଥିବା ପରିବାରବର୍ଗ ଅଭିଯୋଗ କରିଛନ୍ତି। ପରିବାର ଲୋକଙ୍କ ଅଭିଯୋଗ ମୁତାବକ, ସୁବ୍ରତଙ୍କ ହାତ କୁଣ୍ଡିଆ ହେଉଥିଲା। ସେଥିପାଇଁ ଆଜି ସକାଳେ ସେ ପୁରୁଣା କଟକ ଡାକ୍ତରଖାନା ଯାଇ ଡାକ୍ତରଙ୍କୁ ଦେଖାଇଥିଲେ। ପ୍ରେସକ୍ରିପସନ୍ ଅନୁସାରେ କେହି ନର୍ସ ତାଙ୍କୁ ଇଞ୍ଜେକସନ ଦେଇଥିଲେ। ହେଲେ ସେଠାରୁ ବାହାରି ଆସିଲା ବେଳକୁ ହଠାତ୍ ସେ ଅଚେତ୍ ହୋଇ ତଳେ ପଡ଼ିଗଲେ। ଡ଼ାକ୍ତରଖାନାରୁ କେହି ଜଣେ ଫୋନ୍ କରି ପରିବାର ଲୋକଙ୍କୁ ଡ଼କାଇଥିଲେ। ତାଙ୍କୁ ଅଧିକ ଚିକିତ୍ସା ପାଇଁ ଆମ୍ବୁଲାନ୍ସରେ ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭୁଲ ଇଞ୍ଜେକସନ ରୁ ସୁବ୍ରତଙ୍କ ମୃତ୍ୟୁ ହୋଇଥିବା ପରିବାରବର୍ଗ ଅଭିଯୋଗ କରୁଛନ୍ତି। ତେବେ ଶବ ବ୍ୟବଚ୍ଛେଦ ପରେ ଯାଇ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସିଡିଏମଓ ପ୍ରକାଶ କରିଛନ୍ତି।

# ବିଜୁଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜଣାଇଲେ ମୋଦୀ-ନବୀନ



ଭୁବନେଶ୍ୱର, ୦୫/୩ (ନି.ପ୍ର): ଆଜି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀରେ ପ୍ରଧାନମନ୍ତ୍ରୀଙ୍କ ସମେତ ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜ ଟ୍ୱିଟରେ ଲେଖିଛନ୍ତି ଯେ, 'ଆଜି ଶ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ମୁଁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ଏବଂ ଓଡିଶାର ପ୍ରଗତିକୁ ଆଗେଇ ନେବା ପାଇଁ ତାଙ୍କ ପ୍ରୟାସକୁ ସ୍ମରଣ କରୁଛି' । ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଟ୍ୱିଟ କରି ଲେଖିଛନ୍ତି ଯେ,'ବିଶିଷ୍ଟ ରାଜନେତା, ସ୍ୱାଧୀନତା ସଂଗ୍ରାମୀ, ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଭକ୍ତିପୂତ ପ୍ରଣାମ'। ସେହିପରି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଫରେଷ୍ଟ ପାର୍କରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହା ସହ ନବୀନ ଟ୍ୱିଟ କରି ଲେଖିଛନ୍ତି ଯେ' ମହାନ ଜନନାୟକ, ଓଡ଼ିଆଙ୍କ ସ୍ୱାଭିମାନ, ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି ଜଣାଉଛି। ତାଙ୍କ ଆଦର୍ଶରେ ବିଜୁ ଜନତା ଦଳର ପ୍ରତିଟି କର୍ମୀ ଓଡ଼ିଶା ମା'ର ସେବାରେ ସର୍ବଦା ସମର୍ପିତ। ସଭିଙ୍କୁ ସାଥିରେ ନେଇ ଶ୍ରେଷ୍ଠ ଓଡ଼ିଶା ଗଠନର ତାଙ୍କ ମୂଲ୍ୟବୋଧ ଆମ ସମସ୍ତଙ୍କ ପାଇଁ ଚିର ପ୍ରେରଣାର ଉତ୍ସ'।

# ଦାଉ ସାଧିଲେଣି ମଶା: ଗମ୍ବୁସିଆ ମାଛ ମଶା ନିୟନ୍ତ୍ରଣ ଅଭିଯାନ ବିଫଳ



ପୁରୀ, ୦୫/୩ (ନି.ପ୍ର): ପୁରୀ-୧ରେ ମାଙ୍କଡ଼ଙ୍କ ଦୌରାତ୍ମ୍ୟରୁ ତ୍ରାହି ମିଳୁନି କି ପୁରୀ-୨ରେ ମଶାଙ୍କ ପ୍ରାଦୁର୍ଭାବରେ ଶୋଇ ହେଉନି। ଦିନ ହେଉ ଅବା ରାତି। ଘର ହେଉ କି ଦୋକାନ। ବସିବା ମାତ୍ରେ ପାଖକୁ ପଙ୍ଗପାଳ ଭଳି ମାଡ଼ି ଆସୁଛନ୍ତି। ହାତ, ମୁହଁ କେଉଁଠିକି ବାଦ ଦେଉନାହାନ୍ତି। ସହର ମଧ୍ୟରେ ନଈ, ନାଳ ଓ ପୁଷ୍କରିଣୀ ପ୍ରଦୂଷିତ ହୋଇ ମଶା ବଂଶ ବଢ଼ିଚାଲିଛି। ମଶା ନାଶକ ତେଲ ପ୍ରୟୋଗ କରାଯାଉଥିବା ଫଟୋ ସୋସିଆଲ ମିଡିଆରେ ବୁଲୁଛି। କିନ୍ତୁ ପୌରପାଳିକାର ମଶା ଧୂଆଁ ମଶାଙ୍କୁ ନିପାତ କରିପାରୁନାହିଁ। ନିୟମିତ ମଶା ଧୂଆଁ କିମ୍ବା ଟିଫା ମେସିନ ବୁଲୁନାହିଁ। ଡେଙ୍ଗୁ ଓ ମାଲେରିଆ ରୋଗୀ ଚିହ୍ନଟ ହେଉଛନ୍ତି। ପୁରୀରେ ମଶାଙ୍କ ଦାଉ ଅସହ୍ୟ ହେବାରୁ ଗମ୍ବୁସିଆ ମାଛ ଜରିଆରେ ଏହାର ସମାଧାନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୩ ବର୍ଷ ହେଲା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗମ୍ବୁସିଆ ମାଛ ଚାଷ ହେଉଛି। ମାତ୍ର ମଶାଙ୍କ ଦାଉ ନିୟନ୍ତ୍ରଣକୁ ଆସିବା ତ ଦୂରର କଥା କେଉଁଠି କ୍ଷଣେ ଛିଡ଼ା କରେଇ ଦେଉନାହାଁନ୍ତି। ଏନେଇ କୁମ୍ଭାରପଡ଼ାର ବାସିନ୍ଦା ପୂର୍ଣ୍ଣଚନ୍ଦ୍ର ମହାନ୍ତି କହିଛନ୍ତି, ଅଠରନଳା ନିକଟରେ ବସବାସ କରୁଥିବା ଲୋକଙ୍କ ପାଇଁ ଅଭିଶାପ ପାଲଟିଛି ମୂଷା ନଈ ଓ ମଶା। ମୂଷା ନଈ ନାଳରେ ପରିଣତ ହୋଇ ମଶାଙ୍କ ବଂଶ ବଢ଼ାଇବା ପାଇଁ ଅନୁକୂଳ ପାଲଟିଛି। ଅଠରନଳାରୁ ଧରି ହୁଳୁହୁଳିଆ ପୋଲ ଯାଏ ସହର ଯାକର ଆବର୍ଜନା ପାଣି ସହ କଲିକତି ଦଳ ଯୋଗୁଁ ମଶାଙ୍କ ଦାଉ ବଢ଼ିବଢ଼ି ଚାଲିଛି। ମଶା ଧୂଆଁ ଆଦୌ ସ୍ପ୍ରେ ହେଉନାହିଁ ବୋଲି ସେ କହିଛନ୍ତି। ସହର ମଧ୍ୟରେ ଅଧିକାଂଶ ନାଳ ଖୋଲାମେଲାରେ ପଡ଼ିଛି। ଜଳାଶୟଗୁଡ଼ିକ ମଧ୍ୟ ଦଳ ଓ ପ୍ଲାଷ୍ଟିକରେ ଭର୍ତ୍ତି ହୋଇଗଲାଣି। ଯେପର୍ଯ୍ୟନ୍ତ ନଈ, ନାଳର ସ୍ଥିତି ସୁଧୁରି ନାହିଁ। ସେପର୍ଯ୍ୟନ୍ତ ମଶାରୁ ନିସ୍ତାର ନାହିଁ। ତେବେ ମଶାଙ୍କୁ ନିୟନ୍ତ୍ରଣ କରିବା ପାଇଁ ମଶା ତେଲ ଅନ୍ତତଃ ନିୟମିତ ପ୍ରୟୋଗ ହେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ବାରମ୍ବାର ଅଭିଯୋଗ ଓ ଅନୁରୋଧ ପରେ କିଛି ଜାଗାରେ ଟିଫା ମେସିନ୍ ବୁଲିଛି ସତ, କିନ୍ତୁ ତାହା କେବଳ ଧର୍ମକୁ ଆଖିଠାର ଭଳି। ସହର ମଧ୍ୟରେ ୩୦ଟି ୱାର୍ଡ ପାଇଁ ରହିଛି ମାତ୍ର ୨ଟି ଟିଫା ମେସିନ୍। କିନ୍ତୁ ମଶାଙ୍କ ସାନ୍ଦ୍ରତା ଅର୍ଥାତ ଗୋଟିଏ ଘନଫୁଟ ଅଞ୍ଚଳରେ କେତେ ମଶା ଅଛନ୍ତି ତା'ର ଅନୁଧ୍ୟାନ କରାନଯାଉନଥିବାରୁ ଏବଂ ମଶା ବଂଶ ବିସ୍ତାର କରୁଥିବା ଜାଗାଗୁଡ଼ିକ ଚିହ୍ନଟ କରାଯାଉନଥିବାରୁ ମଶା ନାଶକ ମିସନ ଫେଲ୍ ମାରିଛି। ଅନ୍ୟପକ୍ଷରେ ନାଳମାନଙ୍କରେ ମଶାମାନଙ୍କର ବଂଶ ବିସ୍ତାର ରୋକିବାକୁ ଟେମେଫସ୍ ଓ ଏମ୍‌ଏଲ୍ ତେଲ ସ୍ପ୍ରେ କରାଯାଉଥିବା ପୁରୀ ପୌରପାଳିକା ପକ୍ଷରୁ କୁହାଯାଉଛି। ଯଦି ମଶା ନାଶ ପାଇଁ ଏତେ ବ୍ୟବସ୍ଥା ହେଉଛି, ତେବେ ପୁଣି ଏତେ ମଶାଙ୍କ ଉତ୍ପତ୍ତି କେଉଁଠୁ ହେଉଛି ? ଏହାର କାରଣ ନଖୋଜି କେବଳ ଟିଫା ମେସିନ୍ ବୁଲାଇ ଦେଲେ କି ମନ ଇଚ୍ଛା ଯେଣେତେଣେ ମଶା ନାଶକ ତେଲ ପ୍ରୟୋଗ କରିଦେଲେ ଏ ସମସ୍ୟାରୁ ତ୍ରାହି ମିଳିବ କି ବୋଲି ବାସିନ୍ଦାମାନେ ଯୁକ୍ତି ବାଢ଼ିଛନ୍ତି। କିଛି ମାସ ତଳେ ଡେଙ୍ଗୁର ମାତ୍ରା ବଢ଼ିବା ପରେ ଏନେଇ ସଜାଗ ଓ ସଚେତନ ରହିବାକୁ ପ୍ରଚାର କରାଯାଇଥିଲା। କିନ୍ତୁ ମଶାଙ୍କୁ ନିୟନ୍ତ୍ରଣକୁ ଆଣିବା ନେଇ କାର୍ଯ୍ୟାନ୍ୱୟନ ଶୂନ। ତୁରନ୍ତ ଏଦିଗରେ ପଦକ୍ଷେପ ନେବାକୁ ବାସିନ୍ଦାମାନେ ଦାବି କରିଛନ୍ତି।

# ବିଦ୍ୟାଳୟରେ ଅଧପନ୍ତରିଆ ନିର୍ମାଣର ପୂର୍ଣ୍ଣାଙ୍ଗ ଦାବି

ଓଡ଼ଗାଁ, ୦୫/୩ (ନି.ପ୍ର): ଓଡ଼ଗାଁ ବ୍ଲକ୍ ରୋହିବାଙ୍କ ଉଚ୍ଚ ବିଦ୍ୟାଳୟରେ ଅଧପାନ୍ତରିଆ କାମକୁ ସଂପୂର୍ଣ୍ଣ ଦର୍ଶାଇ ଅର୍ଥ ଆତ୍ମସାତ୍ ହୋଇଥିବା ଅଭିଯୋଗ ହୋଇଛି। ଫଳରେ ଅନେକ ଦିନ ଧରି ଗୋଟିଏ କୋଠରିରେ ୪ଶ୍ରେଣୀର ୭୦ ଛାତ୍ରଛାତ୍ରୀ ବସି ପାଠପଢୁଛନ୍ତି। ଅଭିଯୋଗ ଅନୁଯାୟୀ, ରୋହିବାଙ୍କ ବିଦ୍ୟାଳୟର ଉନ୍ନତି ପାଇଁ ୨୦୨୨-୨୩ ମସିହାରେ ୩ଲକ୍ଷ ୧୦ ହଜାର ଟଙ୍କା ଆସିଥିଲା। ୨୦୨୪-୨୫ ମସିହାରେ ଅତିରିକ୍ତ ଶ୍ରେଣୀଗୃହ ପାଇଁ ୩ଲକ୍ଷ ୪୩ ହଜାର ଟଙ୍କା ଏବଂ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ୪ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ମୋଟ ୧୦ ଲକ୍ଷ ୫୩ ହଜାର ଟଙ୍କା କାମକୁ ଶାଗମାଛ ଭାବେ କାମ କରି ସାରି ଦେଇଛି ଠିକାଦାର। ଅନ୍ୟ ଏକ ଟେଣ୍ଡରର କାମ ୧୮ଲକ୍ଷ ୩୩ହଜାର ଟଙ୍କାରେ ମଧ୍ୟ କାମ କରାଯାଉଛି। 'ବିକଶିତ ଗାଁ ବିକଶିତ ଓଡ଼ିଶା' କାମ ଅତ୍ୟନ୍ତ ନିମ୍ନମାନର କରାଯାଇଛି। ଅର୍ଦ୍ଧନିର୍ମିତ ଶ୍ରେଣୀଗୃହ କାନ୍ଥରୁ ସିମେଣ୍ଟ ପଲସ୍ତରା ଖସି ପଡୁଛି। ଗୁରୁତ୍ୱପୂର୍ଣ୍ଣ, ଗୋଟିଏ ଶ୍ରେଣୀ ଗୃହରେ ୪ଟି ଶ୍ରେଣୀର ୭୦ ଜଣ ଛାତ୍ରଛାତ୍ରୀ ବସି ଅଧ୍ୟୟନ କରୁଛନ୍ତି। ସେହିପରି ସିଡ଼ି ସଂପୂର୍ଣ୍ଣ ହୋଇନଥିବାରୁ ଛାତ୍ରଛାତ୍ରୀଙ୍କ ଯିବା ଆସିବା କରିବାରେ ଅସୁବିଧା ସୃଷ୍ଟି ହେଉଛି। ଶ୍ରେଣୀ ଗୃହ କଳାପଟା ତିଆରି ହୋଇନଥିବା ବେଳେ ବିଦ୍ୟୁତ୍ ସଂଯୋଗ କରାଯାଇନାହିଁ। ଆଶ୍ଚର୍ଯ୍ୟର କଥା ହେଉଛି ଅଧପାନ୍ତରିଆ ଅବସ୍ଥାରେ ଶ୍ରେଣୀଗୃହ ଥିଲେ ମଧ୍ୟ ବିଲ ଉଠାଇ ନିଆଯାଇଛି। ଏବେ ଖରାଦିନ ହୋଇଥିବାରୁ ଗୋଟିଏ ଶ୍ରେଣୀଗୃହରେ ୪ଟି ଶ୍ରେଣୀର ଛାତ୍ରଛାତ୍ରୀ ବସି ପାଠପଢ଼ିବା କଷ୍ଟକର ହୋଇପଡ଼ିଛି। ତୁରନ୍ତ ଅଧପାନ୍ତରିଆ କାମ ସଂପୂର୍ଣ୍ଣ କରି ଛାତ୍ରଛାତ୍ରୀଙ୍କୁ ଅତିରିକ୍ତ ଶ୍ରେଣୀଗୃହ ଯୋଗାଇବାକୁ ଦାବି ହୋଇଛି।

# ହକ୍ ମାଗିବାରୁ ମହିଳାଙ୍କୁ ମାଡ଼: ଆବାସ ପାଇଁ ମଧ୍ୟପ୍ରଦେଶରୁ ଡାକି ଫାଙ୍କିଦେଲା ଖଣ୍ଡପଡ଼ା ଏନ୍‌ଏସି



ଖଣ୍ଡପଡ଼ା, ୦୫/୩ (ନି.ପ୍ର): 'ଆପଣଙ୍କର ପ୍ରଧାନମନ୍ତ୍ରୀ ଆବାସ ଆସିଛି, ଖଣ୍ଡପଡ଼ା ଆସିଲେ ଫଟୋ ଉଠାଇ କାର୍ଯ୍ୟାଦେଶ ଦିଆଯିବ'। ଏଭଳି ଢଙ୍ଗରେ ଫୋନ ଯୋଗେ ବାରମ୍ବାର ହିତାଧିକାରୀଙ୍କୁ ଡାକିଲେ। ଖଣ୍ଡପଡ଼ାରେ ମହିଳା ହିତାଧିକାରୀ ପହଞ୍ଚିବା ପରେ ଆବାସ କାଟିଦିଆଯାଇଥିବା କହି ଭଣ୍ଡାଇଲେ। ଆଉ ପ୍ରତିବାଦ କରିବାରୁ ହିତାଧିକାରୀଙ୍କ ନାମରେ ଥାନାରେ ଏତଲା ଦେଇଛନ୍ତି ଏନ୍‌ଏସି କର୍ତ୍ତୃପକ୍ଷ। ଖଣ୍ଡପଡ଼ା ଏନ୍‌ଏସିରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଥିବା ବେଳେ ହାତ ପାହାନ୍ତାରେ ସରକାରୀ ଯୋଜନା ଧୂଆଁବାଣ ବୋଲି ମତପ୍ରକାଶ ପାଇଛି। ମିଳିଥିବା ଅଭିଯୋଗ ଅନୁଯାୟୀ ଖଣ୍ଡପଡ଼ା ସହରାଞ୍ଚଳ ୧୦ ନଂ ୱାର୍ଡ ଅଧୀନ ବ୍ରାହ୍ମଣସାହିର ମାନସୀ ରାଣୀ ମିଶ୍ର (୫୦) ଆବାସ ଯୋଜନା ପାଇଁ ବର୍ଷବର୍ଷ ଧରି ଗୁହାରି କରି ଆସୁଛନ୍ତି। ତେବେ ବର୍ଷକ ତଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତାଙ୍କୁ ସାମିଲ କରାଯାଇଥିବା ନେଇ ସୂଚନା ଦିଆଯାଇଥିବା ବେଳେ ଏଥିପାଇଁ ଆବଶ୍ୟକ କାଗଜପତ୍ର ଜମା କରିଥିଲେ। ମାତ୍ର ବିଭିନ୍ନ ଆଳ ଦେଖାଇ ତାଙ୍କୁ ଏଥିରୁ ବାରମ୍ବାର ବଞ୍ଚିତ କରାଯାଇଥିଲା। ପରବର୍ତ୍ତୀ ସମୟରେ ରୋଜଗାର ଅନ୍ୱେଷଣରେ ପରିବାର ବର୍ଗ ରାଜ୍ୟ ବାହାରେ ସୁଦୂର ମଧ୍ୟପ୍ରଦେଶ ରାଜ୍ୟର ଇନ୍ଦୋର ସହରରେ ରହୁଛନ୍ତି। ଗତ କିଛି ଦିନ ତଳେ ପୁନର୍ବାର ଆବାସ ଯୋଜନାରେ ସାମିଲ କରାଯାଇଥିବା ନେଇ ଏନ୍‌ଏସି ପକ୍ଷରୁ ଫୋନ୍ ଯୋଗେ ଅବଗତ କରିଥିଲେ ଗୋଷ୍ଠୀ ସଙ୍ଗଠିକା ସ୍ରୋତସ୍ୱିନୀ ନାୟକ। ଏହିକ୍ରମରେ ପ୍ରାୟ ୧୩ ଶହ କିମି ଦୂରରୁ ମାନସୀ ନିଜ ପରିବାର ସହିତ ଖଣ୍ଡପଡ଼ା ଫେରିବା ପରେ ଏବେ ଭୁଆଁ ବୁଲାଉଛି ଏନ୍‌ଏସି ପ୍ରଶାସନ। ଗତ ଶୁକ୍ରବାର ଏନ୍‌ଏସି କାର୍ଯ୍ୟାଳୟରେ ଆବାସ ବାବଦରେ ସୂଚନା ପାଇଁ ଯାଇଥିବା ଶ୍ରୀମତୀ ମିଶ୍ର ଏବଂ ତାଙ୍କ ପୁଅ ରିତେଶ ମିଶ୍ରଙ୍କୁ ସିଓ ସ୍ରୋତସ୍ୱିନୀ ନାୟକ, ସିନିୟର ଆସିଷ୍ଟାଣ୍ଟ ବିପିନ ବିହାରୀ ପଟ୍ଟନାୟକ ଦୁର୍ବ୍ୟବହାର କରିଥିବା ନେଇ ଅଭିଯୋଗ ହୋଇଛି। କେଉଁ କାରଣରୁ ସେମାନଙ୍କୁ ଆବାସ ଯୋଜନାରୁ ବାଦ ଦିଆଗଲା ତାକୁ ନେଇ ପ୍ରଶ୍ନ କରିବାରୁ ଉଭୟ ଅଧିକାରୀ ଉତ୍କ୍ଷିପ୍ତ ହୋଇଉଠିବା ସହିତ ମହିଳାଙ୍କୁ ଧକ୍କା ମାରି ଚପଲ୍‌ରେ ବାଡ଼େଇଥିବା ଥାନାରେ ଅଭିଯୋଗ ହୋଇଛି। ଗତ ବର୍ଷେରୁ ଅଧିକ ସମୟ ଧରି ହିତାଧିକାରୀଙ୍କୁ ଭଣ୍ଡାଇଥିବା ଏନ୍‌ଏସି ପ୍ରଶାସନ ଶେଷରେ ଆବାସ ବଦଳରେ ଥାନାରେ ଏତଲା କରିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏ ନେଇ ଶ୍ରୀମତୀ ମିଶ୍ର ମୁଖ୍ୟମନ୍ତ୍ରୀ, ନୟାଗଡ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଅଭିଯୋଗ କରିବା ସହିତ ନ୍ୟାୟ ଭିକ୍ଷା କରିଛନ୍ତି। ଘଟଣା ବାବଦରେ ଏନ୍‌ଏସି ନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ରଙ୍କୁ ପଚାରିବାରେ ମହିଳା ହିତାଧିକାରୀ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିଥିବା ଯୋଗୁ ଥାନାରେ ଏତଲା ହୋଇଥିବା ନେଇ ପ୍ରତିକ୍ରିୟା ରଖିଛନ୍ତି। ତେବେ ଜିଲ୍ଲା ପ୍ରଶାସନ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରିବାକୁ ଶ୍ରୀମତୀ ମିଶ୍ର ଓ ପରିବାର ବର୍ଗ ଦାବି କରିଛନ୍ତି।

# ପୁରୀରେ ବଢ଼ିବ ଜମି ଦର: ବସିଲା ବେଞ୍ଚ୍ ମାର୍କ ଭାଲ୍ୟୁଏସନ୍ କମିଟି ବୈଠକ



ପୁରୀ, ୦୫/୩ (ନି.ପ୍ର): ପୁରୀରେ ଜମି ଦର ବଢ଼ିବ। ପୁରୀ ମହାନଗର ନିଗମ ପାଇଁ ଶେଷ ସ୍ପର୍ଶ ନେଉଥିବା ବେଳେ ଆଜି ବେଞ୍ଚ ମାର୍କ ଭାଲ୍ୟୁଏସନ କମିଟି ବୈଠକ ବସି ଦର ବଢ଼ାଇବା ପାଇଁ ନିଷ୍ପତ୍ତି ନେଇଛି। ଖୁବ୍‌ଶୀଘ୍ର ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ସହ ସର୍ବସାଧାରଣଙ୍କ ଠାରୁ ଆପତ୍ତି ଓ ପ୍ରସ୍ତାବ ଆହ୍ୱାନ କରାଯିବାକୁ ଯୋଜନା ହୋଇଛି। ସର୍କିଟ୍ ହାଉସ୍‌ରେ ବସିଥିବା ବୈଠକରେ ଉପଜିଲ୍ଲାପାଳ, ସବ୍‌ରେଜିଷ୍ଟ୍ରାର, ତହସିଲ୍ ଓ ପୌରସଂସ୍ଥାର ପ୍ରତିନିଧିମାନଙ୍କୁ ନେଇ ଏହି ଦର ଉପରେ ଆଲୋଚନା ହୋଇଛି। ପୁରୀ ମହାନଗର ନିଗମରେ ସୀମାନ୍ତ ୯ ପଞ୍ଚାୟତର ୩୪ଟି ରାଜସ୍ୱ ଗ୍ରାମକୁ ସାମିଲ୍ କରାଯାଇଛି। ପୌରସଂସ୍ଥାର ୩୧ ୱାର୍ଡ ଓ ଏହି ୩୪ ଗ୍ରାମକୁ ନେଇ ୩୯ ୱାର୍ଡ ଗଠନ କରାଯାଇଛି। ନୂଆ କରି ସାମିଲ୍ ହୋଇଥିବା ଗାଁ ଗୁଡ଼ିକରେ ଜମି କିଣାବିକା ହୁ ହୁ ହୋଇ ବଢ଼ିଯାଇଛି। ଅନେକ ବ୍ୟବସାୟୀ ଆଖି ବୁଜି ଜମି କିଣୁଛନ୍ତି। ଯେତେ ଦର ହେଲେ ବି ମହାନଗର ନିଗମ ଅଞ୍ଚଳରେ ଜମି କିଣିବାକୁ ମୂଳ ମାଲିକଙ୍କୁ ଖୋଜିବାରେ ଲାଗିଛନ୍ତି। ଯେଉଁଠି ଏକର ପିଛା ୧୦ ଲକ୍ଷ ଥିଲା ସେଠାରେ ୨ କୋଟି ଦେଇ ଜମି କିଣୁଛନ୍ତି। ଏଭଳି ପରିସ୍ଥିତି ଦେଖି ଏହି ଅଞ୍ଚଳରେ ସରକାରୀ ଦର ଧାର୍ଯ୍ୟ କରିବା ପାଇଁ ଯୋଜନା ହୋଇଛି। ଆଜି ବସିଥିବା ବୈଠକରେ ଦର ବଢ଼ାଇବା ପାଇଁ ପ୍ରସ୍ତାବ ଆସିଛି। ଗୋପୀନାଥପୁର ପଞ୍ଚାୟତରେ ଏକର ପିଛା ୧୨ ଲକ୍ଷ ରହିଥିଲା। ଏହାର ୩ ଗୁଣ ବଢ଼ିବାକୁ ଯାଉଛି। କାରଣ ଏହି ଅଞ୍ଚଳରେ ବେଞ୍ଚ ମାର୍କ ଭାଲ୍ୟୁଏସନର ୩ ଗୁଣରୁ ଅଧିକା ଦରରେ ଜମି ପଞ୍ଜୀକରଣ ହୋଇଥିବା ରେକର୍ଡ ରହିଛି। ସେହିଭଳି ନୂଆ କରି ମହାନଗର ନିଗମରେ ମିଶିଥିବା ମୋହିନୀପୁରରେ ଏବେ ଜମି ଦର ଏକର ପିଛା ୨କୋଟି ୫୦ ଲକ୍ଷ ରହିଛି। ମେଡିକାଲ୍ କଲେଜ୍ ଓ ମହାନଗର ନିଗମରେ ସାମିଲ୍ ହେବା ପରେ ଏଠାରେ ଏକ ବର୍ଷ ହେବ ଏହି ଦରର ତିନିଗୁଣରୁ ଅଧିକ ଦରରେ ଜମି ବିକ୍ରି ହେଉଛି। ସେହିଭଳି ଆଳିକିଆରେ ଏକର ପିଛା ୩କୋଟି ୯୦ଲକ୍ଷ ଦର ରହିଛି। ଅଠରନଳାରେ ଦର ଏକର ପିଛା ୧୦କୋଟି ରହିଥିବା ବେଳେ ସମଙ୍ଗରେ ୪କୋଟି ୫୦ଲକ୍ଷ ରହିଛି। ଏଭଳି ୩୪ ରାଜସ୍ୱ ଗ୍ରାମରେ ରହିଥିବା ଜମି ଦର ବଢ଼ିବାକୁ ଯାଉଛି।

# ଡାଲଚିନିର୍ ଅଦ୍ଭୁତ ଫାଇଦା; ଏମିତି କରନ୍ତୁ ବ୍ୟବହାର, ରାତିକ୍ ଭିତରେ ଚିକ୍ ଚିକ୍ କରିବ ମୁହଁ !



ରୋଷେଇ ଘରେ ଥିବା ଡାଳଚିନି ରାତାରାତି ଚର୍ମରେ ଆଣିବ ଚମକ । ଏହାକୁ କେବଳ ଅନ୍ୟ କିଛି ଜିନିଷ ସହିତ ମିଶ୍ରଣ କରି ପ୍ରୟୋଗ କରିବାକୁ ପଡ଼ିବ। ତେବେ ଆସନ୍ତୁ ଏ ନେଇ କିଛି ଟିପ୍ସ ବିଷୟରେ ଜାଣିବା।

ଘରୁ ବାହାରେ ରହିବା ବା ଦିନସାରା ଧାଁ-ଧପଡ ଭିତରେ ଚର୍ମରେ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ। ପ୍ରଦୂଷଣ ଏବଂ ସୂର୍ଯ୍ୟକିରଣ ଚେହେରାରେ ଟ୍ୟାନିଂ ସୃଷ୍ଟିକରେ, ଯେଉଁ କାରଣରୁ ଚେହେରାର ଚମକ କମିଯାଏ ଏବଂ ଏହା ନିର୍ଜୀବ ଦେଖାଯିବା ଆରମ୍ଭ କରେ। ଏହାକୁ ଠିକ୍ କରିବା ପାଇଁ, ଅନେକ ଘରୋଇ ଉପଚାର ରହିଛି ଯାହାର ସାହାଯ୍ୟ ନିଆଯାଇପାରେ।

ଭାରତୀୟ ରୋଷେଇ ଘରେ ଡାଳଚିନି ଏକ ଅତି ପରିଚିତ ମସଲା। ଏହା ଫେସ୍ ପ୍ୟାକ୍ ଭାବରେ ମଧ୍ୟ ବ୍ୟବହୃତ ହୁଏ। ରୋଷେଇ ଘରେ ଥିବା ଏହି ଡାଳଚିନି ରାତାରାତି ଚର୍ମରେ ଚମକ ଆଣିପାରିବ। ଏହାକୁ କେବଳ ଅନ୍ୟ କିଛି ଜିନିଷ ସହିତ ମିଶ୍ରଣ କରି ପ୍ରୟୋଗ କରିବାକୁ ପଡିବ। ତେବେ ଆସନ୍ତୁ ଏ ନେଇ କିଛି ଟିପ୍ସ ବିଷୟରେ ଜାଣିବା।

ଡାଳଚିନି-ମହୁ : ଡାଳଚିନି ପାଉଡରକୁ ମହୁ ସହିତ ମିଶ୍ରଣ କରି ଆପଣ ମୁହଁରେ ଲଗାଇ ପାରିବେ। ଏହାର ମିଶ୍ରଣ ଚର୍ମକୁ ମଶ୍ଚରାଇଜ୍ କରିଥାଏ ଏବଂ ମୁହଁରେ ପଡୁଥିବା କୁଞ୍ଚନକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ଏହି ପ୍ୟାକ୍‌କୁ ମୁହଁ ସହିତ ବେକରେ ମଧ୍ୟ ଲଗାଇବାକୁ ଭୁଲନ୍ତୁ ନାହିଁ।



ଡାଳଚିନି-ଲେମ୍ବୁ ରସ :ଲେମ୍ବୁ ରସକୁ ଡାଳଚିନି ପାଉଡର ସହିତ ମିଶାଇ ଫେସ୍ ପେଷ୍ଟ୍ ପ୍ରସ୍ତୁତ କରନ୍ତୁ। ଚର୍ମକୁ ଚକ୍‌ଚକ୍ କରିବାରେ ଏହି ପେଷ୍ଟ ବହୁତ ସାହାଯ୍ୟକାରୀ। କେବଳ ଏତିକି ନୁହେଁ, ଏହା ଚର୍ମରୁ କଳା ଦାଗ ମଧ୍ୟ ଦୂର କରିଥାଏ।

ଡାଳଚିନି-ଗୋଲାପ ଜଳ : ଡାଳଚିନି ପାଉଡରକୁ ଗୋଲାପ ଜଳରେ ମିଶାଇ ଚର୍ମରେ ଲଗାଇ ପାରିବେ। ଗୋଲାପ ଜଳ ଚର୍ମର ଚଐ ସ୍ତରକୁ ସ୍ୱାଭାବିକ କରିଥାଏ। ଏହା ବ୍ୟତୀତ ଏହାର ମିଶ୍ରଣ ଚର୍ମକୁ ଥଣ୍ଡା କରିଥାଏ ଏବଂ ଚାପକୁ ମଧ୍ୟ ହ୍ରାସ କରିଥାଏ।

ଡାଳଚିନି-ଘିଁକୁଆରୀ : ଚର୍ମ ପାଇଁ ଘିଁକୁଆରୀ ରସ ବହୁତ ଲାଭଦାୟକ। ପ୍ରତ୍ୟେକ ଚର୍ମ ସମସ୍ୟାରେ ଏହା ଉପଯୋଗୀ। ମୁହଁରୁ ବ୍ରଣ ଏବଂ ଟ୍ୟାନିଂ ଦୂର କରିବା ପାଇଁ ଏହା ଘରୋଇ ଉପଚାରରେ ବ୍ୟବହୃତ ହୁଏ। ଯଦି ଚର୍ମ ଶୁଖିଲା ପଡିଯାଉଛି, ତେବେ ଘିଁକୁଆରୀ ଏବଂ





ଡାଳଚିନିର ମିଶ୍ରଣ ପ୍ରୟୋଗ କରିହେବ। ଏହା ଚର୍ମକୁ ହାଇଡ୍ରେଟ୍ କରିଥାଏ ଏବଂ ଜ୍ୱଳନରୁ ମୁକ୍ତି ଦେଇଥାଏ।

ଡାଳଚିନି-ଚନ୍ଦନ : ଡାଳଚିନି ଏବଂ ଚନ୍ଦନ ପାଉଡର ମିଶ୍ରଣ କରି ଏହାର ପେଷ୍ଟକୁ ମୁହଁରେ ବ୍ୟବହାର କଲେ ଅନେକ ଫାଇଦା ମିଳେ। ଏହାର ପେଷ୍ଟ ଚର୍ମକୁ ଥଣ୍ଡା କରିଥାଏ ଏବଂ ଏହାକୁ ଚିକ୍କଣ କରିଥାଏ।





# ଗଣ୍ଠିବାତରୁ ରକ୍ଷା କରିବ ଅମୃତଭଣ୍ଡା ଜୁସ୍

ବର୍ତମାନର ବ୍ୟସ୍ତବହୁଳ ଜୀବନରେ ଆଣ୍ଠୁଗଣ୍ଠିବାତ ଏକ ସାଧାରଣ ରୋଗ ପାଲଟିଛି। ଘରେ ଘରେ ଏବେ ଏହି ସମସ୍ୟା। କିନ୍ତୁ ଏହାକୁ ଅଣଦେଖା ନକରି ଉଚିତ୍ ଯତ୍ନ ନେଲେ ଆରୋଗ୍ୟ ସୁନିଶ୍ଚିତ। ଚାହିଁଲେ ଆପଣ ଏହାକୁ ଘରେ ବସି ଖୁବ୍ ସହଜ ଓ ସରଳ ଉପାୟରେ ଭଲ କରିପାରିବେ। ଏଥିପାଇଁ ଆପଣଙ୍କୁ କଂଚା ଅମୃତଭଣ୍ଡାର ଜୁସ୍ ସେବନ କରିବାକୁ ପଡ଼ିବ। ଗଣ୍ଠି ସମସ୍ୟା ଖୁବ୍ ଯନ୍ତ୍ରଣାଦାୟକ ହୋଇଥାଏ। କେତେବେଳେ ହାତ ବିନ୍ଧିଥାଏ ତ କେବେ ଗୋଡ଼ରେ ଯନ୍ତ୍ରଣା ଅନୁଭୂତ ହୁଏ। ନଚେତ୍ ସର୍ବଦା ଥକ୍କାପଣ, ଅନିଦ୍ରା ଓ ମାଂସପେଶୀ ଜନିତ ଯନ୍ତ୍ରଣା ଭୋଗିବାକୁ ପଡ଼େ। ଶରୀରରେ ଏଷ୍ଟ୍ରୋଜେନ୍ ଅଭାବରୁ ଏହି ସମସ୍ୟା ଉପୁଜିଥାଏ। ଏହା ଅଧିକାଂଶ ମହିଳାଙ୍କ ନିକଟରେ ଦେଖିବାକୁ ମିଳେ। ଥାଇରଏଡ଼ କାରଣରୁ ମଧ୍ୟ ଗଣ୍ଠି ବିନ୍ଧା ସମସ୍ୟା ଉପୁଜିଥାଏ। ତ୍ୱଚା କିମ୍ବା ରକ୍ତ ସମବନ୍ଧିତ ରୋଗ ହେଲେ ବି



ଅସ୍ଥିର ଯନ୍ତ୍ରଣା ଉତ୍ପନ୍ନ ହୁଏ। ପୋଷକତତ୍ୱର ଅଭାବ କାରଣରୁ ଅନେକ ଥର ରିହ୍ୟୁମେଟାଇଡ୍ ଆର୍ଥରାଇଟସ ହୋଇଥାଏ, ଯଦ୍ୱାରା ଗଣ୍ଠି ଯନ୍ତ୍ରଣା ହୋଇଥାଏ। ଏଥିରୁ ଆରୋଗ୍ୟ ପାଇଁ ବାରମ୍ବାର ଡାକ୍ତରୀ ପରାମର୍ଶ ସାଙ୍ଗକୁ ହଜାର ହଜାର ଟଙ୍କାର ଔଷଧ ସେବନ କରିବାକୁ ପଡ଼େ। କିନ୍ତୁ କମ୍ ଖର୍ଚ୍ଚରେ, ଘରୋଇ ଉପାୟରେ ଅମୃତଭଣ୍ଡା ଜୁସ୍ ପିଇଲେ ଏଥିରେ ଆରାମ ମିଳିବ। ଏଥପାଇଁ ୨ ଲିଟର ପାଣିରେ ଏକ ମଧ୍ୟମ ଆକାରର କଂଚା ଅମୃତଭଣ୍ଡାକୁ ଭଲଭାବେ ଧୋଇ ଦିଅନ୍ତୁ। ଏହାପରେ ଅମୃତଭଣ୍ଡାକୁ ଛୋଟ ଛୋଟ ପିସ୍ କରି ୫ମିନିଟ ପାଇଁ ସିଝାନ୍ତୁ। ୨ ଚାମଚ ଗ୍ରୀନ ଟିରେ ଏହାକୁ ପକାଇ କିଛି ସମୟ ଫୁଟିବାକୁ ଛାଡ଼ନ୍ତୁ। ଫୁଟିଲାପରେ ପ୍ରତିଦିନ ଏହାକୁ ଗିଲାସେ ଲେଖାଏଁ ସେବନ କରନ୍ତୁ।

# ଘରେ ସୁଖ ଓ ସମୃଦ୍ଧି ବଜାୟ ରଖିବା ପାଇଁ ଆପାଣାନ୍ତୁ ଏହି ଉପାୟ

**ଘରେ ଶାନ୍ତି ଓ ସମୃଦ୍ଧି ରହିବା ପାଇଁ ସମସ୍ତେ ଚାହାନ୍ତି । ବାସ୍ତୁ ଓ ପୌରାଣିକ ଶାସ୍ତ୍ର ଅନୁଯାୟୀ ନିଜ ଗୃହରେ ବିଭିନ୍ନ ପବିତ୍ର ଦ୍ରବ୍ୟ ବା ଜିନିଷ ବ୍ୟବହାର କରିବା ଦ୍ୱାରା ସବୁବେଳେ ଘରେ ଶାନ୍ତି ବଜାୟ ରହିଥାଏ । ଘରେ ସୁଖ ଓ ସମୃଦ୍ଧି ବଜାୟ ରଖିବା ପାଇଁ କିଏ ବା ନଚାହେଁ । ତେବେ ଆସନ୍ତୁ ଜାଣିବା ଏହି ପବିତ୍ର ଜିନିଷ ବିଷୟରେ-**

ଚନ୍ଦନ: ଚନ୍ଦନକୁ ବହୁତ ଶୁଭ ଏବଂ ପବିତ୍ର ବୋଲି ଧରାଯାଏ। ଏହାର ମହକରେ ବାତାବରଣର ନକରାତ୍ମକ ଶକ୍ତି କମିଯାଇଥାଏ। ସମସ୍ତ ଦେବୀ-ଦେବତାଙ୍କ ପୂଜାରେ ମଧ ଚନ୍ଦନ ବହୁତ ବିଶେଷ ମହତ୍ତ୍ୱ ରଖିଥାଏ। ଚନ୍ଦନର ତିଳକ ଲଗାଇବା ଦ୍ୱାରା ମନକୁ ଶାନ୍ତି ମିଳିଥାଏ। ଏହାକୁ ଘରେ ସବୁବେଳେ ରଖିବା ଉଚିତ କାରଣ ସବୁଦିନ ପୂଜା କରିବା ସମୟରେ ଦେବୀ-ଦେବତାଙ୍କୁ ଅର୍ପଣ କରିବା ଉଚିତ।

ବୀଣା: ବୃଦ୍ଧି ଏବଂ ଶିକ୍ଷାର ଦେବୀ ସରସ୍ୱତୀଙ୍କର ପ୍ରିୟ ବାଦ୍ୟ ଯନ୍ତ୍ର ହେଉଛି ବୀଣା। ବୀଣାକୁ ଘରେ ରଖିଲେ ସରସ୍ୱତୀଙ୍କ କୃପା ଘରର ସବୁ ସଦସ୍ୟଙ୍କ ଉପରେ ରହିଥାଏ। ଏଥିସହିତ ଜଟିଳରୁ ଜଟିଳ ସମସ୍ୟାରେ ଧୈର୍ଯ୍ୟ ରଖିବାକୁ ପ୍ରେରଣା ମିଳିଥାଏ।

ମହୁ: ବାସ୍ତୁ ନିୟମ ଅନୁଯାୟୀ ଘରେ ମହୁ ରଖିବା ଦ୍ୱାରା ମଧ ବାସ୍ତୁ ଦୋଷ ଶାନ୍ତ ହୋଇଥାଏ। ଏହାସହିତ ପୂଜାରେ ମହୁ ମଧ ବିଶେଷ ଭୂମିକା ନେଇଥାଏ। ଏହା ସମସ୍ତ ଦେବୀ-ଦେବତାଙ୍କୁ ଅର୍ପଣ କରାଯାଏ। ଯେଉଁ ଘରେ ପ୍ରତିଦିନ ପୂଜା କରାଯାଏ, ସେହି ଘରେ ସବୁବେଳେ ମଧୁରତା ଲାଗିରହିଥାଏ।



ପାଣି: ଯେବେ ବି ଘରକୁ ଅତିଥି ଆସିବେ ତାଙ୍କୁ ଥଣ୍ଡା ପାଣି ଅବଶ୍ୟ ଦେବା ଉଚିତ। ଏମିତି କଲେ ଜାତକରେ ଥିବା ଦୋଷ ଦୂର ହୋଇଥାଏ।

ଘିଅ: ଘରେ ସବୁବେଳେ ଘିଅ ରଖିବା ଉଚିତ ଏବଂ ନିୟମିତ ରୂପରେ ଏହାର ସେବନ କରିବା ଜରୁରୀ। ଘିଅରୁ ଶକ୍ତି ମିଳିଥାଏ ଏବଂ ଶରୀର ସୁସ୍ଥ ରହିଥାଏ। ଘରେ ପ୍ରତିଦିନ ସଂଧ୍ୟାରେ ଘିଅ ଦୀପ ଜଳାଇବା ଉଚିତ। ପୂଜାରେ ଘିଅର ବିଶେଷ ମହତ୍ତ୍ୱ ରହିଛି, ଏଥିପାଇଁ ଏହାକୁ ଘରେ ରଖିଲେ ଶୁଭ ହୋଇଥାଏ ବୋଲି ପରାମର୍ଶ ଦିଆଯାଇଥାଏ।

# ଆପଣ ଷୀର ପିଇବାକୁ ନାପସନ୍ଦ କରନ୍ତି କି ? : ଏହି ୭ ଖାଦ୍ୟରୁ ପାଆନ୍ତୁ କ୍ୟାଲସିୟମ୍




କିଛି ଲୋକ ଅଛନ୍ତି ଯେଉଁମାନେ କ୍ଷୀର ପିଇବାକୁ ପସନ୍ଦ କରନ୍ତି ନାହିଁ। ଏପରି ପରିସ୍ଥିତିରେ, ଯଦି ଆପଣ ଚାହାଁନ୍ତି, ଆପଣଙ୍କ ନିଜ ଖାଦ୍ୟରେ ଏମିତି କିଛି ଖାଦ୍ୟ ପଦାର୍ଥ (କ୍ୟାଲ୍‌ସିୟମ୍ ରିଚ୍ ଡାଏଟ୍) ଅନ୍ତର୍ଭୁକ୍ତ କରି କ୍ୟାଲ୍‌ସିୟମ୍ ଅଭାବ ପୂରଣ କରିପାରିବେ। ଆସନ୍ତୁ ଏହିସବୁ ଖାଦ୍ୟ ବିଷୟରେ ଜାଣିବା।

କ୍ଷୀର ପିଇବା ସ୍ୱାସ୍ଥ୍ୟ ପାଇଁ ବହୁ ଲାଭଦାୟକ। କାରଣ କ୍ଷୀରରେ ପ୍ରୋଟିନ୍ ଏବଂ କ୍ୟାଲସିୟମ୍ ସହିତ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ଭରପୂର ପରିମାଣରେ ଥାଏ। ଏହା ଶରୀରକୁ ଶକ୍ତିଶାଳୀ ଏବଂ ଉର୍ଜାବାନ କରିଥାଏ। ସେଥିପାଇଁ ପୋଷକ ବିଜ୍ଞାନୀ ବା ଡାକ୍ତରମାନେ ପିଲାମାନଙ୍କୁ କ୍ଷୀର ପିଇବା ପାଇଁ ପରାମର୍ଶ ଦିଅନ୍ତି।

କିନ୍ତୁ ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ କ୍ଷୀର ପିଇବାକୁ ପସନ୍ଦ କରନ୍ତି ନାହିଁ। ଏପରି ପରିସ୍ଥିତିରେ, ଯଦି ଆପଣ ଚାହାଁନ୍ତି, ଆପଣଙ୍କ ନିଜ ଖାଦ୍ୟରେ ଏମିତି କିଛି ଖାଦ୍ୟ ପଦାର୍ଥ (କ୍ୟାଲ୍‌ସିୟମ୍ ରିଚ୍ ଡାଏଟ୍) ଅନ୍ତର୍ଭୁକ୍ତ କରି କ୍ୟାଲ୍‌ସିୟମ୍ ଅଭାବ ପୂରଣ କରିପାରିବେ। ଆସନ୍ତୁ ଏହିସବୁ ଖାଦ୍ୟ ବିଷୟରେ ଜାଣିବା।

କନ୍ଦମୂଳ: କନ୍ଦମୂଳରେ ପ୍ରଚୁର ପରିମାଣରେ କ୍ୟାଲ୍‌ସିୟମ୍ ଥାଏ। ଗୋଟିଏ ବଡ଼ ଆକାରର କନ୍ଦମୂଳରେ ପ୍ରାୟ ୬୮ ମିଲିଗ୍ରାମ କ୍ୟାଲ୍‌ସିୟମ୍ ଥାଏ। ଏହା ସହିତ ଭିଟାମିନ୍ ଏ, ଭିଟାମିନ୍ ବି ଏବଂ ପୋଟାସିୟମର ପରିମାଣ ମଧ ଯଥେଷ୍ଟ ଥାଏ। ଏପରି ପରିସ୍ଥିତିରେ, ଯଦି ଆପଣ କ୍ଷୀର ପିଇବାକୁ ପସନ୍ଦ କରନ୍ତି ନାହିଁ, ତେବେ ଆପଣ କନ୍ଦମୂଳକୁ ଆପଣଙ୍କ ଖାଦ୍ୟର ଏକ ଅଂଶ କରିପାରିବେ।

ନାଣ୍ଡି ବଗୁଲି: ଦୁଇ ଚାମଚ ନାଣ୍ଡି ବଗୁଲିରେ ପ୍ରାୟ ୧୭୯ ମିଗ୍ରା କ୍ୟାଲସିୟମ୍ ଥାଏ। ଆପଣ କ୍ଷୀର ବଦଳରେ ନାଣ୍ଡି ବଗୁଲି ଖାଇପାରିବେ। ଏହା ସହିତ ନାଣ୍ଡି ବଗୁଲିରେ ବୋରନ୍ ମଧ ରହିଥାଏ, ଯାହା ଶରୀରକୁ କ୍ୟାଲ୍‌ସିୟମ୍ ଯୋଗାଇବା ସହିତ ଫସ୍‌ଫରସ୍ ଏବଂ ମ୍ୟାଗ୍ନେସିୟମ୍ ମେଟାବୋଲିଜିଂ କରି ହାଡ ଏବଂ ମାଂସପେଶୀର ସ୍ୱାସ୍ଥ୍ୟକୁ ମଧ ପ୍ରଭାବିତ କରିଥାଏ।

ସୋୟା କ୍ଷୀର: ଆପଣ କ୍ଷୀର ବଦଳରେ ସୋୟା କ୍ଷୀର ମଧ ପିଇପାରିବେ। ସୋୟା କ୍ଷୀରରୁ ଗାଈ କ୍ଷୀର ପରି କ୍ୟାଲସିୟମ୍ ମିଳିଥାଏ। କେବଳ ଏତିକି ନୁହେଁ, ସୋୟା କ୍ଷୀରରେ ଭଲ ପରିମାଣରେ କ୍ୟାଲ୍‌ସିୟମ୍ କାର୍ବୋନେଟ୍ ଏବଂ ଭିଟାମିନ୍ ଉ ମଧ ଥାଏ। ଏହା ସହିତ ସୋୟା କ୍ଷୀରରେ ସନ୍ତୁଳିତ ଚର୍ବିର ପରିମାଣ କ୍ଷୀର ତୁଳନାରେ ବହୁତ କମ୍ ଥାଏ। ଯେଉଁ କାରଣରୁ ସୋୟା କ୍ଷୀର ଗାଈ କ୍ଷୀର ଅପେକ୍ଷା ସ୍ୱାସ୍ଥ୍ୟକର ବୋଲି ବିବେଚନା କରାଯାଏ।

ସୋୟା ପନିର: ସୋୟା ପନିରକୁ କ୍ୟାଲସିୟମର ଏକ ଉତ୍କୃଷ୍ଟ ଉତ୍ସ ଭାବରେ ବିବେଚନା କରାଯାଏ। କିନ୍ତୁ ଏଥିପାଇଁ ସୋୟା ପନିର୍ ଗୁଣ ପ୍ରତି ଧ୍ୟାନ ଦେବା ଜରୁରୀ କାରଣ ଏଥିରେ ଥିବା କ୍ୟାଲସିୟମର ପରିମାଣ ଏହାର ଗୁଣ ଉପରେ ନିର୍ଭର କରେ। ସାଧାରଣତଃ ଅଧା କପ୍ ସୋୟା ପନିରରେ ୨୭୫ ରୁ ୯୬୧ ମିଗ୍ରା କ୍ୟାଲ୍‌ସିୟମ୍ ରହିପାରେ।

କମଳା: ଆପଣ କ୍ୟାଲସିୟମ ପାଇଁ କମଳା ମଧ ଖାଇପାରିବେ। କମଳା ଭିଟାମିନ୍ ସି ଏବଂ କ୍ୟାଲ୍‌ସିୟମର ଏକ ପ୍ରମୁଖ ଉତ୍ସ। ଆପଣ ଏକ ବଡ଼ ଆକାରର କମଳାରୁ ପ୍ରାୟ ୭୪ ମିଗ୍ରା କ୍ୟାଲ୍‌ସିୟମ୍ ପାଇପାରିବେ। ତେଣୁ ଯଦି ଆମେ ଏକ ଗ୍ଲାସ୍ କମଳା ରସ ବିଷୟରେ କହିବା, ଏଥିରେ ଥିବା କ୍ୟାଲସିୟମ୍ ପରିମାଣ ୩୦୦ ମିଗ୍ରା ପର୍ଯ୍ୟନ୍ତ ହୋଇପାରେ।

ପେଶି: କ୍ୟାଲ୍‌ସିୟମ୍ ପାଇଁ ଆପଣ ନିଜ ଖାଦ୍ୟରେ ପେଶି ମଧ ଅନ୍ତର୍ଭୁକ୍ତ କରିପାରିବେ। ଗୋଟିଏ ଚାମଚ ପେଶିରେ ପ୍ରାୟ ୮୮ ମିଗ୍ରା କ୍ୟାଲସିୟମ ମିଳିଥାଏ। ଏହା ସହିତ ଏହା ଜିଙ୍କ୍ ଏବଂ କପରରେ ମଧ ଭରପୂର। ଏଭଳି ପରିସ୍ଥିତିରେ ଆପଣ ନିଜ ଖାଦ୍ୟରେ ପେଶିକୁ ଯେକୌଣସି ପ୍ରକାରେ ସାମିଲ କରିପାରିବେ ଏବଂ ଶରୀରରେ କ୍ୟାଲ୍‌ସିୟମ୍‌ର ଅଭାବ ପୂରଣ କରିପାରିବେ।

# କ୍ୟାନସର ପାଇଁ କେମୋ-ଥେରାପିର ବିକଳ୍ପ




ବୈଜ୍ଞାନିକଙ୍କୁ ଏକ ବଡ଼ ଉପଲବ୍ଧି ହାସଲ ହୋଇଛି । କ୍ୟାନସର୍ ଚିକିତ୍ସାରେ କେମୋଥେରାପିର ବିକଳ୍ପ ସଂଧାନ କରିଛନ୍ତି ବୈଜ୍ଞାନିକ । ପ୍ରଥମେ ମୂଷାଙ୍କ ଉପରେ ଏହାର ସଫଳତା ପ୍ରୟୋଗ କରାଯାଇଛି । ତେବେ ମାନବ ଶରୀରରେ ଏହାର ପ୍ରୟୋଗ ପାଇଁ ଆଉ କିଛି ବର୍ଷ ସମୟ ଲାଗିବ । ୧୧ଜଣ ବୈଜ୍ଞାନିକଙ୍କ ଦଳ ଆମେରିକାର କ୍ଲେଭଲ୍ୟାଣ୍ଡ କ୍ଲିନିକରେ ଏହି ସଫଳତା ହାସଲ କରିଛନ୍ତି । ଗବେଷଣା ଦଳର ମୁଖ୍ୟ ବୈଜ୍ଞାନିକ ଡ. ୟଙ୍ଗ ଲି କହିଛନ୍ତି କ୍ୟାନସର୍ ସେଲ୍ ଦୀର୍ଘଦିନ ଶରୀରରେ ରହିବା ପରେ ଟ୍ୟୁମର୍ ରୂପ ଧାରଣ କରିଥାଏ । ଶରୀରରୁ ଟ୍ୟୁମର୍ ନଷ୍ଟ କରିବା ପାଇଁ କେମୋଥେରାପି ବ୍ୟବହାର କରାଯାଏ । କିନ୍ତୁ ଏ ସମୟରେ କ୍ୟାନସର୍ ସେଲ୍ ସାଂଗକୁ ପାଖରେ ଥିବା ଭଲ ସେଲ୍ ଉପରେ ମଧ୍ୟ ଏହାର ନକରାତ୍ମକ ପ୍ରଭାବ ପଡ଼ିଥାଏ ଏବଂ ରୋଗୀକୁ ପ୍ରବଳ ଯନ୍ତ୍ରଣା ହୋଇଥାଏ । ତେବେ ଗବେଷଣା ମାଧ୍ୟମରେ ଜଣାପଡ଼ିଛି ମାଇକ୍ରୋ ଆରଏନଏ ଅର୍ଥାତ ଏମଆଇଆର -୨୧ ନର୍ମାଲ ସେଲ୍‌କୁ ନଷ୍ଟ କରିଦେଇଥାଏ । ଯଦ୍ୱାରା କ୍ୟାନସର୍ ସେଲ ଗୁଡ଼ିକ ଆହୁରି ପ୍ରଭାବଶାଳୀ ହୋଇଥାଏ । ତେଣୁ ଏମ୍ଆଇଆର-୨୧କୁ ପ୍ରଭାବହୀନ କରିବାକୁ ଏକ ଆଣ୍ଟି ସେଲ୍ ତିଆରି କରି ତାକୁ ମୂଷାଂକ ଉପରେ ପ୍ରୟୋଗ କରାଯାଇଥିଲା । ଦେଖିବାକୁ ମିଳିଲା ମୂଷାଂକ ଶରୀରରୁ ଟ୍ୟୁମର ଧୀରେଧୀରେ ଛୋଟ ଆକାର ହେବା ସହ ସଂପୂର୍ଣ୍ଣ ଭାବେ ଭଲ ହୋଇଯାଇଥିଲା । ଦୀର୍ଘ ବର୍ଷ ଧରି ଏହି ଗବେଷଣା କ୍ଲେଭଲ୍ୟାଣ୍ଡ କ୍ଲିନିକରେ ଚାଲିଥିଲା । ମାନବ ଶରୀରରେ ଏହାର ପ୍ରୟୋଗ ପାଇଁ ଆଉ ଦଶବର୍ଷ ସମୟ ଲାଗିବ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

# ତୈଳ, ରେମିଟାନ୍ସ ଓ ଯୁଦ୍ଧ: ଭାରତ ସମ୍ମୁଖରେ ତ୍ରିମୁଖୀ ସଙ୍କଟ

ସାମ୍ପ୍ରତିକ ସମୟରେ ପଶ୍ଚିମ ଏସିଆ ବା ମଧ୍ୟପ୍ରାଚ୍ୟରେ ଦେଖାଦେଇଥିବା ଯୁଦ୍ଧ ପରିସ୍ଥିତି କେବଳ ସେହି ଅଞ୍ଚଳର ଭୂ-ରାଜନୀତିକୁ ଅସ୍ଥିର କରିନାହିଁ, ବରଂ ଭାରତ ପାଇଁ ଏକ ବଡ଼ ଆର୍ଥିକ ଓ ମାନବୀୟ ସଙ୍କଟର ଘଣ୍ଟି ବଜାଇଛି । ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଇସ୍ରାଏଲ ଦ୍ୱାରା ଇରାନ ଉପରେ ସାମରିକ ଆକ୍ରମଣ ଏବଂ ଏହାର ପ୍ରତିଜବାବରେ ଇରାନର କ୍ଷେପଣାସ୍ତ୍ର ମାଡ଼ ଯୋଗୁଁ ସମଗ୍ର ଗଲ୍ଫ ବା ଉପସାଗରୀୟ ଅଞ୍ଚଳରେ ଯେଉଁ ଭୟାବହ ପରିସ୍ଥିତି ସୃଷ୍ଟି ହୋଇଛି, ତାହା ଭାରତୀୟ ନୀତି ନିର୍ଦ୍ଧାରକମାନଙ୍କ ନିଦ ହଜାଇ ଦେବା ପାଇଁ ଯଥେଷ୍ଟ । ବିଶେଷକରି ଯେତେବେଳେ ଇରାନର କ୍ଷେପଣାସ୍ତ୍ରଗୁଡ଼ିକ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଥିବା ଆମେରିକୀୟ ଘାଟିଗୁଡ଼ିକୁ ଲକ୍ଷ୍ୟ କରୁଛି, ସେତେବେଳେ ଚିନ୍ତା ବଢିବା ସ୍ୱାଭାବିକ, କାରଣ ୟୁଏଇ ହେଉଛି ଲକ୍ଷ ଲକ୍ଷ ଭାରତୀୟ ଶ୍ରମିକଙ୍କ କର୍ମଭୂମି ଏବଂ ଭାରତକୁ ଆସୁଥିବା ବୈଦେଶିକ ମୁଦ୍ରାର ଏକ ପ୍ରମୁଖ ଉତ୍ସ । ଯଦିଓ ଇଣ୍ଡିଗୋ, ଏୟାର ଇଣ୍ଡିଆ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ ଭଳି ବିମାନ ସେବା ସଂସ୍ଥାଗୁଡ଼ିକ ସାଉଦି ଆରବ ଏବଂ ୟୁଏଇରୁ ଯାତ୍ରୀମାନଙ୍କୁ ଫେରାଇ ଆଣିବା ପାଇଁ ୧୨ରୁ ଊର୍ଦ୍ଧ୍ୱ ସ୍ୱତନ୍ତ୍ର ବିମାନ ଚଳାଚଳ ଆରମ୍ଭ କରିଛନ୍ତି, ତଥାପି ଏହି ସମସ୍ୟାର ସମାଧାନ କେବଳ କିଛି ଲୋକଙ୍କୁ ଉଦ୍ଧାର କରିବାରେ ସୀମିତ ନୁହେଁ । ଏକ ଦୀର୍ଘମିଆଦି ସଂଘର୍ଷ ଭାରତର ଅର୍ଥନୀତି, ଶକ୍ତି ସୁରକ୍ଷା ଏବଂ ନିୟୁତ ନିୟୁତ ପରିବାରର ଜୀବିକା ଉପରେ ପ୍ରଭାବ ପକାଇବ ।

ଭାରତ ପାଇଁ ପଶ୍ଚିମ ଏସିଆ କେବଳ ତୈଳ ଆମଦାନୀର ଉତ୍ସ ନୁହେଁ, ବରଂ ଏହା ହେଉଛି ଭାରତୀୟ ଶ୍ରମଶକ୍ତିର ସବୁଠାରୁ ବଡ଼ ବଜାର । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ତଥ୍ୟ ଏବଂ ଇମିଗ୍ରେସନ କ୍ଲିୟରାନ୍ସ ବା ଅଭିବାସନ ଅନୁମତି ତଥ୍ୟକୁ ଅନୁଧ୍ୟାନ କଲେ ଏହି ନିର୍ଭରଶୀଳତାର ଚିତ୍ର ସ୍ପଷ୍ଟ ହୋଇଥାଏ । ୨୦୨୧ରୁ ୨୦୨୫ ମସିହା ମଧ୍ୟରେ ୧୭ ଲକ୍ଷରୁ ଅଧିକ ଭାରତୀୟ ଗଲ୍ଫ ଦେଶଗୁଡ଼ିକରେ କାମ କରିବା ପାଇଁ ଅନୁମତି ପାଇଛନ୍ତି । ଏହି ପରିସଂଖ୍ୟାନ କେବଳ ନୂତନ ଭାବେ ଯାଉଥିବା ଶ୍ରମିକମାନଙ୍କର, କିନ୍ତୁ ବାସ୍ତବରେ ସେଠାରେ ପୂର୍ବରୁ କାର୍ଯ୍ୟରତ ଥିବା ଭାରତୀୟଙ୍କ ସଂଖ୍ୟା ପ୍ରାୟ ୯୦ ଲକ୍ଷରୁ ଅଧିକ ବୋଲି ଆକଳନ କରାଯାଏ । ଏହି ସମୟ ମଧ୍ୟରେ ସାଉଦି ଆରବ ଏକାକୀ ୪୧% ଭାରତୀୟ ଶ୍ରମିକଙ୍କୁ ଆକର୍ଷିତ କରିଥିବାବେଳେ, ୟୁଏଇ ୨୪% ଶ୍ରମିକଙ୍କ ସହ ଦ୍ୱିତୀୟ ସ୍ଥାନରେ ରହିଛି । ବିଶେଷକରି ନିର୍ମାଣ, ସ୍ୱାସ୍ଥ୍ୟସେବା, ହୋଟେଲ ଶିଳ୍ପ ଏବଂ ପର୍ଯ୍ୟଟନ କ୍ଷେତ୍ରରେ କାମ କରୁଥିବା ବ୍ଲୁ-କଲାର୍ ବା ଶାରୀରିକ ଶ୍ରମ କରୁଥିବା ଶ୍ରମିକମାନଙ୍କ ପାଇଁ ୟୁଏଇ ଏକ ପ୍ରମୁଖ ଗନ୍ତବ୍ୟସ୍ଥଳ । କୁଏତ ମଧ୍ୟ ୧୨% ଭାରତୀୟ ଶ୍ରମିକଙ୍କୁ ନିଯୁକ୍ତି ଦେଇ ତୃତୀୟ ସ୍ଥାନରେ ରହିଛି । ଏହି ପରିସଂଖ୍ୟାନ ଦର୍ଶାଉଛି ଯେ ଯୁଦ୍ଧ ଯୋଗୁଁ ଯଦି ଏହି ଦେଶଗୁଡ଼ିକର ଭିତ୍ତିଭୂମି ନଷ୍ଟ ହୁଏ କିମ୍ବା ଅର୍ଥନୀତି ଭୁଶୁଡ଼ି ପଡ଼େ, ତେବେ ଭାରତରେ ବେକାରୀ ସମସ୍ୟା ଏକ ଭୟଙ୍କର ରୂପ ଧାରଣ କରିବ ।

ଏହି ସଙ୍କଟର ଆର୍ଥିକ ଦିଗଟି ଆହୁରି ଗୁରୁତ୍ୱପୂର୍ଣ୍ଣ । ଭାରତୀୟ ଅର୍ଥନୀତିରେ ବିଦେଶରୁ ଆସୁଥିବା ଅର୍ଥ ବା 'ରେମିଟାନ୍ସ'ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ତଥ୍ୟ ଅନୁଯାୟୀ, ଆମେରିକା ପରେ ୟୁଏଇ ହେଉଛି ଭାରତକୁ ସର୍ବାଧିକ ରେମିଟାନ୍ସ ପଠାଉଥିବା ଦେଶ । ୨୦୨୦-୨୧ ରେ ଭାରତର ମୋଟ ରେମିଟାନ୍ସରେ ୟୁଏଇର ଅଂଶ ୧୮% ଥିବାବେଳେ ୨୦୨୩-୨୪ ରେ ଏହା ବୃଦ୍ଧି ପାଇ ୧୯.୨% ରେ ପହଞ୍ଚିଛି । ସେହିପରି ସାଉଦି ଆରବରୁ ୬.୭%, କୁଏତରୁ ୩.୯%, କାତାରରୁ ୪.୧% ଏବଂ ଓମାନରୁ ୨.୫% ଅର୍ଥ ଭାରତକୁ ଆସୁଛି । ଏହି ଅର୍ଥ କେବଳ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାରକୁ ସୁଦୃଢ କରେନାହିଁ, ବରଂ ଲକ୍ଷ ଲକ୍ଷ ପରିବାରର ଦୈନନ୍ଦିନ ଖର୍ଚ୍ଚ, ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ପାଇଁ ସାହାରା ହୋଇଥାଏ । ଯଦି ଯୁଦ୍ଧ କାରଣରୁ ଏହି ଅର୍ଥ ପ୍ରବାହ ବାଧାପ୍ରାପ୍ତ ହୁଏ, ତେବେ ଏହାର ସିଧାସଳଖ ପ୍ରଭାବ ଭାରତର କେତେକ ନିର୍ଦ୍ଦିଷ୍ଟ ରାଜ୍ୟ ଉପରେ ପଡ଼ିବ । ତଥ୍ୟ ଅନୁସାରେ, ମହାରାଷ୍ଟ୍ର ମୋଟ ରେମିଟାନ୍ସର ୨୦.୫% ଗ୍ରହଣ କରୁଥିବାବେଳେ କେରଳ ୧୯.୭% ଏବଂ ତାମିଲନାଡୁ ୧୦.୪% ଗ୍ରହଣ କରନ୍ତି । ତେଲେଙ୍ଗାନା (୮.୧%) ଏବଂ କର୍ଣ୍ଣାଟକ (୭.୭%) ମଧ୍ୟ ଏହି ତାଲିକାରେ ଅଛନ୍ତି । ବିଶେଷକରି କେରଳ ଭଳି ରାଜ୍ୟ, ଯାହାର ଅର୍ଥନୀତି ଗଲ୍ଫ ଦେଶରୁ ଆସୁଥିବା ଅର୍ଥ ଉପରେ ଅତ୍ୟଧିକ ନିର୍ଭରଶୀଳ, ସେଠାରେ ଏକ ବଡ଼ ଧରଣର ଆର୍ଥିକ ମାନ୍ଦାବସ୍ଥା ଦେଖାଦେବାର ଆଶଙ୍କା ରହିଛି ।

ବର୍ତ୍ତମାନର ସଂଘର୍ଷର ସ୍ୱରୂପ ପୂର୍ବ ଯୁଦ୍ଧଗୁଡ଼ିକ ଠାରୁ ଭିନ୍ନ ଏବଂ ଅଧିକ ବିପଜ୍ଜନକ । ଆମେରିକା ଓ ଇସ୍ରାଏଲର ଆକ୍ରମଣ ପରେ ଇରାନ ଯେଉଁ ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି, ତାହା ସିଧାସଳଖ ଶକ୍ତି ଉତ୍ପାଦନ କେନ୍ଦ୍ରଗୁଡ଼ିକୁ ଟାର୍ଗେଟ କରୁଛି । ସାଉଦି ଆରବର 'ରାସ ତନୁରା' ରିଫାଇନାରୀ ଏବଂ ରପ୍ତାନି ଟର୍ମିନାଲ, ଯାହା ବିଶ୍ୱର ଅନ୍ୟତମ ବୃହତ୍ତମ ତୈଳ ପ୍ରକ୍ରିୟାକରଣ କେନ୍ଦ୍ର, ତାହା ବନ୍ଦ ହେବା ଏକ ବିଶ୍ୱସ୍ତରୀୟ ସଙ୍କଟ । ସେହିପରି କାତାରର 'ରାସ ଲାଫାନ' ଏବଂ 'ମେସାଇଦ'ରେ ଥିବା ଏଲଏନଜି (ତରଳ ପ୍ରାକୃତିକ ଗ୍ୟାସ) ପ୍ଲାଣ୍ଟ ବନ୍ଦ ହେବା ଭାରତ ପାଇଁ ଚିନ୍ତାର ବିଷୟ, କାରଣ ଭାରତ ତାର ଗ୍ୟାସ ଆବଶ୍ୟକତାର ଏକ ବଡ଼ ଅଂଶ କାତାରରୁ ଆମଦାନୀ କରିଥାଏ । ଏହାଠାରୁ ଆହୁରି ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା 'ହରମୁଜ ପ୍ରଣାଳୀ' (Strait of Hormuz) ର ଅଚଳାବସ୍ଥା । ବିଶ୍ୱର ପ୍ରାୟ ଏକ ପଞ୍ଚମାଂଶ ତୈଳ ଏହି ସଂକୀର୍ଣ୍ଣ ସାମୁଦ୍ରିକ ପଥ ଦେଇ ପରିବହନ ହୋଇଥାଏ । ବର୍ତ୍ତମାନ ବାଣିଜ୍ୟିକ ଜାହାଜ ଚଳାଚଳ ପାଇଁ ଏହା ପ୍ରାୟତଃ ବନ୍ଦ ହୋଇଯାଇଥିବାରୁ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ଆକାଶଛୁଆଁ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ଭାରତ ନିଜର ଆବଶ୍ୟକତାର ୮୫% ରୁ ଅଧିକ ତୈଳ ଆମଦାନୀ କରୁଥିବାରୁ, ତୈଳ ଦର ବୃଦ୍ଧି ସିଧାସଳଖ ଭାରତର ମୁଦ୍ରାସ୍ଫୀତି, ପରିବହନ ଖର୍ଚ୍ଚ ଏବଂ ଉତ୍ପାଦନ ମୂଲ୍ୟ ବୃଦ୍ଧି କରିବ ।

ଏହି ସମସ୍ତ ଘଟଣାବଳୀ ମଧ୍ୟରେ ଭାରତୀୟ ଶ୍ରମିକମାନଙ୍କ ସୁରକ୍ଷା ସବୁଠାରୁ ବଡ଼ ଆହ୍ୱାନ ଭାବେ ଉଭା ହୋଇଛି । ଯଦିଓ ସରକାର ସ୍ୱତନ୍ତ୍ର ବିମାନ ଯୋଗେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି, କିନ୍ତୁ ଲକ୍ଷ ଲକ୍ଷ ଲୋକଙ୍କୁ ଯୁଦ୍ଧକ୍ଷେତ୍ରରୁ ସୁରକ୍ଷିତ ଭାବେ ଫେରାଇ ଆଣିବା ଏକ କଷ୍ଟସାଧ୍ୟ ବ୍ୟାପାର । ୧୯୯୦ ମସିହାର କୁଏତ ଯୁଦ୍ଧ ସମୟରେ ଭାରତ ପ୍ରାୟ ୧.୭ ଲକ୍ଷ ଲୋକଙ୍କୁ ଏୟାରଲିଫ୍ଟ କରି ବିଶ୍ୱ ରେକର୍ଡ ସୃଷ୍ଟି କରିଥିଲା, କିନ୍ତୁ ବର୍ତ୍ତମାନ ସଂଖ୍ୟା ତା'ଠାରୁ ଯଥେଷ୍ଟ ଅଧିକ ଏବଂ ସଂଘର୍ଷର ପରିଧି ମଧ୍ୟ ବ୍ୟାପକ । ଯଦି ଯୁଦ୍ଧ ଦୀର୍ଘସ୍ଥାୟୀ ହୁଏ, ତେବେ କେବଳ ପ୍ରାଣର ଭୟ ନୁହେଁ, ବରଂ ଜୀବିକା ହରାଇବାର ଭୟ ଶ୍ରମିକମାନଙ୍କୁ ଘାରିବ । ଅନେକ ଶ୍ରମିକ ଋଣ କରି ବିଦେଶ ଯାଇଥାନ୍ତି, ତେଣୁ ହଠାତ୍ ଚାକିରି ହରାଇ ଫେରିଆସିଲେ ସେମାନେ ଋଣ ଯନ୍ତାରେ ଫସିଯିବେ । ଏହାବ୍ୟତୀତ, ଯେଉଁ କମ୍ପାନୀଗୁଡ଼ିକରେ ସେମାନେ କାମ କରୁଛନ୍ତି, ଯଦି ସେଗୁଡ଼ିକ କ୍ଷେପଣାସ୍ତ୍ର ମାଡ଼ରେ ଧ୍ୱଂସ ହୁଏ, ତେବେ ବକେୟା ଦରମା ଏବଂ ଅନ୍ୟାନ୍ୟ ସୁବିଧା ପାଇବା ମଧ୍ୟ କଷ୍ଟକର ହୋଇପଡ଼ିବ ।

ପରିଶେଷରେ, ପଶ୍ଚିମ ଏସିଆର ଏହି ସଙ୍କଟ ଭାରତ ପାଇଁ ଏକ ବହୁମୁଖୀ ପରୀକ୍ଷା । ଏହା ଏକାଧାରରେ କୂଟନୈତିକ, ଆର୍ଥିକ ଏବଂ ମାନବୀୟ ସମସ୍ୟା । ଭାରତ ସରକାରଙ୍କୁ କେବଳ ଉଦ୍ଧାର କାର୍ଯ୍ୟରେ ସୀମିତ ନ ରହି, ଆନ୍ତର୍ଜାତିକ ସ୍ତରରେ ଶାନ୍ତି ପ୍ରତିଷ୍ଠା ପାଇଁ କୂଟନୈତିକ ଚାପ ପ୍ରୟୋଗ କରିବାକୁ ପଡ଼ିବ । ତୈଳ ଯୋଗାଣ ବାଧାପ୍ରାପ୍ତ ହେଲେ ଦେଶର ଶକ୍ତି ସୁରକ୍ଷା କିପରି ଅକ୍ଷୁର୍ଣ୍ଣ ରହିବ, ସେଥିପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବା ଜରୁରୀ । ପଶ୍ଚିମ ଏସିଆର ଶାନ୍ତି ସହ ଭାରତର ବିକାଶ ଓ ସମୃଦ୍ଧି ଓତପ୍ରୋତ ଭାବେ ଜଡ଼ିତ, ତେଣୁ ସେଠାରେ ଲାଗିଥିବା ନିଆଁର ଝାସ ଯେପରି ଭାରତର ସାଧାରଣ ଜନତାଙ୍କୁ ଦଗ୍ଧ ନ କରେ, ସେଥିପାଇଁ ସତର୍କ ଓ ସୁଚିନ୍ତିତ ପଦକ୍ଷେପ ନେବାର ସମୟ ଆସିଛି ।



# ଉତ୍କଳର ବରପୁତ୍ର : ବିଜୁବାବୁ



ଅକ୍ଷୟ କୁମାର ରାଉତ



୧୯୩୬ ମସିହା, ଏପ୍ରିଲ୍ ପହିଲା । ସମଗ୍ର ଓଡ଼ିଆ ଜାତିର ଏକ ସ୍ମରଣୀୟ ଦିବସ । ଏହି ଦିନ ଓଡିଶା ଆମର ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ସ୍ୱୀକୃତି ଲାଭ କରିଥିଲା । ଏହାପରେ ଆମ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ସାଧନ କରିବାରେ ଯେଉଁ ବରପୁତ୍ରମାନେ ଜୀବନକୁ ଉତ୍ସର୍ଗ କରି ପାରିଥିଲେ, ବିଜୁବାବୁ ସେମାନଙ୍କ ମଧ୍ୟରୁ ଅନ୍ୟତମ । ତାଙ୍କର ଅଚିନ୍ତନୀୟ ପରିକଳ୍ପନା, ଅସାଧାରଣ କର୍ତବ୍ୟନିଷ୍ଠା ଓ ଜାତିପ୍ରୀତି ହିଁ ଓଡିଶାର ଅଭିବୃଦ୍ଧି ପାଇଁ ବିଭିନ୍ନ ମାର୍ଗ ପ୍ରଦର୍ଶନ କରିପାରିଥିଲା ।

ସେଥିଲେ ଆମ ଓଡ଼ିଆ ଜାତିର ଏକ ଅମଳିନ ପ୍ରତିଭା । ତାଙ୍କୁ ଯେତେବେଳେ ମାତ୍ର ଆଠବର୍ଷ ବୟସ, ସେତେବେଳେ ସେ ହଠାତ୍ ଆପେଣ୍ଡିସ୍ ସାଇଟ୍ ରୋଗରେ ଆକ୍ରାନ୍ତ ହୋଇପଡିଲେ । ଅପରେସନ୍ ନହେଲେ ସେ ନିଶ୍ଚିତ ମୃତ୍ୟୁମୁଖରେ ପଡିବେ । ୧୯୨୩ ମସିହାର ସେହି ଏକ ବିବର୍ଣ୍ଣ ପ୍ରଭାତ । ଏହିଦିନ ପ୍ରଖ୍ୟାତ ରୋଗ ସର୍ଜନ ଡା. ପିଲ୍ଲେର ତାଙ୍କଠାରେ ଅସ୍ତ୍ରୋପଚାର କରି ତାଙ୍କୁ ମୃତ୍ୟୁମୁଖରୁ ବଂଚାଇଥିଲେ । କଳିକା ଯେପରି କୁସୁମିତ ହୋଇ ତା'ର ରୂପ, ରସ ଓ ଗନ୍ଧରେ ଜନମନକୁ ହରଣ କରିଥାଏ, ସେହିପରି ବିଜୁବାବୁଙ୍କ ଜୀବନ କଳିକା କ'ଣ କୁସୁମିତ ନହୋଇ ଅକାଳରେ ଝଡିପଡ଼ିଥାନ୍ତା ! ଈଶ୍ୱରଙ୍କର ଅପାର କରୁଣା ତାଙ୍କ ଉପରେ ଅଜାଡି ହୋଇପଡ଼ିଥିଲା । ଏକ ମଧ୍ୟବିତ ପରିବାରରେ ଜନ୍ମ ହୋଇ ସୁସ୍ଥ ପରିବେଶ ମଧ୍ୟରେ ସେ ଆନନ୍ଦରେ ହସି ଖେଳି ପାଠ ପଢ଼ି ଚାଲିଲେ ।

୧୯୩୨ ମସିହାରେ ସେ ପାଟଣା ବିଶ୍ୱବିଦ୍ୟାଳୟରୁ ଏଂଟ୍ରାନ୍ସ ପରୀକ୍ଷାରେ କୃତିତ୍ୱର ସହ ୧ମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ଏହାପରେ ସେ କଟକ ରେଭେନ୍ସା କଲେଜରେ ଆଇ.ଏସ୍‌ସି ଓ ବି.ଏସ୍‌ସି ପଢ଼ିଥିଲେ ।

ସୁଖର କଥା ପାଠପଢ଼ାରେ ସେ ଯେପରି ସୁନାମ ଅର୍ଜନ କରିଥିଲେ କଲେଜରେ କ୍ରୀଡା କ୍ଷେତ୍ରରେ ମଧ୍ୟ ସମସ୍ତ ରେକର୍ଡ ଭଙ୍ଗ କରି ନୂତନ ରେକର୍ଡ ସୃଷ୍ଟିକରିଥିଲେ, ଯାହାକି ବହୁଦିନ ପର୍ଯ୍ୟନ୍ତ ତାଙ୍କ ରେକର୍ଡକୁ କେହି ଭଙ୍ଗକରି ପାରିନଥିଲେ । ତାଙ୍କ ପରି ଜଣେ ପ୍ରତିଥ ଯଶ ବ୍ୟକ୍ତିଙ୍କୁ ପାଇ ଓଡିଆ ଜାତି ଆଜି ନିଜକୁ ଧନ୍ୟ ମନେକରେ ।

ତାଙ୍କର ପ୍ରଗତିଶୀଳ ଅଗ୍ରଗାମୀ ଚିନ୍ତାଧାରା ପାଇଁ ସେ ଶିଳ୍ପପତିର ସମ୍ମାନ ଲାଭ କରିଥିଲେ । ରାଜନୈତିକ ଶାସନକାଳ ଭିତରେ ସେ ବୈଜ୍ଞାନିକର ସ୍ୱର ଉତ୍ତୋଳନକରି ଓଡିଆ ଜାତିର ସର୍ବାଙ୍ଗୀନ ଉନ୍ନତିର ଉଦ୍ୟମ ଚଳାଇବାକୁ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଭୁଲିନଥିଲେ । ଓଡିଆ ଜାତିର ସୁଖ, ଶାନ୍ତି କିପରି ବୃଦ୍ଧି ହେବ, ଏ ଜାତି ସମଗ୍ର ବିଶ୍ୱ ଦରବାରରେ କିପରି ପରିଚିତ ହୋଇପାରିବ, ଏ ସ୍ୱପ୍ନ ତାଙ୍କର ସାର୍ଥକ ହୋଇଛି କଳିଙ୍ଗ ପୁରସ୍କାର ପାଇଁ । ଭୁବନେଶ୍ୱରରେ ଓଡିଶା ଫ୍ଲାଇଙ୍ଗ୍ କ୍ଲବ୍ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇ ପାରିଥିଲା ।

କଟକ ରେଭେନ୍ସା କଲେଜରେ ଓୟାରଲେସ୍ ଟ୍ରେନିଙ୍ଗ୍‌ର ବ୍ୟବସ୍ଥା କରି ସେ ଓଡିଆ ଯୁବକ ମାନଙ୍କୁ ଉକ୍ତ ତାଲିମ୍ ପାଇବାରେ ସୁଯୋଗ ଦେବା ସଙ୍ଗେସଙ୍ଗେ ପାଣିଜାହାଜ ଓ ଉଡ଼ାଜାହାଜ ଆଦି ସଂସ୍ଥାରେ ନିଯୁକ୍ତ ପାଇବାର ପଥ ସୁଗମ କରି ପାରିଛନ୍ତି ।

ବେଳେ ବେଳେ ଆମ ଉତ୍କଳ ବିଶ୍ୱ ବିଦ୍ୟାଳୟର ଆଇ.ଏସ୍‌ସି. ପରୀକ୍ଷା ଫଳ ପ୍ରକାଶ ପାଇବାରେ ବହୁ ବିଳମ୍ବ ଘଟୁଥିଲା । ରାଜ୍ୟ ବାହାରେ ଥିବା ବିଭିନ୍ନ ଇଂଜିନିୟରିଂ କଲେଜରେ ଯଥାସମୟରେ ଅଧ୍ୟୟନ କରିବାପାଇଁ ଛାତ୍ର ମାନଙ୍କ ଆବେଦନ କରିବାର ତାରିଖ ଚାଲି ଯାଉଥିଲା । ଯାହାଫଳରେ କି ଓଡ଼ିଶାର କୃତୀ ଛାତ୍ରମାନେ ଉକ୍ତ କଲେଜ ମାନଙ୍କରେ ନାମ ଲେଖାଇବାର ସୁଯୋଗରୁ ବଂଚିତ ହେଉଥିଲେ । ଅତିବ ଗର୍ବ ଓ ଗୌରବର କଥାଏହି ସମସ୍ୟାର ସମାଧାନ କରିବାକୁ ଯାଇ ରାଉଲକେଲା ଠାରେ ଏକ ଇଞ୍ଜିନିୟରିଂ କଲେଜ ସ୍ଥାପନ କରି ବିଜୁବାବୁ ଆଜି ବହୁ ପ୍ରତିଭାଧାରୀ ଓଡ଼ିଆ ପିଲାଙ୍କୁ ସେଠାରେ ଅଧ୍ୟୟନ କରିବାର ସୁଯୋଗ ଦେଇ, ତାଙ୍କ ମୁହଁରେ ହସ ଫୁଟାଇ ପାରିଛନ୍ତି । ବ୍ରହ୍ମପୁର ଓ ସମ୍ବଲପୁର ଠାରେ ଯଥାକ୍ରମେ ଭଞ୍ଜବିହାର ଓ ଜ୍ୟୋତିବିହାର ନାମକ ଦୁଇଟି ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାରେ ବିଜୁବାବୁଙ୍କ ଭୂମିକା ଅବିସ୍ମରଣୀୟ । ଓଡିଆ ପିଲାଏ କିପରି ଅଧିକ ଶୃଙ୍ଖଳିତ ହୋଇ ଦେଶ ଓ ଜାତିର ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିପାରିବେ, ଏହି ଉଦ୍ଦେଶ୍ୟକୁ ଚରିତାର୍ଥ କରିବାକୁ ଯାଇ ସେ ଭୁବନେଶ୍ୱର ଠାରେ ଏକ ସୈନିକ ସ୍କୁଲ୍ ଓ ଡି.ଏମ୍.ସ୍କୁଲ୍ ପ୍ରତିଷ୍ଠା କରିଥିଲେ । ବିଶେଷ ଶିକ୍ଷା ପାଇଁ ସେ ଭୁବନେଶ୍ୱରରେ ରିଜିଓନାଲ କଲେଜ ଅଫ୍ ଏଜୁକେଶନ୍ ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଯାଇଛନ୍ତି । ଏହା କେବଳ ତାଙ୍କର ପ୍ରଗାଢ଼ ଉତ୍ସାହ ଓ ଉଦ୍ୟମ ଯୋଗୁ ସମ୍ଭବ ହୋଇ ପାରିଛି ।

ଓଡିଶାକୁ ଏକ ଶିଳ୍ପୋନ୍ନତି ରାଜ୍ୟରେ ପରିଣତ କରିବାକୁ ଯାଇ ବିଜୁବାବୁ ଚୌଦ୍ୱାରରେ କଳିଙ୍ଗ ଟିଉବ୍ସ ଏବଂ ଓ.ଟି.ଏମ୍ ଲୁଗାକଳ ସ୍ଥାପନ କରି ଏ ରାଜ୍ୟର ପ୍ରଭୂତ ଉନ୍ନତି ସାଧନ କରିଯାଇଛନ୍ତି । ଦିନ ଥିଲା ଯେତେବେଳେ କି ଆମ ଓଡ଼ିଶା କେବଳ ଜଗତର ନାଥ ଜଗନ୍ନାଥଙ୍କ ନାମରେ ରାଜ୍ୟ ବାହାରେ ପରିଚିତ ହେଉଥିଲା । ଓଡ଼ିଶା ଆଜି କିନ୍ତୁ ପାରାଦ୍ୱୀପ ବନ୍ଦର ଯୋଗୁ ସମଗ୍ର ପୃଥିବୀରେ ସୁପରିଚିତ । ତେବେ ପାରାଦ୍ୱୀପ ବନ୍ଦର ଜନ୍ମ ଜାତକରୁ ଜଣାଯାଏ ଯେ ୧୯୪୮ ମସିହାରେ ଭାରତ ସରକାରଙ୍କ ପୋର୍ଟ ଟେକ୍‌ନିକାଲ୍ କମିଟି ଓ ୧୯୫୧ ମସିହାରେ କେନ୍ଦ୍ର ଜଳ ବିଦ୍ୟୁତ କମିଶନ ଏବଂ ଫରାସୀ ଟେକ୍‌ନିକାଲ୍ କମିଶନଙ୍କ ରିପୋର୍ଟ ଥିଲା ବନ୍ଦର ନିର୍ମାଣ ପାଇଁ ମହାନଦୀ ମୁହାଣ ହିଁ ଉପଯୁକ୍ତ ସ୍ଥାନ । ଏହି ରିପୋର୍ଟ ଫଳରେ ପାରାଦ୍ୱୀପରେ ଏକ କ୍ଷୁଦ୍ର ବନ୍ଦର ନିର୍ମାଣ କରିବାପାଇଁ ପ୍ରସ୍ତାବ ହୋଇଥିଲା ।

ଏହାପରେ ୧୯୫୪ ମସିହା ଅପ୍ରେଲ ମାସରେ ପୁନାଠାରେ ସ୍ୱର୍ଗତ ଲାଲ୍‌ବାହାଦୂର ଶାସ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜାତୀୟ ବନ୍ଦର ବୋର୍ଡର ବୈଠକରେ ଏହି ପରିକଳ୍ପନାକୁ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସ୍ୱର୍ଗତ ଶାସ୍ତ୍ରୀଜୀ ଆବଶ୍ୟକ ଅର୍ଥ ମଂଜୁର କରି ସାଧବପୁଅର ରାଜ୍ୟରେ ପାରାଦ୍ୱୀପ ଠାରେ ନୂତନ ରୂପରଙ୍ଗରେ ଏହି ବନ୍ଦରକୁ ଟେକି ଦେଲେ ଏ ଜାତିର ହାତରେ ।

୧୯୫୮ ମସିହା ଜାନୁୟାରୀ ମାସରେ ପାରାଦ୍ୱୀପ ଏକ କ୍ଷୁଦ୍ର ବନ୍ଦର ରୂପେ ସ୍ୱୀକୃତି ଲାଭ କଲାପରେ ୧୯୬୨ ମସିହା ଜାନୁୟାରୀ ୩ ତାରିଖରେ ଭାରତର ସର୍ବ ପ୍ରଥମ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଜବାହାରଲାଲ୍ ନେହେରୁଙ୍କ ଦ୍ୱାରା ଏହି ବୃହତ୍ ପାରାଦ୍ୱୀପ ବନ୍ଦରର ଭିତିପ୍ରସ୍ତର ସ୍ଥାପିତ ହୋଇଥିଲା । ବିଶେଷ ଗର୍ବ ଓ ଗୌରବର କଥା ଯେ ଠିକ୍ ଏହି ସମୟରେ ବିଜୁବାବୁ ଥିଲେ ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ । ଏହି ବନ୍ଦରର ସର୍ବାଙ୍ଗୀନ ଉନ୍ନତି ନିମିତ୍ତ ତାଙ୍କର ଉଦ୍ୟମ, ଉତ୍ସାହ ଓ ନିଷ୍ଠା ଏ ଜାତିର ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଗଲା ଯୁଗ ଯୁଗକୁ ।

ତୁଳସୀ ଦୁଇପତ୍ରରୁ ବାସିଲା ପରି ବଡ଼ମଣିଷଙ୍କ ପରିଚୟ ମଧ୍ୟ ତାଙ୍କ ପିଲାଦିନରୁ ହିଁ ଜଣା ପଡିଥାଏ । ବିଜୁବାବୁ ଯେ ଦିନେ ଓଡ଼ିଶାର ବରପୁତ୍ର ରୂପେ ପୂଜା ପାଇବେ, ଏକଥା ତାଙ୍କ ଛାତ୍ର ଜୀବନରୁ ହିଁ ଜଣା ପଡ଼ିଥିଲା । ବିଜୁବାବୁ ଯେତେବେଳେ କଟକ ରେଭେନ୍ସା କଲିଜିଏଟ୍‌ର ଛାତ୍ର, ଠିକ୍ ସେହି ସମୟରେ ନଈବଢ଼ିରେ ବରି ଅଂଚଳର ବିପନ୍ନ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଖଣ୍ଡେ ଦେଶୀ ଡଙ୍ଗା ଧରି ଉତ୍କଳମଣି ଗୋପବନ୍ଧୁ ଚୁଡା ଚାଉଳ ଆଦି ରିଲିଫ୍ ସାମଗ୍ରୀ ଧରି ବାଂଟିବାକୁ ଯାଉଥିଲେ । ସାଙ୍ଗରେ ତାଙ୍କର ଦଳେ ସ୍ୱେଚ୍ଛାସେବୀ କଲେଜ ଛାତ୍ର ମଧ୍ୟ ଯାଇଥାନ୍ତି । ବଢ଼ିଲା ନଈ । ଆକାଶରେ ଟାଣ ମେଘୁଆ ଖରା । ଏଥିପାଇଁ ଉତ୍କଳମଣିଙ୍କ ହାତରେ ଥିଲା ଖଣ୍ଡେ କପଡାଛତା । ଦୈବାତ୍ ସେହି ଛତାଟିକୁ ପବନ ତାଙ୍କ ହାତରୁ ଛଡାଇନେଇ ବଢ଼ିଲା ନଈରେ ପକାଇଦେଲା । ତା'ପରେ ପରେ ଡବ୍ କରି ଏକ ଶବ୍ଦ ହେଲା । ଦେଖାଗଲା ବିଜୁ ପଟ୍ଟନାୟକ ସେହି ଛତାଟିକୁ ଆଣିବାପାଇଁ ନଈ ସୁଅରେ ଧାଇଁଛନ୍ତି । ଏ ଦୃଶ୍ୟ ଦେଖି ସାଥୀମାନେ ସିନା ଛାନିଆ ହୋଇ ଯାଇଥିଲେ କିନ୍ତୁ ଉତ୍କଳମଣିଙ୍କ ଆଖିରୁ ଧାର ଧାର ଲୁହ ଛୁଟିଥିଲା । କିଛି ସମୟ ପରେ ବିଜୁବାବୁ ସେ ଛତାଟିକୁ ଧରି ଉଜାଣି ସୁଅରେ ଛୁଟି ଆସି ଡଙ୍ଗାକୁ ଉଠିଯାଇ ଆନନ୍ଦରେ ଛତାଟିକୁ ଗୋପବନ୍ଧୁଙ୍କ ହାତକୁବଢ଼ାଇ ଦେଇଥିଲେ । ହେଲେ ଗୋପବନ୍ଧୁ ତାଙ୍କୁ କୋଳକୁ ଟେକିନେଇ ଲୁହ ଛଳଛଳ ଆଖିରେ ଶୁଣାଇଥିଲେ - ବାପ, ଏ ସାମାନ୍ୟ ଛତା ଖଣ୍ଡିକ ପାଇଁ ତୁ ଏତେବଡ଼ ଦୁର୍ଲ୍ଲଭ ଜୀବନକୁ ହରାଇ ଦେବାକୁ ଯାଉଥିଲୁ ।

ନିର୍ଭୀକ ଛାତ୍ର ବିଜୁବାବୁ ବିନୀତ ସ୍ୱରରେ ଶୁଣାଇଥିଲେ - ଆଜ୍ଞା, ମୋ ଜୀବନ ଠାରୁ ଅଧିକ ମୂଲ୍ୟବାନ ଆପଣଙ୍କର ଏଇ ଛତା ଖଣ୍ଡିକ । ଏତିକିରେ ଗୋପବନ୍ଧୁଙ୍କର ଅଶେଷ ଆଶୀର୍ବାଦ ଅଜାଡି ହୋଇପଡିଥିଲା ତାଙ୍କ ଉପରେ । ଅନ୍ୟ ଏକ ଦିନର ଘଟଣା । ଖ୍ରୀଷ୍ଟ କଲେଜିଏଟ୍ ସ୍କୁଲ୍‌ର ଶତବାର୍ଷିକ ଉତ୍ସବ ୩ ଦିନଧରି ପାଳିତ ହେଉଥାଏ । ପ୍ରଥମ ଦିନ ମୁଖ୍ୟଅତିଥି ଭାବେ ଏହି ଉତ୍ସବରେ ଯୋଗ ଦେଇଥିଲେ ବିଜୁବାବୁ । ସ୍କୁଲ୍‌ର ୧୪ ଶହ ଛାତ୍ରଛାତ୍ରୀ, ଶହ ଶହ ନିମନ୍ତ୍ରିତ ଅତିଥି ତଥା ଅଭିଭାବକଙ୍କୁ ନେଇ ସ୍କୁଲ୍ ପ୍ରାଙ୍ଗଣଟି ଆନନ୍ଦ ମୁଖର ହୋଇଉଠୁଥାଏ । ସେଦିନ ଏହି ସଭାମଂଚର ଆଦ୍ୟ ଆକର୍ଷଣ ଥିଲା, ସ୍କୁଲ୍‌ର ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ କଣ୍ଠରେ ସମବେତ କଣ୍ଠସଂଗୀତ । ଅତିଥିମାନେ ମଂଚାସୀନ ହେଲେଣି, ଆଉ ମାତ୍ର ଅଳ୍ପ ସମୟ ପରେ କୋରସ୍ ଆରମ୍ଭ ହେବ । ଏହି ସମୟରେ କେତେକ ତଳଶ୍ରେଣୀର ଛାତ୍ର ନିଜ ନିଜ ମଧ୍ୟରେ କଥାବାର୍ତା ହେଉଥିବାର ଦେଖି ସ୍କୁଲ୍‌ର ପ୍ରଧାନ ଶିକ୍ଷକ ଖୁବ୍ ଚତୁରତାର ସହ ପିଲାମାନଙ୍କୁ ପାଟି ବନ୍ଦ କରିବାପାଇଁ ନାଲିଆଖି ଦେଖାଉଥିଲେ ।

ବିଜୁବାବୁ ସଭାମଂଚରେ ଥାଇ ଏ ଦୃଶ୍ୟକୁ ବେଶ୍ ଅନୁଧ୍ୟାନ କରୁଥାନ୍ତି । ସଭାକାର୍ଯ୍ୟ ଆରମ୍ଭ ହୋଇନଥିଲେ ମଧ୍ୟ ବିଜୁବାବୁ ହଠାତ୍ ଉଠିପଡି ନିଜର ଭାଷଣ ଆରମ୍ଭ କରି ଶୁଣାଇଥିଲେ, "ପିଲାଏ, ତୁମେ ସବୁ ମୋର ଅତି ଆଦରର ପ୍ରିୟଭାଇ, ଭଉଣୀ । ଦିନେ ମୁଁ ତୁମରି ପରି ଏହି ସ୍କୁଲ୍‌ର ଛାତ୍ର ଥିଲି । ଆଜି ତୁମେ ଯେପରି ପାଟିତୁଣ୍ଡ କରୁଛ, ଆମେସବୁ ସେହିପରି ପାଟିତୁଣ୍ଡ କରୁଥିଲୁ । ତୁମମାନଙ୍କ ଠାରୁ ଅଧିକ ଦୁଷ୍ଟ ଥିଲି ମୁଁ । ଏହି ସ୍କୁଲ୍‌ରେ ଦିନକର ଘଟଣା । ସେଦିନ ବାରବାଟୀ କିଲ୍ଲା ଭିଲେଜ ଗ୍ରାଉଣ୍ଡର ଏକ ହେଲିକେପ୍ଟର ଓହ୍ଲାଇଲା । ତାକୁ ଦେଖିବାପାଇଁ ମୁଁ ଆନନ୍ଦରେ ଅଧୀର ହୋଇ ଉଠିଲି । ଭୂଗୋଳ ପିରିୟଡ । ସାର୍ ଭୂଗୋଳ ପଢ଼ାଉଥାନ୍ତି, ମୁଁ ସାର୍‌ଙ୍କ ଅନୁମତି ନନେଇ କ୍ଲାସ୍‌ରୁ ପଳାଇଗଲିଂ । ଭିଲେଜ୍ ଗ୍ରାଉଣ୍ଡରେ ପହଁଚି ହେଲିକେପ୍ଟରରେ ହାତ ମାରିଦେଲି । ସଂଗେ ସଂଗେ ପୁଲିସ୍‌ର ଲାଠି ପ୍ରହାର ମୋ ପିଠିରେ ହୋଇଗଲା । ଦୁଷ୍ଟାମୀ କରିଥିବାରୁ ଏପଟେ ପୁଲିସ୍ ଓ ସେପଟେ ସାର୍‌ଙ୍କ ଠାରୁ ଶାସ୍ତି ସିନା ପାଇଲି, ହେଲେ ସେଦିନ ମନେ ମନେ ଶପଥ କରିଥିଲି, ଦିନେ ନା ଦିନେ ମୁଁ ନିଶ୍ଚୟ ଉଡାଜାହାଜ ଚାଳକ ହେବି । ଈଶ୍ୱରଙ୍କ କୃପାରୁ ମୁଁ ଆଜି ଜଣେ ଦକ୍ଷ ପାଇଲଟ୍ ହୋଇପାରିଛି ।

ତେଣୁ ପିଲା ଏ ତୁମେ ସବୁ ଦୁଷ୍ଟାମୀ କର, ହେଲେ ସେହି ଦୁଷ୍ଟାମୀ ଭିତରେ ଜଣେ ବଡ଼ମଣିଷ ହେବାର ଆଶା ରଖ । ଏତିକି କହି ବିଜୁବାବୁ ବସି ପଡ଼ିଥିଲେ । ଏହାପରେ ଘନଘନ କରତାଳି ଧ୍ୱନିରେ ଏହି ଐତିହାସିକ ସାଂସ୍କୃତିକ ଉତ୍ସବର ପରିବେଶ ଆନନ୍ଦମୁଖର ହୋଇ ଉଠିଥିଲା ଏବଂ ପିଲାମାନେ ଶାନ୍ତ, ନୀରବ ବାତାକରଣ ସୃଷ୍ଟି କରି ପାରିଥିଲେ । ବିଜୁବାବୁ ଥିଲେ ଓଡିଆ ଜାତିର ଏକ ଅଲିଭା ପ୍ରଦୀପ । ସେ ପ୍ରଦୀପ ଯୁଗ ଯୁଗ ଧରି ଏ ଜାତିର ପ୍ରଗତି ପଥକୁ ଆଲୋକିତ କରୁଥାଉ । ତାଙ୍କ ଅମର ଆତ୍ମାର ଜୟଗାନ ଏ ଦେଶର ଗଗନ ପବନକୁ ଏହିପରି ମୁଖରିତ କରୁଥାଉ ।

ପାରାଦ୍ୱୀପଗଡ, ଜଗତ୍‌ସିଂହପୁର
ମୋ : ୯୯୩୭୬୯୧୪୭୫

# ଠାକୁରଙ୍କୁ କେହି ଚର୍ମ ଚକ୍ଷୁରେ ଦେଖିଛ କି ?



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଠାକୁରଙ୍କୁ କେହି ଚର୍ମ ଚକ୍ଷୁରେ ଦେଖିଛ କି ? ଯଦି ଦ୍ୱିଚକ୍ଷୁରେ ବିଷ୍ଣୁଙ୍କ କାମ ଚଳି ଯାଉଛି ତେବେ ଶିବଙ୍କ ତ୍ରିଚକ୍ଷୁ କାହିଁକି ? ସେମିତି ଶିଶୁର ଛୋଟ ବେଳକୁ ତାର ଚକ୍ଷୁ ତାର ଜନ୍ମ ଦାତ୍ରୀକୁ ଖୋଜୁଥିଲାବେଳେ ସେହି ଶିଶୁ ବଡ଼ ହୋଇ ଯୌବନରେ ପଦାର୍ପଣ କଲେ ତାର ଜୀବନ ସାଥି ଯୁବକ ବା ଯୁବତୀ ପ୍ରତି ଚକ୍ଷୁକୁ ଲଗାଉଛି । ପିଲାମାନେ ପାଠ ଆରମ୍ଭକୁ ଦୃଷ୍ଟି ଶକ୍ତି ଚକ୍ଷୁର କେତେ ଶକ୍ତ ହେଲେ ପାଠ୍ୟ ପୁସ୍ତକରେ ବଡ଼ ବଡ଼ ଅକ୍ଷର, ପତଳା ପତଳା ବହି, ଆଉ ବୟସ୍କ ବେଳକୁ ଦୃଷ୍ଟି ଶକ୍ତି ଦୁର୍ବଳକୁ ମୋଟା ବହିରେ ଟିକି ଟିକି ଅକ୍ଷର, ଏକବ୍ୟକ୍ତିର ଚକ୍ଷୁର ଦୃଶ୍ୟ କ୍ଷମତା ବୋଧ ଶକ୍ତି, ଶିଶୁ ମସ୍ତିଷ୍କରେ ବାହ୍ୟ ଦୃଶ୍ୟ ପରିଚିତ ଖୁନ୍ଦା ଯାଉଛି କିନ୍ତୁ ସେହି ସବୁଦୃଶ୍ୟ ପରିବେଶ ବୃଦ୍ଧ କାଳରେ ମାନସ ପଟରୁ ସମୟ ପରିବେଶରେ ତତ୍କାଳ ଲଗାଇ ପରିସ୍ଥିତି ସମାଧାନ କରାଯାଏ । ଆଉ ହାଟ ଯାତ୍ରାରେ ଅନେକ ଲୋକ ଘୋ, ଘୋ ଶବ୍ଦରେ ସ୍ଥାନ କମ୍ପୁଛି କେହି ତାର ଇପ୍ସିତ ଜନକୁ ସେଠାରେ ଖୋଜିଲେ ଖୋଜିବ ଏ ପାଇଁ ତତ୍କାଳୀନ ଘୋ, ଘୋରେ ଡାକଦେବା ନିରର୍ଥକ, ଭିଡ଼ରେ ପଶି ଚିହ୍ନଟ କରିବା ବି ସମୟ ସାପେକ୍ଷ, ଯଦି ଏହି ପ୍ରକାର ପୋଷାକରେ ଅନେକ ଥିବେ ଆହୁରି ଗୋଲକ ଧନ୍ଦା ।

ହେଲେ ଯଦି ନିର୍ଦ୍ଦିଷ୍ଟ ସ୍ଥାନ ସଂକେତ ଥାଏ ମିଳିବା ସହଜ କିନ୍ତୁ ଏ ସମୟକୁ ମୋବାଇଫୋନରେ ଏହା ଦୁଇ ଜନଙ୍କୁ ମିଳାଇ ଦେବା ସହଜ କରିଦେଇଛି କଥାବାର୍ତ୍ତା ମୁଖଦେଖା ସ୍ଥାନ ଦେଖା ସବୁ ହୋଇଯାଉଛି । ହେଲେ ଏହି ଟେଲିଫୋନରେ ଯତ୍ର ତତ୍ର ସର୍ବତ୍ର ଥିବା ଭଗବାନଙ୍କୁ ଖୋଜି ହେବ କି ? ଯେତେବେଳେ କାମେରା ହାତେ ହାତେ ସେତେବେଳେ ମୂର୍ତ୍ତିର ଫଟୋ ଉଠାଯାଉଛି ପୌରାଣିକ ଦେବ ଅସୁର ମଣିଷ ମାନଙ୍କ ଚରିତ୍ର ଅଭିନୟ ଫଟୋ ଉଠୁଛି କିନ୍ତୁ ହାୟ ସତ୍ୟ ଦେବତା ଫଟୋ କେହି ଉଠାଇ ପାରିଲେଣିକି ? ଶଙ୍କରଙ୍କ ଧ୍ୟାନୀ ମୂର୍ତ୍ତି ଋଷି ମୁନୀଙ୍କ 'ସ୍ୱାମୀ ବିବେକାନନ୍ଦଙ୍କ, ବୁଦ୍ଧଦେବଙ୍କ ଏମିତି ଧ୍ୟାନୀ ମୂର୍ତ୍ତି ଫଟୋ ରହିଛି ଏମାନେ ଚକ୍ଷୁ ବୁଜି କ'ଣ ଦେଖୁଛନ୍ତି ? ନିଶ୍ଚୟ ଅଧୋମୁଖିଦୃଷ୍ଟି, ଅନ୍ତର୍ମୁଖୀ ଦୃଷ୍ଟିରେ ଏମାନେ ତାଙ୍କର ଲୟ ଏକ ନିର୍ଦ୍ଦିଷ୍ଟ ପ୍ରତି ଲଗାଇଛନ୍ତି । ଏକ ବିଦ୍ୟା ଜଣଙ୍କର ସିଦ୍ଧି ଅର୍ଥ ତାଙ୍କ ପାଇଁ ଦୁନିଆଁର ପରିବେଶ ନିଶ୍ଚୟ ବଦଳିବ ଏହା ଧ୍ରୁବ ସତ୍ୟ । ଏହିକେଇ କେବଳ ନୁହନ୍ତି ଆହୁରି ଅନେକ ଏପରି ଅନ୍ତରମୁଖୀ ସାଧନା କରିବା ପରେ ତାଙ୍କ ସିଦ୍ଧି ସହ ସଂସାରର ଜୀବନ ଧାରା ବଦଳି ଯାଉଛି । ଜଣେ ବିଦ୍ୟା ସିଦ୍ଧ ଆଇଏଏସ ଅଫିସର, ଜଣେ ଜନନେତା କୌଣସି ଦାୟିତ୍ୱ ନେବା ପରେ ପୂର୍ବ ପରିବେଶ ବଦଳିବା ଦେଖାଯାଉଛି । ନିଜର ଅନ୍ତର୍ନିହିତ ଶକ୍ତିକୁ ଜାଗ୍ରତ କରିବା ପାଇଁ ଶରୀର ମଧ୍ୟରେ ଉହ୍ୟ ହୋଇ ରହିଥିବା ବାଧା ଆଣୁଥିବା ବିକାରମାନେ ରିପୁ, ଆଳସ୍ୟ, ନିଦ୍ରା, କାମ ଚିନ୍ତା, ଶତୃତା ସାଧନ, ପୁଣି ଆୟୁ ଶେଷ ନହୋଇ ଅମରତ୍ୱ ଚିନ୍ତା ଯହିଁରେ ପ୍ରକୃତିରା ଧାରାକୁ ନିଜ ହାତକୁ ନେଇ ବ୍ରହ୍ମା ବିଷ୍ଣୁ ଆଦିଙ୍କ ଶକ୍ତି ହାସଲ କରିବା । ଏହା ସାଧନା ସିଦ୍ଧିର ଘୋର ବିରୁଦ୍ଧକାର୍ଯ୍ୟ । ପାଠ ପଢୁଥିବା ଛାତ୍ରଛାତ୍ରୀମାନେ ଏକ ସାଧନା କରୁଛନ୍ତି । ପୁରାଣ ପ୍ରମାଣ ଯେ ସାଧନା କରିବ ତାକୁ ଇନ୍ଦ୍ର ଭାଙ୍ଗିବାକୁ ମୋହ ମାୟା ଭୟ କାମଚିନ୍ତା ଲଗାଇ ଭାଙ୍ଗିବାକୁ ଚେଷ୍ଟା କରନ୍ତି । ରମ୍ଭା ମେନକା ଉର୍ବଶୀ ପରି ସ୍ୱର୍ଗ ସୁନ୍ଦରୀ ମାନଙ୍କୁ ପୁରୁଷ ସାଧକ ତପି ମାନଙ୍କୁ ତପ ଭ୍ରଷ୍ଟ କରାନ୍ତି । ଖୋଦ ବିଶ୍ୱାମିତ୍ର ଏପରି ଅବସ୍ଥାରେ ପଡ଼ିଥିଲେ । ଗୁରୁ ମଛିନ୍ଦ୍ର ନାଥ ପଡ଼ିଥିଲେ, ଆଉ ନାରୀ ସାଧିକା ମାନେ ଏପରି ଭ୍ରଷ୍ଟ ବି ହୋଇଛନ୍ତି, ବୃନ୍ଦାବତୀ ସ୍ୱାହ, ସ୍ୱଧା, ଶାରଦା ତାଙ୍କର ସିଦ୍ଧି ଭଙ୍ଗ ହୋଇଛି ଅବଶ୍ୟ ବିଷ୍ଣୁ ମାୟାରେ ଏମାନେ ପୁନଃ ପ୍ରତିଷ୍ଠିତ ହେଲେ । ମନୁଷ୍ୟ ପିଲାମାନେ ଏପରି ମାଟିମେନକାଙ୍କ ହାବୁଡ଼େ ପଡୁଛନ୍ତି ଅନେକ ଦୁଷ୍ଟ କାମାତୁର ଯୁବକ ଛାତ୍ରୀ ମାନଙ୍କ ବିଦ୍ୟା ଅର୍ଜନରେ ପ୍ରତି ବନ୍ଧକ ଆଣୁଛନ୍ତି । ଯାହା ପୂର୍ବ କାଳରେ ସେ ମାନଙ୍କୁ ଅସୁର କୁହାଯାଉଥିଲା । ଯେ କୌଣସି ବିଦ୍ୟା ସିଦ୍ଧି ହେଲେ ଚୌବର୍ଗ ପରେ ପରେ ସଦା ମିଳିଥାଏ । ଏଥିପାଇଁ ସର୍ବମ ମିଥ୍ୟା ଜପମ କୁରୁ ପ୍ରତି ଧ୍ୟାନ ଦିଅନ୍ତୁ, ଅନ୍ତରମୁଖୀ ହୁଅନ୍ତୁ, ବାହ୍ୟ ହାଟରେ ମନ ଦିଅନ୍ତୁ ନାହିଁ ।

+ସମ୍ପାଦକ 'ନିୟତି'
ଅରୁଣୋଦୟ ନଗର, କଟକ,
ମୋ: ୯୪୩୭୧୦୩୧୨୫୩






## ପ୍ରିୟା ଡାକିବାକୁ ଲାଗୁଛି ଲାଜ

ମୋହନ କୁମାର ସ୍ୱାଇଁ

ନୂଆ ଗାଡି ଗୋଟେ ଦେଖିଲେ କାହାର
ଡେଇଁ ପଡ଼ି ବସି ପଡୁଛୁ
ହୋଟେଲକୁ ଯାଇ ସାଥିରେ ତାହାର
ଚିକେନ ମଟନ ଭିଡୁଛୁ
ବାକାଡ଼ି ଲେମନ ପିଇ,
ହୋସ ଉଡ଼େଇ ଘରକୁ ଫେରୁଛୁ
ସାଙ୍ଗ ଘରେ ଥିଲି, କହି ।

ସୁନ୍ଦର ଟୋକାକୁ ଦେଖିଲେ ଥରୁଟେ
ୱେଲକମ କହି ଗପୁଛ
ଆଇସି କିରିମ୍ ଚୁଚୁମିବା ପାଇଁ
ପାର୍ଲରକୁ ଡାକି ନେଉଛ
ଟଙ୍କା ଯାହା ହାତେ ଦେଖୁଛ,
କଅଁଳ କଣ୍ଠରେ ମିଠାମିଠା କଥା
ଜମେଇକି ଭାରି ଗପୁଛ ।

ପ୍ରେମର ମାୟାରେ ଭାସିଯାଏ ଯିଏ
ଠିକଣା ତାହାର ମିଳେନା
ନିଜର ସତ୍ତାକୁ ହରେଇ ଦିଏ ସେ
ନ ବୁଝି ପାରିଲେ ଛଳନା
ନ ଜାଣି ପାରିଲେ ବାହାନା
ମାୟାରେ ବାଇଆ ହୋଇଗଲା ପରେ
ଅସ୍ତିତ୍ୱ କାହାର ଫେରେନା ।

କେହି ନ ମିଳିଲେ ଗୋଟାପୁଣି ମୋତେ
ରିଜର୍ଭରେ ରଖି ଦେଇଛ
କାମଚଳା ପାଇଁ ମଝିରେ ମଝିରେ
ପଦେ ଦୁଇପଦ କହୁଛ
ଇମିତି କାହିଁକି ହଉଛ,
ପ୍ରିୟା ଡାକିବାକୁ ଲାଜ ଲାଗେ ଆହେ
ଖୋଳପା ଭିତର କଇଁଛ ।

+ବେଣାପୁର,
କଣ୍ଟିଗଡିଆ, ଯାଜପୁର
ମୋ: ୮୧୧୮୦୯୯୦୩୮

## ଜଗିଛି ସଭିଙ୍କ ବାଟ

ଟିନା ଚଲାନ



ସମୟ ସାଜିଛି ସାଥୀଟିଏ ହୋଇ
ଚଲାପଥେ ହାତ ଧରି,
ଚାଲୁଛି ଚାଲୁଛି ଅଟକି ଯାଉନି
ଆପଣା ଲୋକଟେ ପରି ।
ସମୟ ଯେ ମତେ ଶିଖେଇ ଦେଉଛି
କରି ଯା କରି ଯା କାମ,
ତା' କଥାକୁ ମାନି ଆଗକୁ ଯାଉଛି
ରଖୁଛି ସମୟ ନାମ ।
ସମୟଟା ଯେବେ ସରି ସରି ଯାଏ
ଖୋଜୁଥାଏ ଯେବେ ମୁହିଁ,
କହି ଦେଉଥାଏ ଆଉ ନ ଆସିବ
ଝୁରି ହେଉଥିବୁ ତୁହି ।
ତଥାପି ମନ ମୋ ଘୁରି ବୁଲୁଅଛି
ଅତୀତର ସ୍ମୃତି ଧରି,
ହେ ସମୟ ତୁମେ ଯାଅନା ପଛକୁ
ତୁମ ବିନା ହେବି ସରି ।

ଋତୁ ପରେ ଋତୁ ବଦଳି ଆସୁଛି
ସମୟ ସାରଥୀ ହୋଇ,
ସମୟ ସହିତ ତାଳ ମିଶେଇଲେ
ସିଏ ତ ନେବରେ ମୋହି ।
ସମୟ ହାତରେ ସବୁ ତ ଚାଲୁଛି
ଜଗିଛି ସଭିଙ୍କ ବାଟ,
ଭଲ ଓ ମନ୍ଦ ର ହିସାବ ରଖୁଛି
ଦେଖେଇ ନିଜର ଥାଟ ।

+ଖଡ଼ିଆଳ, ନୂଆପଡ଼ା

# ବୃନ୍ଦାବନ ମହୋତ୍ସବ : ପଦ୍ମଶ୍ରୀ ହରିହରନଙ୍କ ଗଜଲରେ ଦର୍ଶକ ମନ୍ତ୍ରମୁଗ୍ଧ




ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ବୃନ୍ଦାବନ ଗୁରୁକୁଳର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱର ସ୍ଥିତ ରବୀନ୍ଦ୍ର ମଣ୍ଡପ ଠାରେ ବୃନ୍ଦାବନ ମହୋତ୍ସବ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଶିଷ୍ଟ ସଙ୍ଗୀତଜ୍ଞ ପଦ୍ମଶ୍ରୀ ଶ୍ରୀ ହରିହରନ ଯୋଗଦେଇ ସମସ୍ତ ଦର୍ଶକମାନଙ୍କୁ ହୋଲି ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ବୃନ୍ଦାବନ ମହୋତ୍ସବର ପ୍ରଥମାର୍ଦ୍ଧରେ ବୃନ୍ଦାବନ ଗୁରୁକୁଳର ଶିଳ୍ପୀମାନେ ସାମୂହିକ ବଂଶୀବାଦନ କରିଥିଲେ। 'ବୈଷ୍ଣବ ଜନ ତୋ ତେନେ କହିୟେ' ଏବଂ 'ରଙ୍ଗ ବରସେ' ସଙ୍ଗୀତକୁ ବଂଶୀରେ ଉଜ୍ଜୀବିତ କରିଥିଲେ ଶିଳ୍ପୀବୃନ୍ଦ। ତବଲାରେ ଶ୍ରୀ ବିଶ୍ୱ ରଞ୍ଜନ ନନ୍ଦ, ଢୋଲରେ ଶ୍ରୀ ବୈଭବ ଦାସ, ଗିଟାରରେ ଶ୍ରୀ ରୁପେଶ ଜୀବନ ବଂଶୀବାଦକମାନଙ୍କୁ ସହଯୋଗ କରିଥିଲେ। ଏହାପରେ ପଦ୍ମଶ୍ରୀ ଶ୍ରୀ ହରିହରନ ନିଜର ସଙ୍ଗୀତ ପରିବେଷଣ ମାଧ୍ୟମରେ ଦର୍ଶକମାନଙ୍କୁ ବିମୋହିତ କରିଥିଲେ। ପ୍ରଥମେ ଠୁମ୍ରୀ 'ତୁ ଆଜା କାହ୍ନା' ଏବଂ ପରେପରେ 'ଏସି ହୋରି ନା ଖେଲୋ କହ୍ନାଇରେ' ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ ଶ୍ରୀ ହରିହରନ। ଏହାପରେ 'ଲୋଗ କେହତେ ହେ ଅଜନବି ତୁମ୍ ହୋ', 'ଝୁମ୍ ଲେ ହସ ବୋଲ ଲେ', 'ନିଶାନ ୟୁଁ ତୋ ଥେ', 'ଓଃ୍ୱା ନେହିଁ ମେରା ମଗର', ସେହେର ଦର ସେହେର' 'ରଞ୍ଜିସ ହି ସହି' ଆଦି ଗଜଲକୁ ଖୁବ ସୁନ୍ଦର ଭାବେ ପରିବେଷଣ କରିଥିଲେ ଶ୍ରୀ ହରିହରନ, ଯାହାକୁ ଦର୍ଶକମାନେ ବେଶ୍ ପସନ୍ଦ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ସଙ୍ଗୀତଜ୍ଞ ପଦ୍ମ ବିଭୂଷଣ ଶ୍ରୀ ହରିପ୍ରସାଦ ଚୌରସିଆ, ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗ, ସ୍ୱରାଷ୍ଟ୍ର ବିଭାଗ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ଶକ୍ତି ବିଭାଗ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ବିଶାଲ କୁମାର ଦେବ, ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱଥୀ ଏସ, ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ବଲବନ୍ତ ସିଂହ, ଆଇଜି ଶ୍ରୀମତୀ ସାଇନି ଏସ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପ ନିର୍ଦ୍ଦେଶକ ଶ୍ରୀମତୀ ଶୁଚିସ୍ମିତା ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜାହ୍ନବୀଙ୍କ ସମ୍ପତ୍ତି ଶୁଣିଲେ ଚମକିଯିବେ: ଏତେ କମ୍ ବୟସରେ କେମିତି ହେଲେ କୋଟିପତି

ଅଭିନେତ୍ରୀ ଜାହ୍ନବୀ କପୁର ଆଜି ଜଣେ ଲୋକପ୍ରିୟ ବଲିଉଡ୍ ଷ୍ଟାର ହୋଇଯାଇଛନ୍ତି। ସେ ୨୦୧୮ ମସିହାରେ 'ଧଡକ୍' ଫିଲ୍ମରେ ଡେବ୍ୟୁ କରିଥିଲେ। ଏହି ଚଳଚ୍ଚିତ୍ରଟି ଭଲ ବ୍ୟବସାୟ କରିପାରି ନଥିଲା। ଏହା ପରେ, ସେ 'ଗୁଞ୍ଜନ ସକ୍ସେନା: ଦି କାର୍ଗିଲ୍ ଗାର୍ଲ' ରେ ଅଭିନୟ



କରିଥିଲେ। ଏଠାରେ ତାଙ୍କ ଅଭିନୟକୁ ବହୁତ ପ୍ରଶଂସା କରାଯାଇଥିଲା। ଜାହ୍ନବୀ କପୁର ପରବର୍ତ୍ତୀ ସମୟରେ 'ରୁହି', 'ଗୁଡ୍ ଲକ୍ ଜେରି', 'ମିଲି', 'ବବାଲ୍' ଏବଂ 'ପରମ ସୁନ୍ଦରୀ' ଭଳି ଫିଲ୍ମ ମାଧ୍ୟମରେ ତାଙ୍କର ନାଆଁକୁ ସୁଦୃଢ଼ କରିଥିଲେ। ଆଜି, ତାଙ୍କୁ ନୂତନ ପିଢ଼ିର ଶ୍ରେଷ୍ଠ ଅଭିନେତ୍ରୀମାନଙ୍କ ମଧ୍ୟରୁ ଜଣେ ବୋଲି ଗଣାଯାଏ। ଏହି ଅଭିନେତ୍ରୀ ମାର୍ଚ୍ଚ ୬ ତାରିଖରେ ତାଙ୍କର ୨୯ତମ ଜନ୍ମଦିନ ପାଳନ କରିବେ, ଏବଂ ଏହି ବୟସରେ, ସେ କୋଟି କୋଟି ଟଙ୍କାର ସମ୍ପତ୍ତିର ମାଲିକାଣୀ ହୋଇପାରିଛନ୍ତି। ରିପୋର୍ଟ ଅନୁଯାୟୀ, ଜାହ୍ନବୀ କପୁରଙ୍କ ମୋଟ ସମ୍ପତ୍ତିର ମୂଲ୍ୟ ୮୨ କୋଟି ଟଙ୍କା। ସେ ପ୍ରତି ଫିଲ୍ମ ପାଇଁ ୫ରୁ ୧୦ କୋଟି ଟଙ୍କା ନିଅନ୍ତି। ସେ ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟରୁ ମଧ୍ୟ ରୋଜଗାର କରନ୍ତି। ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟ ପାଇଁ ଜାହ୍ନବୀ ୨.୫ କୋଟି ରୁ ୩ କୋଟି ଟଙ୍କା ନିଅନ୍ତି। ସେ ପ୍ରତି ସୋସିଆଲ ମିଡିଆ ପୋଷ୍ଟ ପାଇଁ ୭୦ରୁ ୮୦ଟଙ୍କା ଚାର୍ଜ କରନ୍ତି। ଜାହ୍ନବୀ କପୁର ଖୁବ ବିଳାସପୂର୍ଣ୍ଣ ଜୀବନଯାପନ କରନ୍ତି। ତାଙ୍କର ମୁମ୍ବାଇରେ ୬୫ କୋଟି ଟଙ୍କାର ଏକ ଡୁପ୍ଲେକ୍ସ ଅଛି, ଯେଉଁଠାରେ ସେ ତାଙ୍କ ବାପା ବୋନି କପୁର ଏବଂ ଭଉଣୀ ଖୁସିଙ୍କ ସହ ରୁହନ୍ତି। ଚେନ୍ନାଇରେ ତାଙ୍କର ଏକ ବଡ଼ ପାରିବାରିକ ଘର ମଧ୍ୟ ଅଛି। ଏହା ବ୍ୟତୀତ, ଜାହ୍ନବୀଙ୍କର ଅନେକ ବିଳାସପୂର୍ଣ୍ଣ କାର ଅଛି। କାମର କଥା କହିବାକୁ ଗଲେ, ଜାହ୍ନବୀ ବହୁ ପ୍ରତୀକ୍ଷିତ ଫିଲ୍ମ 'ପେଡ୍ଡି'ରେ ନଜର ଆସିବେ, ଏଥିରେ ରାମ ଚରଣ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ରିପୋର୍ଟ ଅନୁସାରେ, ଫିଲ୍ମଟି ଏପ୍ରିଲ ୩୦ ତାରିଖରେ ସିନେମା ହଲରେ ମୁକ୍ତିଲାଭ କରିବ। ଏହା ବ୍ୟତୀତ ଜାହ୍ନବୀ 'ଲଗ୍ ଜା ଗଲେ' ଫିଲ୍ମରେ ମଧ୍ୟ ନଜର ଆସିବେ।

# ଘୁଞ୍ଚିଲା TOXIC ରିଲିଜ୍ ତାରିଖ




କନ୍ନଡ ସୁପରଷ୍ଟାର ୟଶଙ୍କୁ ପରଦାରେ ଦେଖିବା ପାଇଁ ଦର୍ଶକ ଚାହିଁ ରହିଥିଲେ ମଧ୍ୟ ସେମାନଙ୍କୁ ଆଉ କିଛି ଦିନ ଅପେକ୍ଷା କରିବାକୁ ପଡ଼ିବ । ପୂର୍ବ ନିର୍ଦ୍ଧାରିତ ତାରିଖ ଅନୁଯାୟୀ, ଟକ୍ସିକ୍ ଫିଲ୍ମଟି ମାର୍ଚ୍ଚ ୧୯ରେ ମୁକ୍ତିଲାଭ କରିବାର ଥିଲା, କିନ୍ତୁ ବର୍ତ୍ତମାନ ଏହାକୁ ସ୍ଥଗିତ ରଖାଯାଇଛି । ନୂଆ ଘୋଷଣା ଅନୁଯାୟୀ, 'ଟକ୍ସିକ' ଏବେ ଜୁନ୍ ମାସରେ ୱାର୍ଲ୍ଡ ୱାଇଡ୍ ରିଲିଜ୍ ହେବ । ଏହି ନିଷ୍ପତ୍ତି ପଛରେ କୌଣସି ବୈଷୟିକ ତ୍ରୁଟି ନୁହେଁ, ବରଂ ବିଶ୍ୱ ସ୍ତରୀୟ ପରିସ୍ଥିତି ଏବଂ ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଉତ୍ତେଜନା ମୁଖ୍ୟ କାରଣ ବୋଲି କୁହାଯାଉଛି । ୟଶ ନିଜେ ସୋସିଆଲ ମିଡିଆରେ ଏକ ଭାବପୂର୍ଣ୍ଣ ପୋଷ୍ଟ ସେୟାର କରି ଏହି ସୂଚନା ଦେଇଛନ୍ତି । ସେ ଲେଖିଛନ୍ତି ଯେ, 'ଟକ୍ସିକ'କୁ କେବଳ ଭାରତୀୟ ନୁହେଁ, ବରଂ ବିଶ୍ୱବ୍ୟାପୀ ଦର୍ଶକଙ୍କୁ ଆଖିରେ ରଖି ନିର୍ମାଣ କରାଯାଇଛି । କନ୍ନଡ ଏବଂ ଇଂରାଜୀ ଭାଷାରେ ସୁଟିଂ ହୋଇଥିବାରୁ ଏହାର ବଜାର ମଧ୍ୟ ବହୁତ ବଡ଼ । ତେଣୁ, ମଧ୍ୟପ୍ରାଚ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ଚାଲିଥିବା ଅଶାନ୍ତି ଯୋଗୁଁ ବିପୁଳ ସଂଖ୍ୟକ ଦର୍ଶକ ଫିଲ୍ମଟିକୁ ଦେଖିବାରୁ ବଞ୍ଚିତ ହୋଇଥାନ୍ତେ । ସେମାନଙ୍କ ସହିତ ଯୋଡ଼ି ହେବାର ଲକ୍ଷ୍ୟକୁ ପୂରଣ କରିବା ପାଇଁ ନିର୍ମାତାମାନେ ଏହି କଷ୍ଟକର ନିଷ୍ପତ୍ତି ନେଇଛନ୍ତି । ମାର୍ଚ୍ଚ ୧୯ ତାରିଖରେ କେବଳ 'ଟକ୍ସିକ' ନୁହେଁ ବରଂ ଅନ୍ୟ ଏକ ବଡ଼ ଚଳଚ୍ଚିତ୍ର 'ଧୁରନ୍ଧର ୨' ମଧ୍ୟ ମୁକ୍ତିଲାଭ କରିବାର ଥିଲା । ଏହି ଦୁଇଟି ଫିଲ୍ମ ମଧ୍ୟରେ ଏକ ଜୋରଦାର ଟକ୍କର ହେବ ବୋଲି ସିନେ ସମୀକ୍ଷକମାନେ ଆକଳନ କରୁଥିଲେ । ଦୁଇଟି ବଡ଼ ଫିଲ୍ମ ଏକାସାଙ୍ଗରେ ଆସିଲେ ଫ୍ୟାନ୍ସମାନେ ବିଭାଜିତ ହୋଇଥାନ୍ତେ ଏବଂ ବକ୍ସ ଅଫିସ କଲେକ୍ସନରେ ମଧ୍ୟ ପ୍ରଭାବ ପଡ଼ିଥାନ୍ତା । ତେବେ 'ଟକ୍ସିକ'ର ରିଲିଜ୍ ଘୁଞ୍ଚିଯିବା ପରେ ଏହି ଟକ୍କର ଏବେ ଟଳିଯାଇଛି । ଏହା ପରୋକ୍ଷରେ ଉଭୟ ଫିଲ୍ମକୁ ସ୍ୱାଧୀନ ଭାବରେ ବ୍ୟବସାୟ କରିବା ପାଇଁ ଏକ ବଡ଼ ସୁଯୋଗ ଦେଇଛି । ୟଶ ନିଜ ପ୍ରଶଂସକଙ୍କୁ ଧୈର୍ଯ୍ୟ ଧରିବା ପାଇଁ ଅନୁରୋଧ କରିଛନ୍ତି । ସେ କହିଛନ୍ତି ଯେ, ବର୍ଷ ବର୍ଷର ଅକ୍ଲାନ୍ତ ପରିଶ୍ରମ ପରେ ସେ ମାର୍ଚ୍ଚରେ ଫିଲ୍ମଟି ଆଣିବାକୁ ଖୁବ୍ ଉତ୍ସାହିତ ଥିଲେ । କିନ୍ତୁ ଅଂଶୀଦାର ଏବଂ ବିଶ୍ୱ ଦର୍ଶକଙ୍କ ସ୍ୱାର୍ଥ ରକ୍ଷା କରିବା ତାଙ୍କ ପାଇଁ ପ୍ରଥମ ପ୍ରାଥମିକତା । ଜୁନ୍ ୪ରେ ଏହି ଚଳଚ୍ଚିତ୍ରଟି ଇଂରାଜୀ ଏବଂ ହିନ୍ଦୀରେ ବିଶ୍ୱ ସ୍ତରରେ ମୁକ୍ତିଲାଭ କରିବ । ଯଦିଓ ରିଲିଜ୍ ତାରିଖ ଘୁଞ୍ଚିବା ଫ୍ୟାନ୍ସଙ୍କୁ ନିରାଶ କରିଛି, କିନ୍ତୁ 'ଟକ୍ସିକ'ର କ୍ରେଜ୍ ଏବଂ ଗୁଣବତ୍ତା ବଜାୟ ରଖିବା ପାଇଁ ଏହି ପଦକ୍ଷେପ ଜରୁରୀ ଥିଲା ବୋଲି ବିଚାର କରାଯାଉଛି । ଏବେ ସମସ୍ତଙ୍କ ନଜର ଜୁନ୍ ୪ ଉପରେ, ଯେତେବେଳେ ୟଶ ପୁଣିଥରେ ପରଦାରେ ନିଜର ଜଲୱା ଦେଖାଇବେ ।

# ଭଲଗୀତର ଜମାନା ନିଶ୍ଚେ ଫେରିବ...




ଏକାବେଳକେ ଏତେ ଗୁଡ଼ିଏ ହିଟ୍ ଦେବା ଏବଂ ସେସବୁ ସଫଳ ହୋଇ ଶ୍ରୋତାଙ୍କ କରତାଳି ସାଉଁଟିବା କିଛି କମ୍ ବଡ଼ କଥା ନୁହେଁ; ତା' ପୁଣି କ୍ୟାସେଟ୍, ଟେପ୍‌ରେକର୍ଡର, କଳାଧଳା ଟିଭି ଆଉ ନୂଆ ନୂଆ ଆସିଥିବା ରଂଗୀନ ଟିଭି ଜମାନାରେ।

ଶତାଧିକ ହିଟ୍ ଆଲ୍‌ବମ୍, ଭଜନ, ସିନେମା, ଲଘୁ-ସୁଗମ ସଂଗୀତ, ଆକାଶବାଣୀର ଅନେକ ଗୀତ ସହିତ ବିଭିନ୍ନ ସିରିଏଲ୍‌ର ପ୍ରଚ୍ଛଦ ସଂଗୀତ ଗାଇ ସେ ଘରେ ଘରେ ପରିଚିତ। ଆମେ କହୁଛୁ 'ବନ ପୋଡ଼ିଗଲେ ସଭିଏଁ ଜାଣନ୍ତି, ମନ ପୋଡ଼ିଗଲେ ଜାଣୁଚି କିଏ...' ଗାଇଥିବା, ସଂଗୀତକୁ ନେଇ ଯଥେଷ୍ଟ ସିରିୟସ୍ ଥିବା ଏବଂ ଛୋଟବେଳୁ ବଡ଼ମାନଙ୍କ ପାଇଁ ଭଏସ୍ ଦେଇଥିବା ଗାୟିକା ଶୈଳଭାମା ମହାପାତ୍ରଙ୍କ କଥା। ଘର ପୁରୀରେ, ହେଲେ ଜନ୍ମ କୋରାପୁଟ ସୁନାବେଡ଼ାରେ। ପାଠପଢ଼ା ସୁନାବେଡ଼ା ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ। ବାପା ସ୍ୱର୍ଗତ ଜଗତ୍‌ବନ୍ଧୁ ମହାପାତ୍ର ଓ ମାଆ ହରପ୍ରିୟା ମହାପାତ୍ର।

ବେଶୀ କଥା କହୁନଥିବା, ଅଯଥା ଗସିପ୍ କରୁନଥିବା ଏବଂ ସଂଗୀତ ପାଇଁ ସଂପୂର୍ଣ୍ଣ ସମର୍ପିତ ଥିବା ଶୈଳଭାମାଙ୍କୁ ସଂଗୀତ ଦୁନିଆରେ ବ୍ୟାକ୍‌ଟୁବ୍ୟାକ୍ ସଫଳତା ମିଳିଛି ତା' ପୁଣି ଖୁବ୍ କମ୍ ସମୟ ଅନ୍ତରରେ। ଏକାସାଙ୍ଗେ ମଳୟ ମିଶ୍ରଙ୍କ ମ୍ୟୁଜିକ୍‌ରେ ପୁନେଇଁ ଜହ୍ନ କ୍ୟାସେଟ୍‌ରେ ଆଲ୍‌ବମ୍ ବନ ପୋଡ଼ିଗଲେ ସଭିଏଁ ଜାଣନ୍ତି... ଏବଂ ସ୍ୱର୍ଗତ ସରୋଜ ନନ୍ଦଙ୍କ ମ୍ୟୁଜିକ୍ ଓ ଅରୁଣ ମନ୍ତ୍ରୀଙ୍କ ଲେଖାରେ ଭଜନ ନୂପୁର ମୋ ରୁଣୁଝୁଣୁ... ଗୀତଟି ଶୈଳଭାମାଙ୍କ ପ୍ରଥମ ଓ ହିଟ୍ ଲିଷ୍ଟରେ ସାମିଲ ହୋଇଥିଲା। ମାତ୍ର ୨/୩ ଦିନ କିମ୍ବା ୧୫ ଦିନ ଭିତରେ ପ୍ରାୟ ସବୁଗୀତ ରେକର୍ଡ ସଂଖ୍ୟକ ହିଟ୍ ଛୁଇଁଛି। ସେତେବେଳେ ଗୋଟିଏ ଦିନରେ ୮/୧୦ଟି ଗୀତ ଏକାବେଳେ ରେକର୍ଡ କରିବାକୁ ପଡ଼ିଛି ଏବଂ ଥକ୍କାମାରିବାକୁ ଫୁରୁସତ ମିଳିପାରିନି ବୋଲି କହନ୍ତି ଶୈଳଭାମା ମହାପାତ୍ର।

ଘରେ ମାଆ ଓ ବଡ଼ଭଉଣୀ ତାଙ୍କର ଆଦ୍ୟଗୁରୁ। ସେମାନଙ୍କୁ ଦେଖି ଗୀତ ଶୁଣି ମନେରଖି ଗାଆନ୍ତି ଶୈଳଭାମା। ଗୀତ ଲିରିକ୍ ଅପେକ୍ଷା ସ୍ୱରକୁ ଖୁବ୍ ଶୀଘ୍ର ଧରିପାରନ୍ତି ସେ। ପିଲାବେଳୁ ସେ ସଂଗୀତ ସାଧନାରେ ବ୍ରତୀ। ଖୁବ୍ କମ୍ ବୟସରୁ ସେ ଆକାଶବାଣୀରେ ଜଣେ ସ୍ୱୀକୃତିପ୍ରାପ୍ତ ଶିଶୁକଣ୍ଠଶିଳ୍ପୀର ମାନ୍ୟତା ପାଇବା ସହ ଅନେକ ସିନେମାରେ କଣ୍ଠଦାନ କରିଥିଲେ। ଗୁରୁ ଶାନ୍ତନୁ ଦାଶ ଏବଂ ଡ. ଅନନ୍ତ ନାରାୟଣ ମିଶ୍ରଙ୍କଠାରୁ କ୍ଲାସିକାଲ୍ ମ୍ୟୁଜିକ୍‌ରେ ବିଧିବଦ୍ଧ ତାଲିମ ନେଇଛନ୍ତି। ସ୍କୁଲ୍ ପଢ଼ିବାବେଳେ ଡ. ଗିରିଧର ଗମାଙ୍ଗଙ୍କ ଦ୍ୱାରା ଗଠିତ 'ହିଡେନ୍ ଟ୍ୟାଲେଣ୍ଟ' ଗ୍ରୁପ୍‌ରେ ସାମିଲ୍ ହୋଇ ସାରା ଭାରତରେ କାମକଲେ ଏବଂ ପୁରୀ ବିଚ୍ ଫେଷ୍ଟିଭାଲ୍‌ରେ କୋରାପୁଟକୁ ରିପ୍ରେଜେଣ୍ଟ କରିଥିଲେ। ସେଠାରେ ଜଣେ ପ୍ରଯୋଜକ ତାଙ୍କୁ ସିନେମା ପାଇଁ ଅନୁବନ୍ଧିତ କରିଥିଲେ ଏବଂ ମୁମ୍ବାଇରେ ସେ ତାଙ୍କର ପ୍ରଥମ ଗୀତ ରେକର୍ଡ କରିଥିଲେ। ଶୈଳଭାମା ବିଭିନ୍ନ ପ୍ରକାରର ହଜାର ହଜାର ଗୀତ ଗାଇଛନ୍ତି, ହେଲେ ତାଙ୍କ ହୃଦୟ ତୁଳସୀ, ଦାସୀ, ମାଉସୀ ପରି ସିରିଏଲ୍‌ର ଟାଇଟଲ୍ ଗୀତରେ ହିଁ ଅଟକିଛି ବୋଲି ସେ କହନ୍ତି।

ଏବେକା ସମୟର ସଂଗୀତ ସାଧନା ଓ ସଂଗୀତ ପ୍ରସ୍ତୁତିରେ ସେ ଟିକେ ଅସହଜବୋଧ କରନ୍ତି। ''ସୋସିଆଲ୍ ମିଡିଆ ଆସିଗଲା ପରେ ଏବେ ଯେ କେହିବି କଣ୍ଠଶିଳ୍ପୀ ହୋଇପାରୁଛନ୍ତି। ଭଏସ୍ କରେକ୍ଟର ମାଧ୍ୟମରେ ଖରାପ ସ୍ୱର ସୁମଧୁର ସ୍ୱର ହୋଇଯାଉଛି। ଅର୍ଥାତ୍ ଅତି ଖରାପ କଣ୍ଠସ୍ୱରଧାରୀ ବି ଏବେ ଜଣେ ସୁନ୍ଦର ଗାୟକର ମାନ୍ୟତା ପାଉଛି। ପପୁଲାର ଓ ପ୍ରକୃତ ସାଧନା ଛାଡ଼ି ଏବେକାର ଯୁବପିଢ଼ି 'ଭାଇରାଲ୍ ସିଙ୍ଗର'ର ସ୍ୱୀକୃତି ପାଇବାକୁ ମାତିଛନ୍ତି। ଯାହା ସେମାନଙ୍କ କଳାକୁ ପ୍ରକୃତ ନ୍ୟାୟ ଦେଇପାରୁନି। ଏଣୁ ସେମାନେ ଭାଇରାଲ୍ ପାଶରେ ଶସ୍ତା ଗାୟନ, ଲିଖନ ଛାଡ଼ି ଦୀର୍ଘକାଳୀନ ପ୍ରକୃତ ସାଧନା ଜାରି ରଖନ୍ତୁ। ଏହା ଉଭୟ ସମସାମୟିକ ଓ ପରବର୍ତ୍ତୀ ପିଢ଼ି ପାଇଁ ଅମୂଲ୍ୟ, ଦୀର୍ଘସ୍ଥାୟୀ ହୋଇ ରହିବ। ମୋ ଜାଣିବାରେ ଲୋକେ ଗାୟକଙ୍କୁ ଭୁଲିଯାଆନ୍ତି, ହେଲେ ତା' ଗୀତଟି ସବୁବେଳେ ଅମର। ଆଗକୁ ସମୟ ବଦଳିବ ଏବଂ ଏହିଧାରାରେ ପରିବର୍ତ୍ତନ ହୋଇ ପୁରୁଣା ଧାରା ଫେରିବ ନିଶ୍ଚେ। ଏହାକୁ ମୁଁ ଅପେକ୍ଷା କରି ରହିଛି'' ବୋଲି କହନ୍ତି ଶୈଳଭାମା ମହାପାତ୍ର।

ଆଗକୁ ସେ ନୂଆ ପଢ଼ିର ଦକ୍ଷ ଗାୟକଙ୍କୁ ନେଇ ନୂତନ ଢ଼ଙ୍ଗରେ କାମ କରିବାକୁ ଇଚ୍ଛା ରଖିଛନ୍ତି ବୋଲି ସେ କହନ୍ତି। ଏବେ ବି ସେ ନିଜେ ସକାଳୁ ୧ଘଣ୍ଟା ରିଆଜ୍ କରନ୍ତି ଏବଂ ସେ ଏବେବି ସଂଗୀତ ଶିଖିବା ଜାରି ରଖିଛନ୍ତି। ନିକଟରେ ସେ ଅନେକ ଗୀତ ରେକର୍ଡ କରିଛନ୍ତି ଖୁବ୍‌ଶୀଘ୍ର ତାହା ମୁକ୍ତିଲାଭ କରିବାକୁ ଯାଉଛି ଏବଂ ଆଗକୁ ତାଙ୍କର ନୂଆ ଭଜନ ଓ ଆଲ୍‌ବମ୍ ଆସୁଛି। ଲୋକମାନଙ୍କ ଗ୍ରହଣୀୟତା, ଲୋକପ୍ରିୟତା ତଥା ପରିବାର ଓ ଭଗବାନଙ୍କ ଆଶୀର୍ବାଦ ପାଇଁ ସେ ଏତେବାଟ ଆସିପାରିଛନ୍ତି ବୋଲି ସ୍ୱୀକାର କରନ୍ତି ଶୈଳଭାମା ମହାପାତ୍ର।

# ହୋଲିରେ ପୁଣି ରାଜ୍ କଲେ ପବନ ସିଂହ: ଶାଳୀ ସହ ଜମିଲା ଖେଳ

ଭୋଜପୁରୀ ସିନେମାର ପାୱାରଷ୍ଟାର ପବନ ସିଂହ ତାଙ୍କ ଶାଳୀ ସହିତ ହୋଲି ଖେଳିବା ପାଇଁ ତାଙ୍କ ଶ୍ୱଶୁର ଘରେ ପହଞ୍ଚିଗଲେ। ତାଙ୍କୁ କୁଣ୍ଢେଇ ପକାଇ ନିଜ କୋଳରେ ଉଠାଇ ରଙ୍ଗ କଲେ। ଏହା ଶାଳୀ ମଧ୍ୟ ତାଙ୍କ ଭିଣୋଇଙ୍କୁ କହିଛନ୍ତି, 'ଲେହେଙ୍ଗୱା ଲାଲ ହୋ ଜାଇ'। ଭୋଜପୁରୀ ସିନେମାର ସୁପରଷ୍ଟାର ପବନ ସିଂହ ସବୁଥର ପରି ଏ ବର୍ଷ ମଧ୍ୟ ହୋଲିରେ ରାଜ୍ କରିଛନ୍ତି। ତାଙ୍କର ଗୀତ 'ଲହଙ୍ଗୱା ଲାଲ ହୋ ଜାଇ' ୟୁଟ୍ୟୁବରେ ଧମାଲ କରୁଛି। ଏହି ହୋଲି-ସ୍ପେଶାଲ୍ ଗୀତରେ ପବନ ସିଂହଙ୍କ ସହ ଖୁସି ତିୱାରୀ ଅଛନ୍ତି ଏବଂ ସେମାନଙ୍କର ଜବରଦସ୍ତ କେମେଷ୍ଟ୍ରିକୁ ଦର୍ଶକ ଖୁବ୍ ଉପଭୋଗ କରୁଛନ୍ତି। 'ଶାଳୀ-ଭୋଣୋଇ' ଉପରେ ଆଧାରିତ ଏହି ଗୀତର କଣ୍ଟେଣ୍ଟ୍ ପ୍ରଶଂସକମାନଙ୍କୁ ଖୁବ୍ ଛୁଉଁଛି ଆଉ ସେମାନେ ଖୁବ ପ୍ରଶଂସା ମଧ୍ୟ କରୁଛନ୍ତି। ଗୀତର ଶବ୍ଦଗୁଡ଼ିକ ଏମପି ଯାଦବ ଲେଖିଥିବା ବେଳେ ପବନ ସିଂହ, ଶିଳ୍ପୀ ରାଜଙ୍କ ସହିତ ମିଶି ଏହାକୁ ଗାଇଛନ୍ତି।



# ଏସ.କେ ଭକ୍ତି ଧାରା ପ୍ରସ୍ତୁତ ତିନିଟି ଭକ୍ତି ସଙ୍ଗୀତର ପୋଷ୍ଟର ଉନ୍ମୋଚିତ, 'ଜୟ ମାଆ ଲକ୍ଷ୍ମୀ' ଗୀତ ମୁକ୍ତିଲାଭ




କଥାରେ ଅଛି ଭକ୍ତିରେ ଭଗବାନ । ଭକ୍ତି ଥିଲେ ଭଗବାନ ଏଠି ସେଠି ସବୁଠି ଦର୍ଶନ ଦିଅନ୍ତି । ସେମିତି ଜଣେ ଭକ୍ତ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦିବ୍ୟ ଦର୍ଶନ ପାଇ ଗୀତ ଲେଖିବା ଆରମ୍ଭ କରିଥିଲେ ଏବଂ ସେହି ଗୀତଗୁଡିକ ସଙ୍ଗୀତର ରୂପ ନେଲା ଯାହା ଏକ ଭବ୍ୟ ପରିବେଶରେ ପୋଷ୍ଟର ଉନ୍ମୋଚନ ସହିତ ଗୋଟିଏ ଗୀତ ମୁକ୍ତିଲାଭ କରିଛି । ସେହି ଉତ୍ସବରେ ଗୀତିକାର ସଚ୍ଚିଦାନନ୍ଦ ମଲ୍ଲିକ୍, ପ୍ରଯୋଜିକା ଶ୍ରୀମତୀ ନିରୁପମା, ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀ, ଶିଳ୍ପ ଉଦ୍ୟୋଗୀ ତାରିଣୀ ପ୍ରସାଦ ମହାନ୍ତି, ଗୌରଭ ରାଲହନ (ଅଧ୍ୟକ୍ଷ), ଯୁବ ଉଦ୍ୟୋଗୀ ତଥା ମିଡ଼ିଆ ପ୍ଲାନର ଭରତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ନିରୁପମାଙ୍କ ପ୍ରଯୋଜନାରେ, ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀଙ୍କ ସ୍ୱର ସଂଯୋଜନାରେ ପ୍ରଚ୍ଛଦପଟ ଗାୟିକା ସୋହିନୀ ମିଶ୍ର ଜୟ ମାଆ ଲକ୍ଷ୍ମୀ ଗୀତରେ କଣ୍ଠଦାନ କରିଛନ୍ତି । ଯାହା ଏସ.କେ ଭକ୍ତି ଧାରା ବ୍ୟାନରରେ ମୁକ୍ତିଲାଭହୋଇଛି । ଜୟ ମାଆ ଲକ୍ଷ୍ମୀ ଭଜନ ସମେତ 'ଜଗାର ଚମତ୍କାର' ଏବଂ 'ଦାରୁରୁ ଜଗନ୍ନାଥ' ଭଳି ୨ ଟି ଭଜନ ପ୍ରସ୍ତୁତ ହୋଇଛି । ଏଯାବତ ତାଙ୍କର ୩ଟି ଭକ୍ତି ସଙ୍ଗୀତ ପ୍ରସ୍ତୁତ ହୋଇସାରିଛି । ପ୍ରଭୁ ଜଗନ୍ନାଥଙ୍କ ଅପାର କରୁଣା ଏବଂ ଶ୍ରୋତା ତଥା ଦର୍ଶକଙ୍କର ଭଲ ପାଇବା ରହିଲେ ଗୀତିକାର ସଚ୍ଚିଦାନନ୍ଦ ମଲ୍ଲିକ ଏହିପରି ଗୋଟିଏ ପରେ ଗୋଟିଏ ଭକ୍ତି ସଙ୍ଗୀତ ପ୍ରସ୍ତୁତ କରିବେ ବୋଲି ପ୍ରକାଶ କରିଛନ୍ତି।

# ରାସାୟନିକ ସାର ପ୍ରୟୋଗ ଯୋଗୁଁ ପୋଷକରେ ଅସନ୍ତୁଳନ: ମାଟିରେ ଖସୁଛି ଜୈବିକ କାର୍ବନ

ପୁରୀ, ୦୫/୩ (ନି.ପ୍ର): ମାଟିରେ ଜୈବିକ କାର୍ବନ ସ୍ତର ୦.୩୧ - ୦.୩୬%କୁ ଖସି ଆସିଲାଣି। ଯବକ୍ଷାରଜାନ ନିଅଣ୍ଟ ହେଲାଣି। ଦୀର୍ଘକାଳ ରାସାୟନିକ ସାର ପ୍ରୟୋଗ ଯୋଗୁଁ ପୋଷକରେ ଅସନ୍ତୁଳନ ଦେଖାଦେଲାଣି। ପୁରୀରେ ଆୟୋଜିତ ସମନ୍ୱିତ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା କର୍ମଶାଳାରେ ଏହି ତଥ୍ୟ ରଖିଛନ୍ତି ବିଶେଷଜ୍ଞ ଓ ଅଧିକାରୀ। ବିଶେଷକରି ଖାଲୁଆ ଡେଲ୍‌ଟା ଅଞ୍ଚଳରେ ମାଟିରେ ଲୁଣି ଅଂଶ ଯୋଗୁଁ ସମସ୍ୟା ଉପୁଜୁଛି। ଅତିରିକ୍ତ ବୋରନ୍ ଓ ଜିଙ୍କ ଅଣୁପୋଷକ ରହିଛି। 'ଜଳବାୟୁ ପରିବର୍ତ୍ତନ ଗ୍ରହଣୀୟତା ପାଇଁ ଡାଟା ସାଇନ୍ସର ସ୍ଥାନୀୟକରଣ' ପ୍ରକଳ୍ପ ଅଧୀନରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ହମାରା ବଚପନ ଟ୍ରଷ୍ଟ ପକ୍ଷରୁ ୟୁଏନ୍‌ଡିପି ଇଣ୍ଡିଆ ସହଭାଗିତାରେ ପୁରୀ ସିଡିଏଓ




ସମ୍ମିଳନୀ କକ୍ଷରେ ମାଟିରେ ଲୁଣି ଅଂଶ ହ୍ରାସ ପାଇଁ ସମନ୍ୱିତ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ଉପରେ ଆଲୋଚନା ହୋଇଥିଲା। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଚନ୍ଦ୍ରମୋହନ ଚାନ୍ଦ, ମୃତ୍ତିକା ସଂରକ୍ଷଣ ଅତିରିକ୍ତ ନିର୍ଦ୍ଦେଶକ ଜ୍ୟୋତିରଂଜନ ମିଶ୍ର, କେଭିକେ ଆଗ୍ରୋନୋମିର ଡ. ସାର୍ଥକ ପଟ୍ଟନାୟକ, ଜି. ଶ୍ୱେତା, ଭାରତୀ ମଲ୍ଲ, ବିଜୟଲକ୍ଷ୍ମୀ ସାହୁ, ରାଧାକାନ୍ତ ମିଶ୍ର ପ୍ରମୁଖ କର୍ମଶାଳାରେ ଉପସ୍ଥିତ ଥିଲେ। ଜିଆଇଏସ୍ ସଏଲ୍ ଟାଇପୋଲୋଜି, ରିମୋର୍ଟ ସେନସିଂ ଆନାଲିସିସ୍, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ତଥ୍ୟ ଆଧାରରେ ବୈଷୟିକ ଉପସ୍ଥାପନା କରାଯାଇଥିଲା। ବିଶେଷକରି ଗୋପ ବ୍ଲକରେ ଜଟିଳ ମୃତ୍ତିକା ସ୍ୱାସ୍ଥ୍ୟ ଅବସ୍ଥା ବିଷୟରେ ଆଲୋଚନା କରାଯାଇଥିଲା। ମାଟିରେ ଜୈବିକ କାର୍ବନ ପରିମାଣ ହ୍ରାସ ଏବଂ ନିମ୍ନମାନର ଜଳ ନିଷ୍କାସନ ବ୍ୟବସ୍ଥା କାରଣରୁ ମାଟିର ଅଧଃପତନ ହେଉଛି ବୋଲି ବିଶାରଦମାନେ କହିଥିଲେ। ଏହାଦ୍ୱାରା ଜଳବାୟୁରେ ବୈଷମ୍ୟ ପରିଲକ୍ଷିତ ହେଉଛି ବୋଲି ସୂଚାଇଥିଲେ। ତେଣୁ କମ୍ପୋଷ୍ଟ ଏବଂ ଏଫ୍‌ୱାଇଏମ୍ ପ୍ରୟୋଗ, ପୋଖରୀ ପଙ୍କ ବ୍ୟବହାର, ଗ୍ରୀଷ୍ମକାଳରେ ହଳ କରିବା ଏବଂ ଧାନ ଡାଲି ଅଦଳ ବଦଳ ଭିତ୍ତିରେ ପାରମ୍ପରିକ ଚାଷ ପଦ୍ଧତି ଆପଣାଇବାକୁ ପରାମର୍ଶ ଦେଇଥିଲେ। ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ଯୋଜନା ଆପଣାଇବା, ପୋଷକରେ ସଂଶୋଧନ ଆଣିବା, ଜୈବିକ କାର୍ବନ ପରିମାଣରେ ବୃଦ୍ଧି ଘଟାଇବା, ମଧ୍ୟମ ସୂତ୍ରୀ ଅନୁଯାୟୀ ମୃତ୍ତିକା ସଂରଚନାରେ ସ୍ଥିରତା ଓ ଦୀର୍ଘସୂତ୍ରୀ ସଂରକ୍ଷଣ ବାବଦରେ ଆଲୋଚନା କରାଯାଇଥିଲା।

# ସୁରକ୍ଷାବଳଙ୍କୁ ବଡ଼ ସଫଳତା: ମାଓବାଦୀଙ୍କ ଲ୍ୟାଣ୍ଡମାଇନ କଲେ ନିଷ୍କ୍ରିୟ



ସୁନ୍ଦରଗଡ଼/ବିଶ୍ରା (ଦେବ କୁମାର ଦେ): ସୁନ୍ଦରଗଡ଼ ଜିଲ୍ଲାର ବିଶ୍ରା ବ୍ଲକ ଅଧିନସ୍ଥ ଜରାଇକେଲା ସୀମାନ୍ତରେ ଝାଡ଼ଖଣ୍ଡ ପୁଲିସ ଏବଂ ସିଆରପିଏଫ୍ ଯବାନମାନେ ମାଓବାଦୀଙ୍କ ଏକ ବଡ଼ ଷଡ଼ଯନ୍ତ୍ରକୁ ବିଫଳ କରି ଦେଇଛନ୍ତି। ଜରାଇକେଲା ସ୍ଥିତ ସରଣ୍ଡା ଜଙ୍ଗଲର ବାବୁଡେରା ଠାରେ ଥିବା ମାଟି ରାସ୍ତାକଡ଼ରେ ମାଓବାଦୀଙ୍କ ଦ୍ୱାରା ଲଗା ଯାଇଥିବା ଏକ ଲେଣ୍ଡମାଇନକୁ ସୁରକ୍ଷାବଳ ଚିହ୍ନଟ କରି ସୁରକ୍ଷିତ ଭାବରେ ତାକୁ ନିଷ୍କ୍ରିୟ କରିଦେଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ଏହି ବିସ୍ଫୋରକଟି ସୁରକ୍ଷାବଳଙ୍କୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ମାଟି ତଳେ ପୋତା ଯାଇଥିଲା। କିନ୍ତୁ ନକ୍ସଲ ବିରୋଧୀ ଅଭିଯାନ ସମୟରେ ଯବାନମାନେ ଏହାକୁ ଚିହ୍ନଟ କରିଥିଲେ। ଯାହା ପରେ ବୋମ୍ୱ ଡିସ୍ପୋଜାଲ୍ ଟିମ୍ ଘଟଣା ସ୍ଥଳକୁ ପହଞ୍ଚି ସମ୍ପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଏହି ବୋମାକୁ ନିଷ୍କ୍ରିୟ କରି ଦେଇ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ସାରଣ୍ଡା ଜଙ୍ଗଲ ଅଞ୍ଚଳରେ ସୁରକ୍ଷାବଳ ଦ୍ୱାରା ନକ୍ସଲୀମାନଙ୍କ ବିରୋଧରେ ବ୍ୟାପକ ଅଭିଯାନ ଚାଲିଛି। ଯାହା ଫଳରେ ନକ୍ସଲ ସଂଗଠନ କ୍ରମାଗତ ଭାବରେ ଦୁର୍ବଳ ପଡୁ ଥିବା ଦେଖିବାକୁ ମିଳୁଛି। ସେମାନେ ନିଜ ଅସ୍ତିତ୍ୱ ରକ୍ଷା କରିବା ପାଇଁ ଶେଷ ପର୍ଯ୍ୟନ୍ତ ଚେଷ୍ଟା ଜାରି ରଖିଛି। ଏହି ଘଟଣା ପରେ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆ ଯାଇଅଛି ଏବଂ ମାଓ ବିରୋଧୀ କୁମ୍ବିଂ ଅପରେସନକୁ ଆହୁରି ଜୋରଦାର କରାଯାଇଛି।

# ଚିଲିକାରେ ଜଳସଙ୍କଟ



ଚିଲିକା: ଚିଲିକା ବ୍ଲକ୍‌ର ଅଧିକାଂଶ ଅଞ୍ଚଳ ଚିଲିକା ନିକଟବର୍ତ୍ତୀ ହୋଇ ଥିବାରୁ ଏଠାରେ ପ୍ରାୟ ସମସ୍ତ କୂପ, ପୁଷ୍କରିଣୀ, ଏପରିକି ଅନେକ ନଳକୂପର ଜଳ ଲବଣାକ୍ତ ଅଟେ। ଏଣୁ ପ୍ରାୟ ସମସ୍ତେ ପାଇପ୍ ଜଳ ଉପରେ ନିର୍ଭର କରନ୍ତି। ତେବେ ପରିଚାଳନାଗତ ସମସ୍ୟା ଯୋଗୁଁ ରାହାନବେଲ୍ଲୀ, କାଲୁରି, ନଇରି, କୁମାଣ୍ଡଳ ଆଦି ଗାଁରେ ଲୋକମାନେ ଗତ କିଛି ଦିନ ଧରି ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ପାଇପ୍ ଜଳ ଉପରେ ସମସ୍ତେ ନିର୍ଭର କରୁଥିବା ବେଳେ କେତେକ ସାର୍ଥୀଜନତା ବାଇପାସ୍ କରି ନିଜ ଘରକୁ ପାଣି ନେଇଛନ୍ତି। ଫଳରେ ଲୋକଙ୍କ ନିକଟରୁ ଆବଶ୍ୟକ ଜଳ ପହଞ୍ଚିପାରୁନାହିଁ। ଗତବର୍ଷ ଏଥିପାଇଁ ଖଣ୍ଡୁଆଳକୋଟ ପମ୍ପହାଉସରେ ଘିଅଖଳାର ଲୋକ ତାଲା ପକାଇ ବିରୋଧ କରିଥିଲେ। ପରେ ଅଞ୍ଚଳରୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଯାଇଥିଲା। ଆଙ୍କୁଲା ପଞ୍ଚାୟତର ରହାନ୍ ବେଲି ଗାଁକୁ ଆଜିକୁ ୩ମାସ ହେବ ପାଣି ଆସୁନାହିଁ। ମୋଟର ପୋଡ଼ି ଯାଇଥିବାରୁ ସାମନ୍ତ ସିଂହାରପୁର, କାଲୁରୀକୁ ପନ୍ଦର ଦିନ ହେବ ପାଣି ଯାଉନାହିଁ। ଖବର ନେବାରୁ ଜଣାଯାଇଛି ଯେ ଠିକାଦାରକୁ ପୂର୍ବବର୍ଷର ଟଙ୍କା ଦିଆ ଯାଇ ନ ଥିବାରୁ ସେ ମରାମତି କରୁନାହିଁ। ଏନେଇ ବିଭାଗୀୟ କନିଷ୍ଠଯନ୍ତ୍ରୀ ବାସୁଦେବ ଶତପଥୀଙ୍କୁ ପଚାରିବାରୁ କହିଛନ୍ତି, ଗାଁ ରେ ବୈଠକ କରି ପାଣି ବନ୍ଦ କରିଛନ୍ତି। ବାସ୍ତବରେ ସେମିତି କିଛି ଘଟିନାହିଁ। ପାଇପ୍ ଫାଟି ଯାଇ ପାଣିଲିକ୍ ହେଉଥିବାରୁ ଓ ବହୁତ୍ ବାଇପାସ୍ ହୋଇ ଥିବାରୁ ପାଣି ଆସିପାରୁ ନାହିଁ। ପୋଡ଼ିଯାଇଥିବା ମୋଟର କଥା ପଚାରିବାରୁ କହିଛନ୍ତି, ଏହା ଆଜି ଠିକ୍ ହୋଇ ଯାଇଛି। ବାସ୍ତବରେ ମୋଟର ଆଜି ସୁଦ୍ଧା ମରାମତି ହୋଇ ନାହିଁ। ଠିକାଦାରଙ୍କୁ ଯୋଗାଯୋଗ ପରେ ସେ କହିଥିଲେ ଆସନ୍ତା କାଲି ମୋଟର ମରାମତି କରାଯିବ। ସହକାରୀ ଯନ୍ତ୍ରୀ ରଞ୍ଜନ ଘଡ଼େଇଙ୍କୁ ଘଟଣା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିବାରୁ ଜେଇଙ୍କ ସହ କଥା ହୋଇ ପଦକ୍ଷେପ ନେବେ ବୋଲି କହିଛନ୍ତି।

## ଆଖିବୁଜିଲେ ବରିଷ୍ଠ ସାମ୍ବାଦିକ ରାମଚନ୍ଦ୍ର ଦାସ

ଖଇରା, ୦୫/୩ (ନି.ପ୍ର): ବାଲେଶ୍ୱର ଜିଲା ଔପଦା ଓ ଖଇରା ଅଞ୍ଚଳରେ ଘରେ ଘରେ ପରିଚିତ ବିଶିଷ୍ଟ ସାମ୍ବାଦିକ ରାମଚନ୍ଦ୍ର ଦାସ ଗୁରୁବାର ସକାଳେ ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ହୃଦଘାତରେ ପ୍ରାଣ ହରାଇଛନ୍ତି। ଗତ କିଛି ବର୍ଷ ହେଲା ସେ ଅସୁସ୍ଥ ଥିଲେ ହେଁ ଅର୍ଥାଭାବରୁ ଉପଯୁକ୍ତ ଚିକିତ୍ସା ପ୍ରଦାନ କରାଯାଇ ପାରୁନଥିଲା। ସରକାରୀ ସହୟତା ମଧ୍ୟ ତାଙ୍କ ପାଇଁ ଅପହଞ୍ଚ ଥିଲା। ତାଙ୍କ ମର ଶରୀର ଭୁବନେଶ୍ୱରରୁ ପ୍ରଥମେ ଧୋବାଗଡିଆରେ ପହଞ୍ଚିବା ପରେ ତାଙ୍କୁ ଶୋଭାଯାତ୍ରାରେ ଖଇରା, ଗଣ୍ଡିବେଡ ଓ ଔପଦା ବଜାର ପରିକ୍ରମା ପରେ ବାସଭବନରେ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା। ପୁତ୍ର ମାନସ କୁମାର ଦାଶ ମୁଖାଗ୍ନି ଦେଇଥିଲେ। ଖଇରା ସାମ୍ବାଦିକ ସଂଘ,ବରିଷ୍ଠ ନାଗରିକ ମଞ୍ଚ,ପ୍ରତିଭା ପରିବାର, ଅବସରପ୍ରାପ୍ତ କର୍ମଚାରୀ ସଂଘ,ସାହିତ୍ୟ ସଂସଦ, ବାମଦଳ, ର ସଦସ୍ୟ ମାନେ ଶେଷ ଦର୍ଶନ କରିଥିଲେ। ସେହିଭଳି ବିଧାୟକ ପଦ୍ମଲୋଚନ ପଣ୍ଡା, ବିଜେଡି ଜିଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କଂଗ୍ରେସ ନେତା ହିମାଂଶୁ ଶେଖର ବେହେରା ପ୍ରମୁଖ ଶ୍ରୀ ଦାସଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ ଦାସ ପ୍ରଥମେ ପ୍ରଜାତନ୍ତ୍ର ପରେ ରାଷ୍ଟ୍ରଦୂତ, କାଳାନ୍ତର ଓ ଆଜିକାଲିରେ ଖଇରା ଓ ଔପଦା ପ୍ରତିନିଧି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

# ବନ୍ଧମୁଣ୍ଡାରେ ପୁଣି ମାତିଲେ ଚୋର ଗ୍ୟାଙ୍ଗ: ନେଇଗଲେ ୧୦୦ ମିଟର ତମ୍ବା ତାର

ସୁନ୍ଦରଗଡ଼/ ବନ୍ଧମୁଣ୍ଡା , ୦୫/୩ (ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲା ବନ୍ଧମୁଣ୍ଡା ଠାରେ ପୁଣି ଥରେ ସକ୍ରିୟ ହେଇ ଉଠିଛି ଚୋର ଗ୍ୟାଙ୍ଗ। ଗୋଟିଏ ମାସର ବେବଧାନ ପରେ ବୁଧବାର ଚୋର ଗ୍ୟାଙ୍ଗ ପୁଣି ଥରେ ୧୦୦ ମିଟର ବିଜୁଳି ତାରକୁ ବିଦ୍ୟୁତ୍ ଖୁଣ୍ଟରୁ ଚୋରି କରି ନେଇଛି। ବନ୍ଧମୁଣ୍ଡା ସି-ସେକ୍ଟର ରେଳବାଇ କଲୋନିର କ୍ୱାର୍ଟର ସଂଖ୍ୟା ସି-୮୪ରୁ ୮୯ ମଝିରେ ଥିବା ବିଦ୍ୟୁତ୍ ଖୁଣ୍ଟରୁ ଏହି ତାର ଚୋରି ହେଇଥିବା ଜଣା ପଡ଼ିଛି। ମିଳିଥିବା ସୂଚନା ଅନୁସାରେ ବୁଧବାର ସକାଳ ପ୍ରାୟ ତିନିଟା ବେଳେ ହଟାତ ଅଞ୍ଚଳରେ ବିଦ୍ୟୁତ୍ କାଟ ହେଉ ଥିଲା। ଅଞ୍ଚଳର ଲୋକମାନେ ଭାବି ଥିଲେ ଯେ କୋଣସି ବିଦ୍ୟୁତ୍ ତ୍ରୁଟି ପାଇଁ ବିଜୁଳି ସେବା ବନ୍ଦ କରା ଯାଇଅଛି। ମାତ୍ର ସକାଳେ ଘରରୁ ବାହାରିବା ବେଳେ ଲୋକମାନେ ଦେଖି ଥିଲେ ଯେ ତାଙ୍କର ଘର ସାମ୍ନାରେ ବିଜୁଳି ଖୁଣ୍ଟରେ ବିଜୁଳି ତାର ଚୋରି ହେଇ ଯାଇଅଛି। ଯାହା ପରେ ସେମାନେ ଏହି ସମ୍ପର୍କରେ ରେଳବାଇ ବିଜୁଳି ବିଭାଗକୁ ସୂଚନା ଦେଇଥିଲେ। ଯାହା ପରେ ବିଜୁଳି ବିଭାଗର କର୍ମଚାରି ଘଟଣାସ୍ଥଳରେ ପହୁଁଚି ଉକ୍ତ ବିଦ୍ୟୁତ୍ ଖୁଣ୍ଟରେ ନୂଆ ବିଜୁଳି ତାର ସଂଯୋଗ କରିଲେ। ଯାହା ପରେ ଆଜି ଅପରାହ୍ନ ପ୍ରାୟ ଦୁଇଟା ବେଳେ ଉକ୍ତ ଅଞ୍ଚଳରେ ବିଜୁଳି ସେବା ଆରମ୍ଭ ହେଇ ଥିଲା। ଏ ସମ୍ପର୍କରେ ଏବେ ଯାଏ ବନ୍ଧମୁଣ୍ଡା ଥାନାରେ କୋଣସି ମାମଲା ରଜୁ ହେଇ ନାହିଁ। ଉଲ୍ଲେଖନୀୟ ଯେ ଗତ ପାଞ୍ଚ ମାସ ମଧ୍ୟରେ ବନ୍ଧମୁଣ୍ଡା ରେଳବାଇ କଲୋନୀରେ ପ୍ରାୟ ତିନି ହଜାର ମିଟର ତମ୍ବାରେ ନିର୍ମିତ ବିଜୁଳି ତାରକୁ ଚୋର ଗ୍ୟାଙ୍ଗ ଟାର୍ଗେଟ କରି ସାରିଛି। ମାତ୍ର ଏହି ଚୋର ଗ୍ୟାଙ୍ଗକୁ ଧରିବାରେ ପୁଲିସ ବିଫଳ ହେଉଛନ୍ତି। ଅଞ୍ଚଳର ଲୋକମାନେ ଏହି ଚୋର ଗ୍ୟାଙ୍ଗକୁ ଧରିବା ପାଇଁ ରାଉଲକେଲା ଏସପିଙ୍କୁ ନିବେଦନ କରିଛନ୍ତି।

# ପ୍ରତି ୨ ଦିନରେ ଜଣେ ମହିଳା ଅପହୃତ

ଖୋର୍ଦ୍ଧା, ୦୫/୩ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲାରେ ମହିଳା ବିରୋଧୀ ଅପରାଧର ସଂଖ୍ୟା ଚିନ୍ତାଜନକ। ବିଶେଷ କରି ପ୍ରତ୍ୟେକ ବର୍ଷ ଜିଲ୍ଲାରେ ମହିଳା/ନାବାଳିକା ଅପହରଣ ମାମଲା ଶୀର୍ଷକୁ ଯାଉଛି। ଗଲା ୨ବର୍ଷ ମଧ୍ୟରେ ଜିଲ୍ଲାରେ ମୋଟ୍ ୩୭୬ ଗୋଟି ଅପହରଣ ଜନିତ ମାମଲା ରୁଜୁ ହୋଇଛି। ତନ୍ମଧ୍ୟରେ ୨୦୨୪ ମସିହାରେ ୧୯୪ ଗୋଟି ଓ ୨୦୨୫ ମସିହାରେ ୧୮୨ଟି ମାମଲା ରୁଜୁ ହୋଇଛି। ଆକଳନରେ, ପ୍ରତିମାସରେ ହାରାହାରି ୧୫ଟି ଅପହରଣ ଜନିତ ମାମଲା ଜିଲ୍ଲାରେ ରୁଜୁ ହେଉଛି। ଅର୍ଥାତ୍ ପ୍ରତି ୨ଦିନରେ ଜଣେ ମହିଳା କିମ୍ବା ନାବାଳିକା ଅପହରଣ ହେଉଛନ୍ତି। ଏହି ଅପହରଣ ଭିତରେ ଅଧିକାଂଶ ମାମଲା ହୋଇଛି ନାବାଳିକା ଓ ବିଶେଷ କରି ପ୍ରେମ ବ୍ୟପାର ସମ୍ପର୍କିତ। ଜିଲ୍ଲା ଅପରାଧିକ କାର୍ଯ୍ୟକଳାପ ପରିସଂଖ୍ୟାନ (କ୍ରାଇମ୍ ରେକର୍ଡ ବ୍ୟୁରୋ)ର ତଥ୍ୟାନୁସାରେ, ଅପହରଣ ଭଳି ଜିଲ୍ଲାରେ ମହିଳା ଅତ୍ୟାଚାର କିଛି କମ୍ ନୁହେଁ। ୨୦୨୪ ମସିହା ଏହା ବାବଦକୁ ମୋଟ୍ ୫୮୧ଟି ମାମଲା ରୁଜୁ ହୋଇଥିଲା। ୨୦୨୫ ମସିହାରେ ତାହା ୪୯୭ ହୋଇଥିଲା। ଗଲା ୨ବର୍ଷ ମଧ୍ୟରେ ଜିଲ୍ଲାରେ ମହିଳା ଅତ୍ୟାଚାର ଜନିତ ମାମଲା ସଂଖ୍ୟା ୧୦୭୮ ହୋଇଛି। ହାରାହାରି ହିସାବରେ, ପ୍ରତି ମାସରେ ଜିଲ୍ଲାରେ ୪୪ଟି ମହିଳା ଅତ୍ୟାଚାରଜନିତ ମାମଲା ରୁଜୁ ହେଉଛି। ଯୌନ ଉତ୍ପୀଡ଼ନ ଜନିତ ମାମଲା, ୨୦୨୪ରେ ୨୧ଗୋଟି ହୋଇଥିଲା। ଗଲା ବର୍ଷ ତାହା ୩୬ଗୋଟି ହୋଇଛି। ସର୍ବସାଧାରଣରେ ଟାହିଟାପରାକୁ ନେଇ ଜିଲ୍ଲା ପୁଲିସ ଭିନ୍ନ ମାମଲା ରୁଜୁ କରିଛି। ଏ ସମ୍ପର୍କିତ ମାମଲା ଗଲା ଦୁଇଟା ବର୍ଷ ମଧ୍ୟରେ ମୋଟ୍ ୧୫୧ଟି ହୋଇଛି। ୨୦୨୪ ମସିହାରେ ୮୮ଗୋଟି ମାମଲା ରୁଜୁ ହୋଇଥିଲା, ଗଲା ୨୦୨୫ ମସିହାରେ ଆଉ ୬୩ଗୋଟି ମାମଲା ରୁଜୁ କରାଯାଇଛି। ପ୍ରତି ମାସକୁ ଏ ପ୍ରକାର ହାରାହାରି ୬ଗୋଟି ମାମଲା ରୁଜୁ ହେଉଛି। ଜିଲ୍ଲାରେ ଯୌତୁକ ଜନିତ ମାମଲାରେ ଦୁଇ ବର୍ଷରେ ୩୧୨ଟି ମାମଲା ରୁଜୁ ହୋଇଛି। ସେଥିରୁ ୨୦୨୪ ମସିହାରେ ୧୬୫ଗୋଟି ମାମଲା ଥିଲା, ୨୦୨୫ ମସିହାରେ ୧୪୭ ରହିଛି। ହାରାହାରି ହିସାବ କଲେ, ପ୍ରତି ମାସରେ ହାରାହାରି ୧୩ଗୋଟି ଯୌତୁକଜନିତ ମାମଲାରେ ଜିଲ୍ଲାର ମହିଳା ପୀଡ଼ିତ ଅଛନ୍ତି। ଅଣ-ଯୌତୁକ ଜନିତ ମାମଲା, ୨୦୨୪ମସିହାରେ ମୋଟ୍ ୧୩୭ଗୋଟିଓ ୨୦୨୫ରେ ୧୩୧ଗୋଟି ରୁଜୁ ହୋଇଥିଲା। ହାରାହାରି ହିସାବ କଲେ, ପ୍ରତି ମାସରେ ୧୧ଜଣ ମହିଳା ଉପରୋକ୍ତ ଅପରାଧର ଶିକାର ହେଉଛନ୍ତି। ତେବେ ଅନୁଶୀଳନରେ, ୨୦୨୪ ମସିହା ଅପେକ୍ଷା ୨୦୨୫ମସିହାରେ ଉପରୋକ୍ତ ସବୁ ପ୍ରକାର ମହିଳା ଅପରାଧରେ ସାମାନ୍ୟ ତଳମୁହାଁ ହୋଇଛି।

# ପ୍ରାକୃତିକ ସମ୍ପଦ ସୁରକ୍ଷା ନେଇ ରାଜ୍ୟବ୍ୟାପୀ ସଚେତନ ଯାତ୍ରା

କେସିଙ୍ଗା, ୦୫/୩ (ନି.ପ୍ର): ଓଡିଶା ଲୋକ ଅଧିକାର ସାମ୍ମୁଖ୍ୟ ପକ୍ଷରୁ ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ କ୍ରାନ୍ତି ବିନା ମୁକ୍ତି ଶାନ୍ତି ନାହିଁ ସ୍ଲୋଗାନ ଦେଇ ରାଜ୍ୟବ୍ୟାପୀ ସଚେତନତା ଯାତ୍ରା ଆରମ୍ଭ କରିଛି। କଳାହାଣ୍ଡିଜିଲ୍ଲା ଦ୍ୱାର ଦେଶ କେସିଙ୍ଗାରେ ଏମାନେ ପହଂଚିବା ପରେ ଏହି ଅଭିକାନକୁ ସ୍ୱାଗତ କରାଯାଇଥିଲା। ପରେ ଆମ୍ବେଦକର ଭବନ ଠାରେ ଆୟୋଜିତ ସଭାରେ ସାମ୍ମୁଖ୍ୟର ମୁଖ୍ୟ ବିଶିଷ୍ଟ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା ଓଡ଼ିଶା ପରିବେଶ ବହୁତ ସଙ୍କଟ ଦେଇ ଗତି କରୁଛି ବୋଲି କହିଥିଲେ। ରାଜନୈତିକ ଦଳମାନେ କର୍ପୋରେଟ ଦ୍ୱାରା ପରିଚାଳିତ। ଏଣୁ ରାଜସ୍ୱ ଓ ବିକାଶ କଥା କହି ସବୁ ଖଣିକୁ ବହୁ ରାଷ୍ଟ୍ରୀୟ କମ୍ପାନି ହାତରେ ଟେକିଦେଲେଣି। ଫଳରେ ଧୀରେଧୀରେ ଓଡ଼ିଶାରେ ଝରଣା ହ୍ରାସ ପାଉଥିବାବେଳେ ନଦୀ ଶୁଷ୍କ ହୋଇ ବସିଲାଣି। ଗୋଟିଏ ପଟେ ସରକାର ବିକାଶ ର ନାରା ଦେଇ ଖଣି ଦେଉଥିବା କହୁଛନ୍ତି। ହେଲେ ରାଜ୍ୟରେ ଲକ୍ଷ ଲକ୍ଷ ଶ୍ରମିକ ଦାଦନମୁହାଁ। ତୃଣମୂଳସ୍ତରରେ ଆର୍ଥିକ ବିକାଶ କିଛି ନାହିଁ। ହସ୍ପିଟାଲରେ




ମାଗଣାରେ ଔଷଧ ମିଳୁ ନାହିଁ। ମେଡ଼ିକାଲ କଲେଜ, ୟୁନିଭରସିଟିରେ ପ୍ରଫେସର ନାହାନ୍ତି। ଆଠାରୁ ଆହୁରି ଜଣ ଦୁସ୍ଥ ହୋଇ ପାରେ ବୋଲି ଶ୍ରୀ ସାମନ୍ତ ରାଏ କହିଛନ୍ତି। ଏବେଠୁ ଲୋକେ ଜାଗରଣ ନ ହେଲେ ଓଡ଼ିଶା ପରିବେଶ ଧ୍ୱଂସ ହୋଇଯିବ। ଆଗାମୀ ପିଢ଼ିର ଭବିଷ୍ୟତ ଅନ୍ଧକାର ହୋଇଯିବ ବୋଲି କହିଛନ୍ତି। ରାଜ୍ୟର ଚାଷୀ ନେତା ଲିଙ୍ଗରାଜ ପ୍ରଧାନ ସାରା ଓଡିଶା ପର ପରିବେଶ ସବୁଠୁ ବିପଦ ଜନକ।ଯେଉଁ ଭଳି ମାଇନିଂ ଚାଲୁଚି ତାହା ୨୦୩୦ ବେଳକୁ ସବୁ ଖଣି ସରିଯିବ ଏବଂ ପରିବେଶ ସମ୍ପୂର୍ଣ୍ଣ ଧୂଳିସାତ ହୋଇଯିବ ବୋଲି କହିଛନ୍ତି। ବିକାଶ ନାରେ ବିନାଶ କରାଯାଉଛି। ଆଦିବାସୀ ମୁଖ୍ୟମନ୍ତ୍ରୀ ରାଜ୍ୟର ମୁଖ୍ୟମନ୍ତ୍ରୀ। ମାତ୍ର ସବୁଠୁ ଖଣି ଖନନ ପାଇଁ ଆଦିବାସୀ ପ୍ରଭାବିତ। ଆଦିବାସୀଙ୍କୁ ନ୍ୟାୟ ମିଳୁ ନାହିଁ। ତାଙ୍କୁ ତାଙ୍କ ନିର୍ବାଚନ ମଣ୍ଡଳୀ ଲୋକ ଅଭିଯୋଗ କରି ପାରୁ ନାହାଁନ୍ତି ମାଇନିଂରେ ତାଙ୍କର ଦୁରବସ୍ଥା ନେଇ। ଆ ଠାରୁ ଆହୁରି ଜଣ ବିଡ଼ମ୍ବନା ହୋଇ ପାରେ ବୋଲି କହିଛନ୍ତି। ସରକାର ଆଖି ମୁଜା ବାଲି ଲିଜ ଦେଉଛନ୍ତି। ହେଲେ ଏତେ ବାଲି ଚୋରି ହେଉଛି ଯେ ଦିନ ଆସିବ ନଦୀ ହିଁ ଲୁପ୍ତ ହୋଇଯିବ। ସରକାର ଗୋଟିଏ ପଟେ ଧାନର ଇନପୁଟ ସବ୍‌ସିଡି କଥା କହି ବାହା ବାହା ନେଉଛନ୍ତି। ହେଲେ ସେ ପଟେ ବର୍ଷେ ଇନପୁଟ ସବ୍‌ସିଡି ଦେଲା ପରେ ଏ ବର୍ଷ ଧାନ କିଣିବା ପାଇଁ କୁଂଥି କୁଂଥି କାହିଁକି। ଏବେ ଚାଷୀଙ୍କୁ ବିକଳ୍ପ ଚାଷ ର ଆହ୍ୱାନ କରୁଛି। କିନ୍ତୁ ବିକଳ୍ପ ଚାଷ କପା ଓ ଆଖୁ କରି ବିକ୍ରି କରି ନ ପାରି ବାର ଅବସ୍ଥା ହେଉଛନ୍ତି। ଯାହାକୁ ଦେଖି ଚାଷୀ ଏହି ଚାଷ ଆରମ୍ଭ କରିଥିଲେ ସେହି ସବୁ କୃଷି ଭିତ୍ତିକ କାରଖାନାକୁ ସରକାର ବନ୍ଦ କରିଦେଇ ବିକାଶ ନାରେ ଖାଲି ଖଣି ବିକ୍ରୀ କରି ଚାଲିଛନ୍ତି ବୋଲି ସେ କହିଛନ୍ତି। ଡା ବିଶ୍ୱଜିତ ରାଏ ଏହି ସମ୍ବର୍ଦ୍ଧନା ସଭାର ଆବାହକ ଏ ସୁରେଶ ବାବୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୀୟମ ଗିରୀ ସୁରକ୍ଷା ସମିତି ର ଲିଙ୍ଗରାଜ ଆଜାଦ, ଆଦିବାସୀ ନେତା ସଂଜୀବ ମାଝୀ, ବ୍ରାସ ସଭାପତି ସୁରେଶ ମହାନନ୍ଦ, ବାଲା ଷଣ୍ଡ, ମାଧବ ସୁନାନୀ, ନିୟମ ଗିରୀ ଆନ୍ଦୋଳନ ଆବାହକସତ୍ୟ ମାହାର, ଅଭି ମହାନନ୍ଦ, ବିଶିଷ୍ଟ ସଙ୍ଗଠକ ଦେବେନ୍ଦ୍ର ଭୁଜବଲ ପ୍ରମୂଖ ଉପସ୍ଥିତ ଥିଲେ।

# ସରୋଜିନୀ ଏକାଡ଼େମିର ବାର୍ଷିକ ଉତ୍ସବ ପାଳିତ

ଉଦଳା, ୦୫/୩ (ନି.ପ୍ର): ଉଦଳା ବ୍ଲକର କୁଣ୍ଡାବାଇ ପଂଚାୟତ ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମଠାରେ ଗଢ଼ିଉଠିଥିବା ଘରୋଇ ଆଦର୍ଶ ବିଦ୍ୟାଳୟ 'ସରୋଜିନି ଏକାଡ଼େମି'ର ବାର୍ଷିକ ଉତ୍ସବ ପ୍ରତିବର୍ଷ ପରି ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି। ଏଥିପାଇଁ ଦିର୍ଘ ୧ ସପ୍ତାହ ପୁର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା। ଏହି ଅବସରରେ ଦିବସବ୍ୟାପି ସାଧାରଣ ସଭା, ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ପର୍ବ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ତଥା ଉପଦେଷ୍ଟା ଆଇନଜୀବି ତ୍ରିଲୋଚନ ମହାନ୍ତ ସାଧାରଣ ସଭାରେ ଅଧକ୍ଷତା କରି କୁଣ୍ଡାବାଇ ଭଳି ଏକ ଉପାନ୍ତ ଅଂଚଳରେ ଉକ୍ତ ଘରୋଇ ବିଦ୍ୟାଳୟ ଗଢ଼ି ଉଠିବାର ଉଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ରାଜ୍ୟସଭା ସାଂସଦ ମମତା ମହାନ୍ତ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରି ଖାଦ୍ୟ, ବସ୍ତ୍ର, ବାସଗୃହ ପରେ ଶିକ୍ଷା କିପରି ଅତ୍ୟାବଶ୍ୟକରେ ପରିଣତ ହୋଇଛି ବ୍ୟକ୍ତ କରିଥିଲେ। ଅବସରପ୍ରାପ୍ତ ଉଚ୍ଚ ବିଦ୍ୟାଳୟର ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ



ଶିକ୍ଷକ ହରିମୋହନ ବେହେରା ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ଜାତୀୟ ଶିକ୍ଷାନୀତି -୨୦୨୦ କିପରି ଦେଶରେ ବିପ୍ଳବାତ୍ମକ ପରିବର୍ତନ ଆଣିବ ବିଭିନ୍ନ ଦୃଷ୍ଟାନ୍ତ ମାନ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାପରେ ତପନ ମହାନ୍ତ, ୨୦୧୭ ମସିହାରେ ଗଢ଼ିଉଠିଥିବା ଏହି ବିଦ୍ୟାଳୟର ଦିର୍ଘ ୮ ବର୍ଷର ଇତିହାସ ବର୍ଣ୍ଣନା କରିବା ସହ ବିବରଣୀ ପାଠ କରିଥିଲେ। ଶିକ୍ଷାକେନ୍ଦ୍ରର ଅଧକ୍ଷା ମମତା ମହାନ୍ତ ଗତ ୨୦୨୩ ମସିହାରେ ଛାତ୍ରୀ ପରିରୂପା ମହାନ୍ତ ଓ ୨୦୨୫ରେ କବିତା ସିଂ ଉକ୍ତ ଅନୁଷ୍ଠାନରୁ ନବଦୟ ପ୍ରବେଶିକା ପରୀକ୍ଷାରେ ଉତିର୍ଣ୍ଣ ହେବା ଏକ ବଡ଼ ସଫଳତା ବୋଲି ବ୍ୟକ୍ତ କରିବା ସହ ଚଳିତ ବର୍ଷ କବିତା ସିଂ, ମୋନାଲିସା ହାଁସଦା, ବାସନ୍ତି ହେମ୍ବ୍ରମ, ଶ୍ରୀମତା ମହାନ୍ତ ଓ ସ୍ମିତା ମଢ଼େଇ ଉପଖଣ୍ଡ ଓ ବ୍ଲକ ସ୍ତରରେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରି ବିଦ୍ୟାଳୟ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି ବୋଲି ବ୍ୟକ୍ତ କରିଥିଲେ। ଏହାପରେ ବନ୍ଦେ ମାତରମର ୧୫୦ ବର୍ଷ ପୁର୍ତି ଅବସରରେ ଏକ ଦେଶଭକ୍ତିପୂର୍ଣର୍ ନୃତ୍ୟ ପରିବେଶିତ ହୋଇଥିଲା। ପରେ ପୁରସ୍କାର ବିତରଣ ପର୍ବ ଆରମ୍ଭ ହୋଇଥିଲା। ରବିନ୍ଦ୍ର ନାଥ ସିଂ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ରାଜୁ ମହାନ୍ତ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ। ବିଦ୍ୟାଧର ମହାନ୍ତ ଓ ଲୁଲୁମଣି ହେମ୍ବ୍ରମ ମଂଚ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବା ସହ ଉତ୍ସବର ଯବନିକା ପଡ଼ିଥିଲା। ମୟୂରଭଂଜର ଝୁମର ନୃତ୍ୟ ଦର୍ଶକ ମାନଙ୍କୁ ବେଶ ଛୁଇଁଥିଲା ବୋଲି ଅବିଭାବକ ମାନେ କହିଛନ୍ତି।

# ପାରାଦୀପରେ ବିଜୁ ବାବୁଙ୍କ ଜୟନ୍ତୀ ପାଳିତ

## ପାରାଦୀପ ପ୍ରତି ବିଜୁ ବାବୁଙ୍କର ଅବଦାନ ଅତୁଳନୀୟ




ପାରାଦୀପ, ୦୫/୩ (ନି.ପ୍ର): ମହାନ ଜନନାୟକ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୧୦ ତମ ଜୟନ୍ତୀ ଆଜି ପାରାଦୀପରେ ମହା ଆଡମ୍ବରରେ ପାଳିତ ହୋଇଯାଇଛି। ସକାଳେ ଦଳୀୟ ନେତୃବୃନ୍ଦ ଅଠରବାଙ୍କୀସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସନ୍ଧ୍ୟାରେ ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ଠାରେ ପାରାଦୀପ ନଗରର ବରିଷ୍ଠ ବିଜେଡି ନେତାମାନେ ଯୋଗ ଦେଇ ବିଜୁ ବାବୁଙ୍କ ଜୟନ୍ତୀ ଉତ୍ସବ ପାଳନ କରିଥିଲେ। ନଗର ସଭାପତି କୁମର ବର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଜୟନ୍ତୀ ଉତ୍ସବରେ ଉପସ୍ଥିତ ନେତାମାନେ ବିଜୁ ବାବୁଙ୍କ ନୀତିଆଦର୍ଶ ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ରଖିଥିଲେ।ସଭା ମଞ୍ଚରେ ପୂର୍ବତନ ବିଧାୟକ ସମ୍ପିତ ରାଉତରାୟ, ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଜିଲ୍ଲା ମହିଳା ବିଜେଡି ସଭାପତି ଲୋରା ମହାପାତ୍ର, କୁଜଙ୍ଗ ବ୍ଲକ୍ ଅଧକ୍ଷା ନୀନାରାଣୀ ସାହୁ, ଉପାଧକ୍ଷ ଜ୍ଞାନଜିତ୍ ସ୍ୱାଇଁ, ମହିଳା ନେତ୍ରୀ ସବିତା ମହାପାତ୍ର, ବିଜେଡି ନେତା ଇଂ ପ୍ରମୋଦ କିଶୋର ଜେନା, ସୁଜଳ ସ୍ୱାଇଁ, ସତ୍ୟବାନ ମୁଦୁଲି, ଯୁବ ନେତା ରଶ୍ମି ରଞ୍ଜନ ପରିଡା, ଆଲୋକ ମହାପାତ୍ର, ଚିନ୍ମୟ ରଞ୍ଜନ ପରିଡା, ପାରିଷଦ ଜଗନ୍ନାଥ ରାଓ, ପ୍ରଭାତୀ ନାୟକ, ରୁନି ଲତା ପରିଡା, ଅଜିତ ଷଡଙ୍ଗୀ, ସୁଶାନ୍ତ ଦାସ, ନବ କିଶୋର ବେହେରା ଓ ପୂର୍ବତନ ପାରିଷଦ ଶଙ୍କର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ବିଜୁ ବାବୁଙ୍କ ସ୍ୱପ୍ନ ଥିଲା ପାରାଦୀପ ବନ୍ଦର ପ୍ରତିଷ୍ଠା, ତାହା ଆଜି ସାକାର ହେବା ସହିତ ସାରା ଭାରତ ବର୍ଷରେ ପ୍ରମୁଖ ବନ୍ଦର ଭାବରେ ପରିଚିତ ହୋଇ ପାରିଛି।ତେବେ ଓଡ଼ିଆ ଜାତି ତାଙ୍କୁ ସବୁବେଳେ ମନେ ରଖିଥିବ ନିଶ୍ଚୟ।ତାଙ୍କୁ ଭାରତ ରତ୍ନ ମିଳିବା ଉଚିତ। ତାଙ୍କର ସାହାସିକତା ସମ୍ପର୍କରେ ଏକ ସ୍ୱତନ୍ତ୍ର ବିଷୟବସ୍ତୁ ପାଠ୍ୟକ୍ରମରେ ରହୁ, ତାଙ୍କ ପୁତ୍ର ନବୀନ ବାବୁ ଆଜି ଓଡିଶା ବାସୀଙ୍କୁ ନିରନ୍ତର ସେବା ଯୋଗାଇ ଆସିଛନ୍ତି।ବିଶେଷକରି ପାରାଦୀପ ଅଞ୍ଚଳ ବାସୀଙ୍କ ପ୍ରତି ବିଜୁ ବାବୁଙ୍କ ଶ୍ରଦ୍ଧା ରହିଥିଲା।ସାରା ଓଡ଼ିଶାରେ ପାରାଦୀପରେ ହିଁ ବିଜୁ ବାବୁଙ୍କ ଜୟନ୍ତୀ ପ୍ରଥମେ ପାଳନ ହୋଇଥିଲା।ବିଜୁ ବାବୁ ମହିଳା ମାନଙ୍କୁ ସଶକ୍ତ ହିସାବରେ ଦେଖିବାକୁ ଚାହୁଁଥିଲେ। ପ୍ରଚାର ପ୍ରସାରକୁ ସେ ବିଶ୍ୱାସ କରୁ ନଥିଲେ।ଉଚ୍ଚ କୋଟିର ବ୍ୟକ୍ତିତ୍ୱ ତାଙ୍କର ଥିଲା, କାହା ଉପରେ ରାଗ ରଖୁ ନଥିଲେ।ବିଜୁ ବାବୁଙ୍କ ନାଁରେ ବିଜୁ ଜନତା ଦଳ ଗଢ଼ା ହେଲା, ତାଙ୍କ ନାଁ ରେ ଗଢ଼ା ହୋଇଥିବା ଦଳ ୨୪ ବର୍ଷ ଧରି ଓଡ଼ିଶାରେ ସୁଶାନ ଦେଇଆସିଛି। ଏବେ ସରକାର ଦୁଇ ବର୍ଷ ମଧ୍ୟରେ କୌଣସି ଉନ୍ନତି ମୂଳକ କାର୍ଯ୍ୟ କରି ପାରିନାହିଁ।ଡବଲ ଇଞ୍ଜିନ ସରକାର ଆସିବା ପରେ ବିଜୁ ବାବୁ ଆରମ୍ଭ କରିଥିବା ମାର୍ଚ୍ଚ ୫ ପଞ୍ଚାୟତିରାଜ ଦିବସରେ ବିଜୁ ବାବୁଙ୍କ ଜୟନ୍ତୀକୁ ବନ୍ଦ କଲେ।

# ଭଦ୍ରକ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଶିଶୁ ସୁରକ୍ଷାରେ ସାମ୍ବାଦିକତା ଶୀର୍ଷକ ଆଲୋଚନାଚକ୍ର



ଭଦ୍ରକ, ୦୫/୩ (ନି.ପ୍ର): ଭଦ୍ରକ ଜିଲ୍ଲା ସଂସ୍କୃତିଭବନ ପରିସରରେ ଶିଶୁ ସୁରକ୍ଷାରେ ସାମ୍ବାଦିକତା ଶୀର୍ଷକ ଆଲୋଚନାଚକ୍ର ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଭଦ୍ରକ ଓ ଜିଲ୍ଲା ପ୍ରଶାସନ ତରଫରୁ ଅନୁଷ୍ଠିତ ହୋଇଯାଇଛି । ଏହି ମର୍ମରେ ଜିଲ୍ଲାପାଳ ଶ୍ରୀ ଦିଲୀପ ରାଉତରାଏ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ସମ୍ମାନିତ ଅତିଥିରୂପେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ ଦତ୍ତ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ, ଶିଶୁ ମଙ୍ଗଳ କମିଟିର ଅଧକ୍ଷ ସୁବ୍ରତ ବିଶ୍ୱାଳ, ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଶିଶୁ ମଙ୍ଗଳ ସଦସ୍ୟ ପ୍ରଦୀପ୍ତ କୁମାର କର ପ୍ରମୁଖ ଯୋଗଦାନ କରିଥିଲେ । ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ମଧୁସ୍ମିତା ମହାପାତ୍ରଙ୍କ ମଞ୍ଚ ପରିଚାଳନାରେ ପ୍ରାରମ୍ଭିକ ସୂଚନା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ୍ ଅଧିକାରୀ ସୁବ୍ରତ ଦାସ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଶିଶୁ ସୁରକ୍ଷା ସମ୍ବନ୍ଧରେ ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ଆଲୋକପାତ କରିଥିବା ବେଳେ ପ୍ରମୂଖ ଅତିଥିମାନେ ଶିଶୁ ସୁରକ୍ଷା ନିମିତ୍ତ ବିଧିବଦ୍ଧ ଆଇନ ବ୍ୟବସ୍ଥା, ଶିଶୁର ସଂଜ୍ଞା, ଶିଶୁର ପାରିପାର୍ଶ୍ୱିକ ଅବସ୍ଥାକୁ ଲକ୍ଷ୍ୟ କରି ଶିଶୁକୁ ଥଇଥାନ ଓ ତାର ସମ୍ମାନହାନୀ ନହେବା ପାଇଁ ସମବେତ ପ୍ରଚେଷ୍ଟା ଜାରି ରଖିବାକୁ ଚେଷ୍ଟିତ ହେବା ପାଇଁ ଆଲୋଚନା କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଜିଲ୍ଲାପାଳ ତାଙ୍କ ଅଭିଭାଷଣରେ କିଶୋର ନ୍ୟାୟ ବ୍ୟବସ୍ଥାରେ ଧାରା ୭୪ ଅନୁଯାୟୀ, ଯୌନ ଅପରାଧରୁ ଶିଶୁଙ୍କୁ ସୁରକ୍ଷା , ଧାରା (୨୩) ଅନୁସାରେ ଶିଶୁର ଗୋପନୀୟତା ବଜାୟ ରଖିବା ସହ ତାର ପରିଚୟ, ମର୍ଯ୍ୟାଦା, ଫଟୋ ପ୍ରକାଶ ନହେବା, ସୁରକ୍ଷା ପ୍ରଦାନ ବା ଶିଶକୁ ଅପମାନ, ଭେଦଭାବ ସୃଷ୍ଟି ନକରିବା ଅନୁଚିତ ବୋଲି ଦର୍ଶାଇଥିଲେ । ସେଥିପାଇଁ ଗଣମାଧ୍ୟମ ସର୍ବଦା ସକରାତ୍ମକ ଭୂମିକା ଗ୍ରହଣ କରିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ । ବିଷୟ ବିଷାରଦ ଭାବେ ଶିଶୁ ମଙ୍ଗଳ କମିଟିର ପୂର୍ବତନ ଅଧକ୍ଷ ଡ଼ା. ସୁଦର୍ଶନ ବାରିକ୍ ପୋଷ୍ୟ ସନ୍ତାନ ଗ୍ରହଣ ବେଳେ ଅନୈତିକ ଉପାୟ ଅବଲମ୍ବନ, ଶିଶୁ ଚାଲାଣ, ଶିଶୁ ଶ୍ରମିକ ଉପରେ ଦୃଷ୍ଟି ନିକ୍ଷେପ କରି ବିଭିନ୍ନ ଉଦାହରଣ ପ୍ରଦାନ କରିଥିଲେ । ଶିଶୁ ମୁଖରେ ଅଫୁରନ୍ତି ହସ ଫୁଟିବା ପାଇଁ ଚେଷ୍ଟା ରହିବା ଜରୁରୀ ବୋଲି ଅତିରିକ୍ତ ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ଗଣମାଧ୍ୟମର ବରିଷ୍ଠ ସାମ୍ବାଦିକ ପ୍ରତାପ ଦାସ, ଅଶୋକ ନାୟକ, ଜ୍ଞାନରଂଜନ ପାଣି, ପ୍ରଭାତ ଦାସ, ଅଶ୍ୱିନି ପାଢ଼ୀ, ନରେନ୍ଦ୍ର ସାମଲ ପ୍ରମୁଖ ଶିଶୁମାନଙ୍କ କ୍ଷେତ୍ରରେ ଉପୁଜୁଥିବା ସମସ୍ୟାକୁ ତ୍ୱରିତ ସାହାଯ୍ୟ, ଥଇଥାନ ଦିଗରେ ତ୍ୱରାନ୍ୱିତ କରିବାକୁ ମତବ୍ୟକ୍ତ କରିଥିଲେ । ବିଶେଷକରି ଜିଲ୍ଲାସ୍ତରରେ ବିଭିନ୍ନ ହୋଟେଲ, ଗ୍ୟାରେଜ, ଦୋକାନମାନଙ୍କରେ କାମ କରୁଥିବା ଶିଶୁମାନଙ୍କୁ ଉଦ୍ଧାରକରି ଥଇଥାନ ଦିଗରେ ଗୁରୁତ୍ୱ ଦେଲେ ସେମାନଙ୍କର ଅଧିକାର, ମର୍ଯ୍ୟାଦା ସୁରକ୍ଷିତ ହୋଇପାରିବ ବୋଲି ମତ ଦେଇଥଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ବିହାର ରାଜନୀତିରେ...

ସଦସ୍ୟ ହେବେ। ସେ ଏକ ସୋସିଆଲ ମିଡିଆ ପୋଷ୍ଟରେ ଏହା ଘୋଷଣା କରିଛନ୍ତି। ସେ ଲେଖିଛନ୍ତି ଯେ ସେ ଏଥର ରାଜ୍ୟସଭା ପାଇଁ ଲଢ଼ିବାକୁ ଚାହୁଁଛନ୍ତି। ଗତକାଲିଠାରୁ ନୀତିଶ ରାଜ୍ୟସଭା ପାଇଁ ନାମାଙ୍କନ ଦାଖଲ କରିବା ନେଇ ଚର୍ଚ୍ଚା ହେଉଛି। ଏବେ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ନିଜେ ଏହା ଘୋଷଣା କରିଛନ୍ତି। ଏହା ନୀତିଶ କୁମାରଙ୍କୁ ବିହାରର ମୁଖ୍ୟମନ୍ତ୍ରୀ ପଦ ଛାଡିବା ପାଇଁ ପଥ ପରିଷ୍କାର କରିଛି, ଯେଉଁ ପଦବୀରେ ସେ ଗତ ୨୧ ବର୍ଷ ଧରି ରହିଆସିଛନ୍ତି। ନୀତିଶ ଢ ରେ ଲେଖିଛନ୍ତି, ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଆପଣମାନେ ମୋ ପ୍ରତି ନିରନ୍ତର ଭାବରେ ଆପଣଙ୍କର ବିଶ୍ୱାସ ଏବଂ ସମର୍ଥନ ବଜାୟ ରଖିଛନ୍ତି । ସେହି ଶକ୍ତି ମାଧ୍ୟମରେ ମୁଁ ସମ୍ପୂର୍ଣ୍ଣ ନିଷ୍ଠାର ସହିତ ବିହାର ଏବଂ ଆପଣମାନଙ୍କ ସମସ୍ତଙ୍କର ସେବା କରିଛି। ଆପଣଙ୍କ ବିଶ୍ୱାସ ଏବଂ ସମର୍ଥନ ଯୋଗୁଁ ହିଁ ବିହାର ଆଜି ବିକାଶ ଏବଂ ସମ୍ମାନର ଏକ ନୂତନ ଦିଗକୁ ଗ୍ରହଣ କରୁଛି। ଏଥିପାଇଁ ମୁଁ ପୂର୍ବରୁ ଅନେକ ଥର ଆପଣଙ୍କ ପ୍ରତି ମୋର କୃତଜ୍ଞତା ପ୍ରକାଶ କରିଛି। ମୁଁ ମୋର ସଂସଦୀୟ କ୍ୟାରିୟର ଆରମ୍ଭ କରିବା ଦିନଠାରୁ ମୋର ବିହାର ବିଧାନସଭାର ଉଭୟ ଗୃହ ଏବଂ ସଂସଦର ଉଭୟ ଗୃହର ସଦସ୍ୟ ହେବା ପାଇଁ ଇଚ୍ଛା ଥିଲା। ଏହି ପରିପ୍ରେକ୍ଷୀରେ ମୁଁ ଏହି ନିର୍ବାଚନରେ ରାଜ୍ୟସଭାର ସଦସ୍ୟ ହେବାକୁ ଚାହୁଁଛି। ମୁଁ ଆପଣଙ୍କୁ ଆନ୍ତରିକତାର ସହିତ ପ୍ରତିଶ୍ରୁତି ଦେଉଛି ଯେ ଆପଣଙ୍କ ସହିତ ଏହି ସମ୍ପର୍କ ଭବିଷ୍ୟତରେ ମଧ୍ୟ ଜାରି ରହିବ ଏବଂ ଏକ ବିକଶିତ ବିହାର ଗଠନ ପାଇଁ ଏକାଠି କାମ କରିବାର ମୋର ପ୍ରତିବଦ୍ଧତା ଅତୁଟ ରହିବ।

### ଆଜି ଓଡ଼ିଶା ଆସୁଛନ୍ତି ...

ସେହିପରି ଦେଶର ସୁରକ୍ଷା ପାଇଁ ଡ୍ରୋନ୍ ଓ ଆଣ୍ଟିଡ୍ରୋନ୍ ପରିଚାଳନା, ବନ୍ଦର ସୁରକ୍ଷାରେ ବି ନିୟୋଜିତ ହେବ ଉଓଝର । ଖୁବ୍‌ଶୀଘ୍ର ଦେଶରେ ଉଓଝରର ଏକ ସ୍ୱତନ୍ତ୍ର ମହିଳା ବାଟାଲିୟନ୍ ପ୍ରସ୍ତୁତ ହେବ ବୋଲି କହିଛନ୍ତି CISF ଡିଜି । ଅପରାହ୍ଣରେ ଜଟଣୀ ଠାରେ ଜାତୀୟ ଫୋରେନସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଏବଂ କେନ୍ଦ୍ରୀୟ ଫୋରେନସିକ୍ ବିଜ୍ଞାନ ପରୀକ୍ଷାଗାର, ଭୁବନେଶ୍ୱର କ୍ୟାମ୍ପସ ପାଇଁ ଭୂମି ପୂଜନ କରିବେ ଅମିତ ଶାହ । ଏହାପରେ ଅପରାହ୍ଣରେ ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ନ୍ୟାୟ ସଂହିତା ପ୍ରଦର୍ଶନୀକୁ ଶୁଭାରମ୍ଭ କରିବେ । ସେଠାରେ ବିଏନ୍‌ଏସ୍ ଓ ବିଏନ୍‌ଏସ୍‌ଏସ୍ ଆଦିର କାର୍ଯ୍ୟକାରିତା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯିବ । ନ୍ୟାୟ ପ୍ରକ୍ରିୟାକୁ ତ୍ୱରିତ କରିବା, ପୀଡ଼ିତ ଓ ପୀଡ଼ିତାଙ୍କ ଅଧିକାରକୁ ପ୍ରାଧାନ୍ୟ, ତଦନ୍ତ ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ସହ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଆଦି ଉପରେ ଗୁରୁତ୍ୱ ରହିବ । ଏହି ପ୍ରଦର୍ଶନୀରେ ଗୃହ ମନ୍ତ୍ରଣାଳୟର ୧୦ଟି ଥିମ୍ ଭିତ୍ତିକ ଷ୍ଟଲ୍ ନିର୍ମାଣ କରାଯାଇଛି । ଆସନ୍ତା ୭ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ସାଧାରଣ ଲୋକେ ନ୍ୟାୟ ସଂହିତା ପ୍ରଦର୍ଶନୀ ବୁଲିପାରିବେ ।

### ମଝି ଆକାଶରୁ ...

ହେଁ ଏହା ମଧ୍ୟରେ ଥିବା ପାଇଲଟ ଓ କୋ ପାଇଲଟ ସୁରକ୍ଷିତ ଭାବେ ଏହା ମଧ୍ୟରୁ ବାହାରି ଯାଇଥିଲେ। ପାଇଲଟ(ୱିଙ୍ଗ କମାଣ୍ଡର ବୋକିଲ) ଏଥିରେ ଆହତ ହୋଇଥିଲେ। ଏଥିପାଇଁ ତାଙ୍କୁ ହାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିଛି ଦିନର ଚିକିତ୍ସା ପରେ ସେ ଡିସଚାର୍ଜ ହୋଇଥିଲେ। ବୈଷୟିକ ତ୍ରୁଟି କାରଣରୁ ବିମାନଟି କ୍ରାଶ ହୋଇଥିବା ବାୟୁସେନା କହିଥିଲା। ତଥାପି ଏହାର ତଦନ୍ତ ଚାଲିଥିବା ଜଣାପଡ଼ିଛି। ଏସବୁ ଭିତରେ ପୁଣି ବାୟୁସେନାର ଆଉ ଗୋଟିଏ ବିମାନ ନିଖୋଜ ହେବା ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି।

### ଶ୍ରୀମନ୍ଦିର ନୀତି...

ସନ୍ତୋଷଜନକ ଉତ୍ତର ନମିଳିଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସତର୍କ କରାଇ ଦିଆଯାଇଛି। ୨୮ତାରିଖ ଦିନ ସେମାନେ ଅନ୍ୟ ସେବାୟତମାନଙ୍କୁ ନିର୍ଦ୍ଧାରିତ ନୀତି ସମ୍ପାଦନ କରିବାରେ ବାଧା ସୃଷ୍ଟି କରିଥିବା ଓ ଶ୍ରୀମନ୍ଦିର ଅଧିକାରୀଙ୍କ ସହ ଦୁର୍ବ୍ୟବହାର କରିଥିବା ନେଇ ନୋଟିସରେ ଉଲ୍ଲେଖ ରହିଛି। ସୂଚନା ଅନୁସାରେ, ଫେବୃୟାରୀ ୨୮ତାରିଖରେ ଶ୍ରୀମନ୍ଦିରରେ ଭିଆଇପିଙ୍କୁ ମିଳୁଥିବା ସ୍ୱତନ୍ତ୍ର ସୁବିଧାକୁ ନେଇ କିଛି ସେବାୟତଙ୍କ ମଧ୍ୟରେ ମତାନ୍ତର ହୋଇଥିଲା। ଏହି ବିବାଦ ପରବର୍ତ୍ତୀ ସମୟରେ ଉଗ୍ରରୂପ ଧାରଣ କରିଥିଲା, ଯେଉଁଥିପାଇଁ ତିନିଠାକୁରଙ୍କ ଦୈନନ୍ଦିନ ନୀତିକାନ୍ତି କିଛି ଘଣ୍ଟା ପାଇଁ ମଧ୍ୟ ବନ୍ଦ ରହିଥିଲା। ଏହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେବା ସହ ଶ୍ରୀମନ୍ଦିର ପରିଚାଳନା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା।

### ମିଳିତ ପ୍ରାର୍ଥୀଙ୍କ ...

ଆମେ ଶତପ୍ରତିଶତ କଂଫିଡେଂଟ ଅଛୁ ଆମ ପାର୍ଥି ନିଶ୍ଚିନ୍ତ ବିଜୟ ଲାଭ କରିବ । କୌଣସି କ୍ରସ ଭୋଟିଙ୍ଗ ଦେବନାହିଁ। ରାଜ୍ୟରେ ଏବେବି ନବୀନ ପଟ୍ଟନାୟକଙ୍କ ଅନେକ ଲୋକପ୍ରିୟତା ରହିଛି। ଭୋଟ ପ୍ରତିଶତରେ ବିଜେଡି ଆଗୁଆ ରହିଛି। ଏବେ ନବୀନ ବାବୁ ଯେଉଁ ନିଷ୍ପତି ନେଇଛନ୍ତି, ତାଙ୍କ ବାପା ବିଜୁ ପଟ୍ଟନାୟକଙ୍କ ଭଳି ସାହାସିକତାର ନିଷ୍ପତି। ଭାରତୀୟ ରାଜନୀତିରେ ବିଜୁ ବାବୁ ଏଭଳି ନିଷ୍ପତି ନେଉଥିଲେ। ମିଳିତ ପ୍ରାର୍ଥୀଙ୍କ ବିଜୟ ସୁନିଶ୍ଚିତ ବୋଲି କହିଛନ୍ତି ଭକ୍ତ ଦାସ।

# ୨ୟ ବାର୍ଷିକୀ ସର୍ବଭାରତୀୟ ଦିବାରାତ୍ର ଜଗନ୍ନାଥ ମିସ୍ତ୍ରୀ ସ୍ମାରକୀ ମୟୁରଭଞ୍ଜ ଫୁଟବଲ ଟୁର୍ଣ୍ଣାମେଣ୍ଟ ୮ରୁ

ବାରିପଦା, ୦୫/୩ (ନି.ପ୍ର): ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମରେ ଜଗନ୍ନାଥ ମିସ୍ତ୍ରୀ ସ୍ମୃତି କମିଟି ଆନୁକୂଲ୍ୟରେ ୨ୟ ବାର୍ଷିକ ସର୍ବଭାରତୀୟ ଦିବାରାତ୍ର ଜଗନ୍ନାଥ ମିସ୍ତ୍ରୀ ସ୍ମାରକୀ ମୟୁରଭଞ୍ଜ ଫୁଟବଲ ଟୁର୍ଣ୍ଣାମେଣ୍ଟ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଯାଇଛି ବୋଲି କମିଟିର ଅଧକ୍ଷ ଅସିତ ବରଣ ପତି ଜଣାଇଛନ୍ତି ଓ ଏ ବର୍ଷ ଏହି ଟୁର୍ଣ୍ଣାମେଣ୍ଟରେ ଓଡିଶା ସମେତ ବିହାର, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡର ମୋଟ ୧୬ଟି ଦଳ ଅଂଶଗ୍ରହଣ ଅଂଶଗ୍ରହଣ କରିଛନ୍ତି ବୋଲି କମିଟି ସଭାପତି ନଗରପାଳ କୃଷ୍ଣଓ ନନ୍ଦ ମହାନ୍ତି ପ୍ରକାଶ କରିଛନ୍ତି ଓ ଦଳ ଗୁଡିକ ହେଲେ କିଷାନ ବ୍ରଦର ଏଫ ସି, ବାରିପଦା, କେନ୍ଦୁଆ ଏଫ ସି, ବି ଏମ ସ୍ପୋର୍ଟିଂ, କରଞ୍ଜିଆ, ଏମ ଏସ ସି ବି ବିଶ୍ୱବିଦ୍ୟାଳୟ, ବାରିପଦା, ସିଧୁ କାହ୍ନୁ ଏଫ ସି, କୋଲକାତା, ଜଟକଳା ଟେକ୍ସିସ, ବାଲେଶ୍ୱର, ବ୍ଲାକ ପେନ୍ଥର ଏଫ ସି, ଝାଡ଼ଖଣ୍ଡ, ଶରତ ଏଫ ସି, ଠାକୁରମୁଣ୍ଡା, ବାବା ପିଚଲୁ ୟୁଥ କ୍ଲବ, କଟକ, ଷ୍ଟେସନ ବଜାର ଏଫ ସି, ବାରିପଦା, ଶାମଡିହି ଏଫ ସି, ମୟୁରଭଞ୍ଜ, ଶିମିଳିପାଳ ଏଫ ସି, ମୟୁରଭଞ୍ଜ, ଶରଣ ସ୍ପୋର୍ଟିଂ, ବାଙ୍ଗିରିପୋଷି, ଲିଭାରପୁଲ ଏଫ ସି, ବିହାର, ମହୁଲ କରକଚିଆ ଏଫ ସି, ଓଡିଶା ଓ ମୈଦାନ ବାଦଶାହ ଏଫ ସି, ଓଡିଶା ଓ ମୟୁରଭଞ୍ଜ ଫୁଟବଲର ପ୍ରବାଦ ପୁରୁଷ ସ୍ୱର୍ଗତ ଜଗନ୍ନାଥ ମିସ୍ତ୍ରୀଙ୍କ ସ୍ମୃତିରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୮ ତାରିଖରୁ ୧୩ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସାଧାରଣ ସମ୍ପାଦକ ଅଶୋକ ମିସ୍ତ୍ରୀ ଜଣାଇଛନ୍ତି ଓ ଚମ୍ପିୟାନ ଦଳ ପାଇଁ ୧. ୫ ଲକ୍ଷ ଓ ରନର୍ସ ଅପ ଦଳ ପାଇଁ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ସହ ୩ୟ ଓ ୪ର୍ଥ ସ୍ଥାନ ଅଧିକାର କରିଥିବା ଦଳକୁ ୨୫ ହଜାର ଟଙ୍କା ଲେଖାଏଁ ପୁରସ୍କାର ରହିଛି ବୋଲି ସମ୍ପାଦକ କଳିଙ୍ଗ କେଶରୀ ଜେନାଙ୍କ ସୂତ୍ରରୁ ପ୍ରକାଶ ଓ ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ସହ ପଡିଆ ପୂଜନ ଏବଂ ଶୁଭ ଖୁଣ୍ଟ ସ୍ଥାପନ କାର୍ଯ୍ୟକ୍ରମ ମଧ୍ୟ ଶେଷ ହୋଇଯାଇଛି ବୋଲି ସାଙ୍ଗଠନିକ ସମ୍ପାଦକ ଅମର କୁମାର ସେଠି ଜଣାଇଛନ୍ତି ଓ ଏହି କାର୍ଯ୍ୟକ୍ରମରେ ଅସିତ ବରଣ ପତି, କବି ବିଷ୍ଣୁ ଶତପଥି, ନରଉମ ପାଣିଗ୍ରାହୀ, କୈଳାଶ ବେହେରା, ବୈଲୋଚନ ପାତ୍ର, କୁମାର ରଞ୍ଜନ ପଣ୍ଡା, ଅଶୋକ ମିସ୍ତ୍ରୀ, ପ୍ରଦୀପ ମିସ୍ତ୍ରୀ, ରାଜୀବ ମିସ୍ତ୍ରୀ, ସନ୍ତୋଷ କୁମାର ବରାଜ, ସୋମନାଥ ସିଂହ, ବିନୋଦ ସିଂବାବୁ, ବନ ମତ୍ତଗଜ, ମହାଦେବ ପାତ୍ର ଓ ସୁମନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ଓ ବହୁ ସଂଖ୍ୟାରେ ଉପସ୍ଥିତ ରହି ଖେଳକୁ ଉପଭୋଗ କରିବା ସହ ଖେଳାଳି ମାନଙ୍କୁ ଉତ୍ସାହିତ କରିବାକୁ ଅଭ୍ୟର୍ଥନା କମିଟି ଅଧକ୍ଷ ଜୀବନ କୁମାର ସାହୁ ଅନୁରୋଧ କରିଛନ୍ତି ।

# ଛୁରା ମାଡରେ ସ୍ତ୍ରୀର ମୃତ୍ୟୁ ଘଟଣାରେ ସିନ୍ ରିକ୍ରିଏସନ

ଭୁବନେଶ୍ୱର, ୦୫/୩ (ନି.ପ୍ର): ସ୍ୱାମୀର ଛୁରା ମାଡରେ ସ୍ତ୍ରୀ ମୃତ ଘଟଣାରେ କ୍ରାଇମ୍ ସ୍ପଟରେ ମଡର ସିନ ରିକ୍ରିଏସନ କରିଛି ପୋଲିସ ଓ ଭରତପୁର ଥାନା ପୋଲିସ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ମଲ୍ଲିକଙ୍କୁ ନେଇ କ୍ରାଇମ୍ ସ୍ପଟରେ ପହଞ୍ଚିଥିଲା ଓ ମଦ ପିଇବା ପାଇଁ ହୋଇଥିଲା ଝଗଡ଼ା । ସେ କିଛି କାମ ଧନ୍ଦା କରୁନଥିବା ବେଳେ ସ୍ତ୍ରୀ ସାବିତ୍ରୀ ମଲ୍ଲିକ ପଇସାରେ ଚଳୁଥିଲା ଓ ମଦ ପିଇବା ପାଇଁ ଟଙ୍କା ମାଗିଥିଲା ଅଭିଯୁକ୍ତ ସ୍ୱାମୀ , ହେଲେ ସାବିତ୍ରୀ ଦେଇନଥିଲେ ଯାହାକୁ ନେଇ ଉତକ୍ଷୀପ୍ତ ହୋଇ ଛୁରୀରେ ଭୂଷି ଦେଇଥିଲା ନୃସଂଶ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଓ ଗତକାଲି ତାକୁ ଗିରଫ କରିଥିଲା ପୋଲିସ ।

# ଆଦିବାସୀ ମେଳା କମିଟି ପକ୍ଷରୁ ଦୁଇ ଦିନିଆ ଫୁଟବଲ ମ୍ୟାଚ ସହିତ ଆଦିବାସୀ ଯାତ୍ରା ପାଇଁ ସାମ୍ବାଦିକ ସମ୍ମିଳନୀ



ଜଳେଶ୍ୱର, ୦୫/୩ (ନି.ପ୍ର): ଜଳେଶ୍ୱର ବଡବଜାର ସ୍ଥିତ ଜଳେଶ୍ୱର ମହୋତ୍ସବ ପଡିଆ ଠାରେ ଆଦିବାସୀ ମେଳା କମିଟି ପକ୍ଷରୁ ଚଳିତ ମାସ ୭ ତାରିଖ ଶନିବାର ଏବଂ ୮ ତାରିଖ ଗୁରୁବାର ଦୁଇ ଦିନିଆ ଫୁଟବଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଗୌରହରି ସାହୁଙ୍କ ଅଧକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଫୁଟବଲ ମ୍ୟାଚ ରେ ରାଜ୍ୟ ଓ ରାଜ୍ୟ ବାହାରୁ ୧୬ ଟି ଟିମ ଅଂଶ ଗ୍ରହଣ କରିବେ। ୮ ତାରିଖ ସଂଧ୍ୟାରେ ସୁନା ସିନ୍ଦୁରି ମୁଣ୍ଡାରୀ ଅପେରା ଆଦିବାସୀ ଯାତ୍ରା ପାଟିର ନାଟକ 'ଝିଅ ହଜିଗଲା ଆମ ଗାଁ ଛକରେ' ମଞ୍ଚସ୍ଥ ହେବ ବୋଲି ସଭାପତି ରଘୁ ମୁର୍ମୁ, ହରିଆ ମାରାଣ୍ଡି, ସନାଇ ହେମ୍ବ୍ରମ୍, କୁଆଁର ସିଂ, ମିଟୁ ଟୁଡୁ, ଗୀତା ହାଁସଦା, ଗୀତା ମୁର୍ମୁ, ମାଇନ ମୁର୍ମୁ, ପାନ ହାଁସଦା, ଛିଟା ଟୁଡୁ, ସୁନାରାମ କିସ୍କୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।


# ଅଧ୍ୟାପକ ଓ ଗୁରୁଜୀ ଗୁରୁମା ଆବଶ୍ୟକ

ବାଣୀପୀଠ ଦ୍ୱାରା ପରିଚାଳିତ (ଆବାସିକ) ବିବେକାନନ୍ଦ ହାୟାର ସେକେଣ୍ଡାରୀ ସ୍କୁଲ ଏବଂ ଓଡ଼ିଆ, ଇଂରାଜୀ ମାଧ୍ୟମ ବିଦ୍ୟାଳୟ ତରଫରୁ ନିମ୍ନଲିଖିତ ପଦବୀ ପାଇଁ ଇଚ୍ଛୁକ ପ୍ରାର୍ଥୀ / ପ୍ରାର୍ଥନାଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଉକ୍ତ ପଦବୀ ପାଇଁ ଆସନ୍ତା ତା ୦୮/ ୦୩ / ୨୦୨୬ ରିଖ ରବିବାର ଦିବା ୧୦ ଟାରେ ବଡ଼ସାହି ଠାରେ ସିଧାସଳଖ ସାକ୍ଷାତକାର ଅନୁଷ୍ଠିତ ହେବ । ଫୋନରେ ଯଥାଶୀଘ୍ର ନିଜର ନାମ ପଞ୍ଜିକରଣ କରନ୍ତୁ । ସାକ୍ଷାତକାର ପୂର୍ବରୁ ଶିକ୍ଷାକେନ୍ଦ୍ର କାର୍ଯ୍ୟାଳୟରେ ୨୦୦ ଟଙ୍କା ଜମାକରି ନିର୍ଦ୍ଧାରିତ ଫର୍ମରେ ବାୟୋଡାଟା, ଯୋଗ୍ୟତା ପ୍ରମାଣପତ୍ର ଓ ଫଟୋ ସହିତ ଆବେଦନ କରିବାକୁ ପଡ଼ିବ ।

- *ଅଧ୍ୟାପକ :* ଫିଜିକ୍ସ / କେମେଷ୍ଟ୍ରୀ / ମେଥମେଟିକ୍ସ / ବୋଟାନି / ଜୁଲୋଜୀ / ଆଇଟି / ଇକୋନୋମିକ୍ସ / ପଲଟିକାଲ ସାଇନ୍ସ / ଇଂରାଜୀ / ହିନ୍ଦୀ / ସଂସ୍କୃତ / ଲଜିକ୍ / କ୍ଲର୍କ / ପିଅନ / ମେଲ, ଫିମେଲ ୱାର୍ଡେନ / କୁକ୍ ।
- *ଗୁରୁଜୀ / ଗୁରୁମା :* ଆର୍ଟସ୍ ( ଓଡ଼ିଆ, ଇଂରାଜୀ, ଇତିହାସ, ଭୂଗୋଳ ) / ପିସିଏମ୍ / ସିବିଜେଡ୍ / ହିନ୍ଦୀ / ସଂସ୍କୃତ / କ୍ରୀଡ଼ା ଓ ଯୋଗ / କମ୍ପ୍ୟୁଟର / ସୁପରଭାଇଜର / ପିଅନ / ସିକ୍ୟୁରିଟି ଗାର୍ଡ / ରୋଷେୟା ।
- *ଗୁରୁଦକ୍ଷିଣା :* ଟ୧୦,୦୦୦ଙ୍କା ରୁ ଟ୪୦,୦୦୦ଙ୍କା (ଦକ୍ଷତା ସମ୍ପନ୍ନ ଅଭିଜ୍ଞ ପ୍ରାର୍ଥୀ / ପ୍ରାର୍ଥିନୀଙ୍କୁ ଅଗ୍ରାଧିକାର ଦିଆଯିବ । ଛାତ୍ରାବାସରେ ରହିବା, ଖାଇବାର ସୁବିଧା ଅଛି)

**ଯୋଗାଯୋଗ :**

*ସମ୍ପାଦକ - ବାଣୀପୀଠ ଚେରିଟେବୁଲ ଟ୍ରଷ୍ଟ, ବିବେକାନନ୍ଦ ବିହାର, ବଡ଼ସାହି, ମୟୂରଭଞ୍ଜ - ୭୫୭୦୨୬*
*ମୋ : ୯୮୬୧୦୫୯୮୮୩ / ୯୮୬୧୮୧୨୦୦୦ / ୭୦୦୮୫୮୫୬୭୯ / ୯୮୫୩୩୩୮୭୪୧*


# ଧାନ କିଣାରେ ସରକାରଙ୍କ ଉଦାସୀନତା ପ୍ରତିବାଦରେ ଦୀର୍ଘ ୬ ଘଣ୍ଟା ରାସ୍ତା ଅବରୋଧ

## ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସମସ୍ତ ଧାନ କିଣାହେବର ଲିଖିତ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ




ଜଳେଶ୍ୱର, ୦୫/୩ (ନି.ପ୍ର): ଧାନ କ୍ରୟରେ ସରକାରଙ୍କ ବ୍ୟାପକ ଉଦାସୀନତା, ଅନିୟମିତତା ଏବଂ ମନ୍ଥର ଧାନ ଉଠାଣକୁ ନେଇ ଜଳେଶ୍ୱର ବ୍ଲକର ବର୍ତ୍ତନା ଓ ପାଇକସିଦା ସେବା ସମବାୟ ସମିତିର ପଞ୍ଜିକୃତ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସରକାରୀ ସ୍ତରରେ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟଧାର୍ଯ୍ୟ ରହିଥିଲେ ହେଁ,ବାସ୍ତବ କ୍ଷେତ୍ରରେ ଚାଷୀମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।ଏହାର ପ୍ରତିବାଦରେ ଜଳେଶ୍ୱର-ପଶ୍ଚିମବାଡ ରାସ୍ତା ସରସିଦା ଛକ ଠାରେ ଶତାଧିକ ଚାଷୀ ମାନେ ସକାଳ ୯ ଟାରୁ ଦିନ ୩ ଟା ପର୍ଯ୍ୟନ୍ତ ଦୀର୍ଘ ୬ ଘଣ୍ଟା ଧରି ଧାନ ବସ୍ତା ରଖି ରାସ୍ତା ରୋକ ଓ ଧାରଣା ରେ ବସିଥିଲେ।ବର୍ତ୍ତନା ସେବା ସମବାୟ ସମିତିର ସଭାପତି ଅସିତ କୁମାର ପାତ୍ରଙ୍କ ନେତୃତ୍ୱରେ ପାଇକସିଦା ସେବା ସମବାୟ ସମିତିର ସଭାପତି, କଂଗ୍ରେସ ନେତା ସୁଦର୍ଶନ ଦାସ,ସିପିଏମ ନେତା ଦିଲ୍ଲୀପ କୁମାର ଗିରୀ, ବିଜେଡି ନେତା ମଧୁ ସୁଦନ ସେନାପତି, ପ୍ରାକ୍ତନ ସରପଂଚ ରାମନାଥ ଗିରି, ପଦ୍ମଲୋଚନ ବେହେରା, ଅନନ୍ତ ରାଉଳ, ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ସମର୍ଥନରେ ଚାଷୀ ବରେନ୍ଦ୍ର ପ୍ରଧାନ,ଅମରେନ୍ଦ୍ର ଦାସ ଅଧିକାରି, ଅଜୟ ପ୍ରଧାନ, ପ୍ରବୀର ଦେ, ଲକ୍ଷ୍ମୀ ଧର ପ୍ରଧାନ, ପଞ୍ଚାନନ ଚନ୍ଦ, ହରିହର ଦାସ, ପୂର୍ଣ୍ଣଚନ୍ଦ୍ର ଦାସ, ରମେଶ ପଢିଆରି, ଶିବଶଙ୍କର ବାଗ, ଅଜୟ କୁମାର ସେନାପତି, ଅମୂଲ୍ୟ ସାହୁ,ରାଜୀବ ପାଳ,ବାବୁରାମ ଦାସ, ଗୋବିନ୍ଦ ପ୍ରାମାଣିକ ପ୍ରମୁଖ ଶତାଧିକ ଚାଷୀ ମାନେ ଉପସ୍ଥିତ ରହି ଏହି ଧାରଣାରେ ବସିଥିଲେ।ତେବେ ଦୀର୍ଘ ସମୟ ଧରି ଧାରଣାରେ ବସିବା ପରେ ତହସିଲଦାର ତହସିଲଦାର ସତ୍ୟଜିତ ମହାନ୍ତି, ଏଡିଶିନାଲ୍ ସି ଏସ ଓ ଏଲିନା କୁଜୁର, ଏଡିଷ୍ଟେଣ୍ଟ ଏସସିଏସଓ ପୁରଞ୍ଜୟ ସାହୁ,ସଦର ଏମ୍ ଆଇ ଶୁଶାନ୍ତ ସାହୁ,ଜଳେଶ୍ୱର ଏମ୍ ଆଇ ଅବନ୍ତିକା ସାହୁ,ଏସ ଡି ପି ଓ ସୁବ୍ରତ ବେହେରା,ଏମ୍ ଆଇ ଅବନ୍ତିକା ସାହୁ,ଆଇଆଇସି ଅର୍ପିତା ଦାସ, ସବ୍ ଇନ୍ସପେକ୍ଟର ଚିରଞ୍ଜିବି ରାଉତ,କରଣ ମାରାଣ୍ଡି,ଏ ଏସ ଆଇ ଦିଲ୍ଲୀପ ମୁଖି,ଚିନ୍ମୟ କୁମାର ପଲେଇ,ତହସିଲ ସୁପର ଭାଇଯର ଶରତ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଦୁଇଟି ସେବା ସମବାୟ ସମିତିର ସମସ୍ତ ଧାନ କିଣା ହେବାର ଲିଖିତ ପ୍ରତିଶୃତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଗାଳ୍ପିକ, ପ୍ରଚ୍ଛଦପଟ ଶିଳ୍ପୀ ଅତୁଳ ବଳଙ୍କ ପରଲୋକ



ଆଳି, ୦୫/୩ (ନି.ପ୍ର): ବରିଷ୍ଠ ଗାଳ୍ପିକ, ପ୍ରଚ୍ଛଦ ପଟ ଶିଳ୍ପୀ, ପରାଗ ସାହିତ୍ୟ ସଂସଦର ଉପଦେଷ୍ଟା ତଥା ଶୈଳେଜା ସାହିତ୍ୟ ପତ୍ରିକାର ସମ୍ପାଦକ ଅତୁଳ ବଳଙ୍କର ଗୁରୁବାର ଦିନ ଅପରାହ୍ନରେ ୬୨ ବର୍ଷ ବୟସରେ ପରଲୋକ ଘଟିଛି କ୍ଷ ସ୍ୱର୍ଗତ ବଳଙ୍କ ପରଲୋକ ସାହିତ୍ୟିକ ଜଗତରେ ଶୋକର ବାତାବରଣ ଖେଳାଇ ଦେଇଛି। କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ଅରେହିକଣା ଗ୍ରାମରେ ଜନ୍ମିତ ସ୍ୱର୍ଗତ ବଳ ଆଳି ମହାବିଦ୍ୟାଳୟ ନିକଟରେ ତାଙ୍କ ବଡଭାଇ ଶିକ୍ଷାବିତ ଅଖିଳ ବଳଙ୍କ ସହ ରହୁଥିଲେ। ଗତ କିଛି ଦିନ ହେବ ସେ ଯକୃତ ଜନିତ ରୋଗରେ ପୀଡିତ ଥାଇ ଚିକିତ୍ସିତ ହେଉଥିଲେ। ସେ ରାଜନଗର ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ଗତ ଦୁଇବର୍ଷ ପୂର୍ବେ ଅଧକ୍ଷ ଭାବରେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ। ରାଜ୍ୟରୁ ପ୍ରକାଶ ପାଉଥିବା ଅନେକ ଓଡ଼ିଆ ସାହିତ୍ୟ ପତ୍ରିକାରେ ସେ ପ୍ରଚ୍ଛଦ ତିଆରି କରି ପତ୍ରିକା ଗୁଡିକୁ ଆକାର୍ଷଣୀୟ କରିବା ପଛରେ ତାଙ୍କର ବଳିଷ୍ଠ ଭୂମିକା ରହିଥିଲାକ୍ଷ ତାଙ୍କର ପରଲୋକ ଖବର ପାଇ ଜିଲ୍ଲା କଂଗ୍ରେସ ସଭାପତି ଡାକ୍ତର ଦେବସ୍ମିତା ଶର୍ମା, ଗାଳ୍ପିକ ପ୍ରଦୀପ ନାୟକ, କାଳନ୍ଦୀ ଚରଣ ଜେନା, ସଚିତ୍ର ବେହେରା , ଅଧାପକ ଶେଖର ବାରିକ, କବି ଅଶୋକ ବିଶ୍ୱାଳ, ଅଧାପକ ପ୍ରଫୁଲ୍ଲ ପରିଡା, ରାଜକିଶୋର ସ୍ୱାଇଁ, ପ୍ରମୋଦ ମଲ୍ଲିକ, ରଞ୍ଜନ ବେହେରା, ରଞ୍ଜନ ପାତ୍ର, ରାଧାକାନ୍ତ ବିଶ୍ୱାଳ, ବନମାଳୀ ସେନାପତି, ରଶ୍ମିତା ସେନାପତି, ସୁରେନ୍ଦ୍ର ସାହୁ, ଦେବେନ୍ଦ୍ର ପଣ୍ଡା, ଜଗତାନନ୍ଦ ବଳ, ଅଭିରାମ ବିଶ୍ୱାଳ ପ୍ରମୁଖ ତାଙ୍କ ବାସଭବନ ରେ ପହଂଚି ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ଅତୁଳ ବଳଙ୍କର ପୁରୀ ସ୍ୱର୍ଗ ଦ୍ୱାର ଠାରେ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପରିବାର ପକ୍ଷରୁ ଜଣା ପଡିଛି।

# ଐତିହାସିକ ପତିରାଜପୁର ଦୋଳମେଳା: ଯୋଗଦେଲେ ୫୦ହଜାର ଶ୍ରଦ୍ଧାଳୁ

## ଡିଜେ ରୋକିବାରେ ପୋଲିସର ବିଫଳତାକୁ ନେଇ ସମାଲୋଚନା



ଖଇରା, ୦୫/୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକର ପତିରାଜପୁର ଠାରେ ୩ଶହ ବର୍ଷ ଧରି ପାଳିତ ହୋଇ ଆସୁଥିବା ଐତିହାସିକ ଦୋଳ ମେଳନ ମଙ୍ଗଳବାର ରାତିରୁ ଧୁମଧାମରେ ଆରମ୍ଭ ହୋଇଥିବା ବେଳେ ପ୍ରଥମ ଦିନ ପୁର୍ଣ୍ଣମୀ ରାତିରେ ୫୦ହଜାରରୁ ଉର୍ଦ୍ଧ ଶ୍ରଦ୍ଧାଳୁ ଚାରାରୁଢ ରାଧାକୃଷ୍ଣ ଦୋଳ ବିମାନରେ ରାଧାକୃଷ୍ଣଙ୍କୁ ମନଭରି ଦର୍ଶନ କରିଛନ୍ତି । କିଛି ଠାକୁର ସେବକ ପୋଲିସ ନିର୍ଦ୍ଦେଶକୁ ଅବଜ୍ଞା କରି ଡିଜେ ବ୍ୟବହାର କତକୁ ଛାଡିଦେଲେ ବାକି ଶୋଭାଯାତ୍ରା ପାରମ୍ପରିକ ନାଚଗୀତ ଓ ବାଦ୍ୟଯନ୍ତ୍ରର ତାଳେ ତାଳେ ଶେଷ ହୋଇଛି । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପୁର୍ବପଟ ଦ୍ୱାରା ଦେଇ ସାରଡାଙ୍ଗ, ଭୋଗୁପୁର, ପତିରାଜପୁର, ଦାମୋଦରପୁର, ଗଗନଧୁଳୀ ଓ ଅଲିପୁର ଏବଂ ପଶ୍ଚିମ ଦ୍ୱାରା ଦେଇ ଖାନପୁର, ଅମରିଆ, ପାଣିଛତ୍ର, ରଇଁତିରା, ଗେଙ୍ଗୁଟିଆ, ସଇଁ ଓ ବାଘୁଆ ଆଦି ଗ୍ରାମରୁ ସୁସଜ୍ଜିତ ଦୋଳବିମାନ ଶଙ୍ଖହୁଳହୁଳି ଖୋଳ କରତାଳର ତାଳେ ତାଳେ ମେଳାମଣ୍ଡପକୁ ବିଜେ କରିଥିଲେ । ସେହିଭଳି ଉତ୍ତରଦ୍ୱାର ଦେଇ ସାରୁଗାଁ, ବିଦ୍ୟାଧରପୁର ଶାସନ, ମଳିହା, ଗୋଳିହା, କଣ୍ଡାପଡା ଶାସନ, ବଣପାରିଆ, ନଛିପୁର, ଚାରିଘରିଆ ଅଞ୍ଚଳରୁ ଏବଂ ଦକ୍ଷିଣଦ୍ୱାର ଦେଇ ଡୁଙ୍ଗୁରା, ବାଣପୁର, ବାରାପୁର ଗ୍ରାମରୁ ସୁସଜ୍ଜିତ ବିମାନ ମଣ୍ଡପରେ ପ୍ରବେଶ କରି ଚାରରେ ବିରାଜମାନ କରିଥିଲେ । ଚଳିତ ବର୍ଷ ମୋଟ ୭୨ ବିମାନ ଯୋଗ ଦେଇଥିଲେ । ଉପଜିଲାପାଳଙ୍କ ନିର୍ଦ୍ଦେଶକୁ ସମ୍ମାନ ଦେଇ ମେଳା କମିଟି ତରଫରୁ ଖଇରା ପୋଲିସକୁ ଡିଜେ ନିୟନ୍ତ୍ରଣ ଦାୟିତ୍ୱ ପ୍ରଦାନ କରାଯାଇଥିଲେ ହେଁ ପୁର୍ବପଟ ରାସ୍ତାରେ ଆସୁଥିବା କିଛି ମେଢ ଶୋଭାଯାତ୍ରାରେ ଡିଜେ ବ୍ୟବହାରକୁ ପୋଲିସ ନିୟନ୍ତ୍ରଣ କରିବାରେ ବିଫଳ ହେବାକୁ ନେଇ ପୋଲିସ ପାରିବାପଣିଆକୁ ସମାଲୋଚନା କରାଯାଇଛି । ପ୍ରତିଭା ପରିବାର ସମେତ ଅନ୍ୟାନ୍ୟ ବହୁ ସାମାଜିକ ସଙ୍ଗଠନ ମେଳାମଣ୍ଡପ ଚତୁପାର୍ଶ୍ୱରେ ସଫେଇ କରିଥିବା ବେଳେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଡାକ୍ତର ଟିମ ପକ୍ଷରୁ ଅସ୍ଥାୟୀ କ୍ୟାମ୍ପ ଖୋଲାଯାଇଥିଲା । ଚଳିତ ବର୍ଷ ମେଳା ୨୦ଦିନ ଧରି ଚାଲିବାର ଥିବା ବେଳେ ଶାନ୍ତିଶୃଙ୍ଖଳା ବଜାର ରଖିବାକୁ କମିଟି ସଭାପତି ପିତାମ୍ବର ପଟ୍ଟନାୟକ,ସମ୍ପାଦକ ଭରତ ଚନ୍ଦ୍ର ରାଉତ ଙ୍କ ପକ୍ଷରୁ ନିବେଦନ କରାଯାଇଛି । ପଳସା - ଡୁଙ୍ଗୁରା ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁଁ ଶ୍ରଦ୍ଧାଳୁ ଯାତାୟାତରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲେ ।

# ନୀଳଗିରି ସ୍ୱର୍ଣ୍ଣଚୁଡ଼ ପାହାଡ଼ରେ ନିଆଁ: ଅଗ୍ନିଶମ ବାହିନୀର ପ୍ରଚେଷ୍ଟା ପରେ ବି ଆୟତ୍ତ ହୋଇପାରିନି ନିଆଁ



ନୀଳଗିରି- ୫/୩: ବାଲେଶ୍ୱର ଜିଲା ନୀଳଗିରିସ୍ଥିତ ସ୍ୱର୍ଣ୍ଣଚୁଡ଼ ପାହାଡ଼ରେ ନିଆଁଲାଗି ବହୁ ବୃକ୍ଷଲତା, କୀଟପତଙ୍ଗ ଓ ବନୌଷଧି ଭସ୍ମିଭୂତ ହୋଇଯାଇଥିବା ଦେଖିବାକୁ ମିଳିଛି। ପବନର ବେଗ ବଢିବା ସହ ନିଆଁ ବ୍ୟାପିବାରେ ଲାଗିଥିଲା। ନିଆଁର ପ୍ରକୋପ ଏତେ ଅଧିକ ହୋଇଥିଲା ଯେ ଅଗ୍ନିଶମ ବାହିନୀଙ୍କୁ ଲିଭାଇବା ପାଇଁ କଷ୍ଟସାଧ ହୋଇଥିଲା।ପ୍ରତିବର୍ଷ ଗ୍ରୀଷ୍ମଋତୁ ଆସିଲେ ନୀଳଗିରି ସ୍ୱର୍ଣ୍ଣଚୁଡ଼ ପାହାଡ଼, କୁଲଡ଼ିହା ଅଭୟାରଣ୍ୟ ଓ ଅଭୟାରଣ୍ୟ ପାଦଦେଶ ଅଞ୍ଚଳ, ତିନିକୋଶିଆ ଏବଂ ଗୋପାଳପୁର ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଥିବା ଦେଖିବାକୁ ମିଳେ। ବିଶେଷକରି ଶୁଖିଲାପତ୍ରରେ ନିଆଁ ଲାଗିବାଫଳରେ ହୁତୁହୁତୁ ହୋଇ ଜଳୁଥିବା ଜଙ୍ଗଲନିଆଁ ବନବିଭାଗକୁ ଲିଭାଇବାପାଇଁ ନାକେଦମ୍ ହେବାକୁ ପଡ଼ିଥାଏ। ହୋଇଥାଏ। ସୂଚନାଯୋଗ୍ୟ, ମଙ୍ଗଳବାର ମଧ୍ୟାହ୍ନରେ ନୀଳଗିରି ମଙ୍ଗଳାମନ୍ଦିର ପଛପଟରେ ଥିବା ସ୍ୱର୍ଣ୍ଣଚୁଡ଼ ପାହାଡ଼ ପାଦଦେଶରେ ନିଆଁଲାଗି ପାହାଡଉପରକୁ ବ୍ୟାପିଥିବା ବେଳେ ନିଆଁର ପ୍ରକୋପ ଏତେ ଭୟଙ୍କର ରହିଥିଲା ଯେ ବଡ଼ବଡ଼ ଗଛ ଏଥିରେ ଜଳିପୋଡ଼ି ନଷ୍ଟ ହୋଇଯାଇଛି। ଖବରପାଇ ନୀଳଗିରି ବନବିଭାଗର କର୍ମଚାରୀ ଓ ନୀଳଗିରି ଅଗ୍ନିଶମବାହୀନି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତକରିବାକୁ ଚେଷ୍ଟା କରିଥିଲେ। ହେଲେ ପାହାଡର ତଳଭାଗରେ ଲାଗିଥିବା ନିଆଁ ଲିଭାଇବାରେ ସଫଳ ହୋଇଥିଲେ ମଧ୍ୟ, ଉପରଭାଗରେ ଲାଗିଥିବା ନିଆଁକୁ ଲିଭାଇବାରେ ସଫଳ ହୋଇନଥିଲେ। ତେବେ ନିଆଁର ପ୍ରକୋପରେ ବଡ଼ବଡ଼ ଗଛ ସହିତ ଔଷଧୀୟ ଗୁଳ୍ମ ଜଳିଯାଇଥିବା ଦେଖାଯାଇଛି । ଯଦି ପାହାଡ଼ ନିଆଁକୁ ଆୟତ୍ତ କରାନଯାଏ ତେବେ ପାହାଡ଼ରେ ବସବାସ କରୁଥିବା ଅନେକ ବନ୍ୟଜୀବଙ୍କ ଜୀବନ ପ୍ରତି ବିପଦଥିବା ପରିବେଶବିତ୍ ମାନେ ଆଶଙ୍କା କରିଛନ୍ତି।

# ରୋଟାରୀ ଓ ଇନରହୁଇଲ କ୍ଲବ ତରଫରୁ ମିଳିତ ଭାବରେ ହୋଲି ପର୍ବ ପାଳିତ




ଉଦଳା, ୦୫/୩ (ନି.ପ୍ର): ଉଦଳା ସହରରେ ଗଢ଼ି ଉଠିଥିବା ରୋଟାରି କ୍ଲବ ଓ ଇନରହୁଇଲ କ୍ଲବ ତରଫରୁ ମିଳିତ ଭାବରେ ଚଳିତ ବର୍ଷ ହୋଲି ପର୍ବ ପାଳିତ ହୋଇ ଯାଇଛି । ଏହି ଅବସରରେ ଆଲୋଚନାଚକ୍ର, ରଙ୍ଗଖେଳ ଓ ମିଷ୍ଟାନ ବଂଟନର ପର୍ବ ଅନୁଷ୍ଠିତ ହୋଇଥିଲା । ଇନରହୁଇଲ କ୍ଲବର ସଭାପତି ଜୟନ୍ତି ପଟନାୟକ ଆଲୋଚନାଚକ୍ରରେ ଅଧକ୍ଷତା କରି ମହାପ୍ରଭୁ ଶ୍ରୀ ଚୈତନ୍ୟ ଦୋଳପୂର୍ଣ୍ଣିମା ଦିନ ଜନ୍ମଗ୍ରହଣ କରିଥିଲେ । ସେଦିନ ଥିଲା ଚନ୍ଦ୍ରଗ୍ରହଣ । ଆଜି ମଧ ପୂର୍ଣ୍ଣିମାରେ ପଡୁଛି ଚନ୍ଦ୍ରଗ୍ରହଣ । ଏହାଏକ ଅପୂର୍ବ ସଂଯୋଗ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ଣ୍ଣଚନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ହରେନ ପଟ୍ଟନାୟକ, ସଚିଦାନନ୍ଦ ପରିଡ଼ା, ପ୍ରହ୍ଲାଦ ଦାସ, ବ୍ରହ୍ମାନନ୍ଦ ନାୟକ, ଅଜୟ ବେହେରା, ମମତା ସାହୁ, ସର୍ବେଶ୍ୱର ମହାପାତ୍ର, ଦୋଳମଣି ପୁହାଣ, ସୁବାସିନି ବେହେରା, ପୁଷ୍ପଲତା ପଣ୍ଡା, ଗୀତାଶ୍ରୀ ରାୟ, ଛବି ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ମହାପ୍ରଭୁ ଶ୍ରୀଚୈତନ୍ୟଙ୍କ ଦର୍ଶନ କିପରି ଆଜି ସମଗ୍ର ବିଶ୍ୱବାସୀଙ୍କୁ ଆକୃଷ୍ଟ କରିଛି ସେ ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହାପରେ ରଙ୍ଗଖେଳ ଅନୁଷ୍ଠିତ ହୋଇଥିଲା । ଶେଷରେ ମିଷ୍ଟାନ ବଂଟନ ସହିତ ଆଜିର କାର୍ଯକ୍ରମର ଯବନିକା ପଡ଼ିଥିଲା ।

# ଲକ୍ଷ୍ମୀଦାସପୁର ମେଳଣ ମହାସମାରୋହରେ ଅନୁଷ୍ଠିତ



ବାସୁଦେବପୁର, ୦୫/୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀଦାସପୁର ପଞ୍ଚାୟତର ଲକ୍ଷ୍ମୀଦାସପୁର ଗ୍ରାମରେ ମହା ସମାରୋହରେ ମେଳନ ପର୍ବ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ଏହି ହୋଲି ପର୍ବର ରଙ୍ଗ ଖେଳର ସ୍ୱତନ୍ତ୍ର ଆକର୍ଷଣ ରହିଥିଲା। ଏହି ଉତ୍ସବରେ ଯୁବ ସମାଜସେବୀ ପବିତ୍ର ରଞ୍ଜନ ପୁହାଣ ପପୁ ମୁଖ୍ୟ ଦାୟିତ୍ୱ ତୁଲାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅନୁଷ୍ଠାନର ସଦସ୍ୟ ପ୍ରଦୀପ କୁମାର ବଳ, ସୂର୍ଯ୍ୟମଣି ପୁହାଣ, ମୁରଲୀ ମୋହନ ଦଳେଇ, ସଞ୍ଜୟ କୁମାର ଭଞ୍ଜ, ଶଙ୍କର୍ଷଣ ଦଳେଇ, କମଳା କାନ୍ତ ଘଡ଼େଇ, ହେମନ୍ତ ପୁହାଣ, ରାଧାକାନ୍ତ ପୁହାଣ, ଭରତ ଚନ୍ଦ୍ର ପୁହାଣ, ବୁଦ୍ଧିରାମ ଦଳେଇ, ମହେଶ୍ୱର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଉତ୍ସବରେ ଆଠଟି ବିମାନ ଆସିଥିଲେ। ପ୍ରଭୁ ରାଧା କୃଷ୍ଣଙ୍କ ମୂର୍ତ୍ତିଙ୍କୁ ପୂଜା କରାଯାଇଥିଲା। ଏହି ଉତ୍ସବରେ ବହୁ ସଂଖ୍ୟାରେ ଜନ ସାଧାରଣ ଯୋଗ ଦେଇଥିଲେ।

# ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଜାତୀୟ ସୁରକ୍ଷା ସପ୍ତାହ ଉଦ୍‌ଘାଟିତ



ପାରାଦୀପ, ୦୫/୩ (ନି.ପ୍ର): ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଗୁରୁବାର ଦିନ ୫୫ତମ ଜାତୀୟ ସୁରକ୍ଷା ସପ୍ତାହ ଉଦଘାଟିତ ହୋଇଯାଇଛି । ପାରାଦୀପ ବନ୍ଦର ପ୍ରଶାସନିକ ଭବନ ପରିସରରେ ଅଧକ୍ଷ ପି.ଏଲ.ହରନାଦ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଶ୍ରମିକ, କର୍ମଚାରୀମାନେ ଜୀବନରେ ସବୁବେଳେ ସୁରକ୍ଷିତ ଭାବେ କାର୍ଯ୍ୟକରିବା ପାଇଁ ଅଧକ୍ଷ ଶ୍ରୀ ହରନାଦ ଶପଥ ପାଠ କରାଇଥିଲେ । ଏହି ଅବସରରେ ଏକ ସୁରକ୍ଷା ସଚେତନତା ରଥକୁ ପତାକା ଦେଖାଇ ଶ୍ରୀ ହରନାଦ ଏହାର ଶୁଭାରମ୍ଭ କରିଥିଲେ । ଏହି ସୁରକ୍ଷା ସଚେତନତା ରଥ ପାରାଦୀପ ଅଂଚଳ ପରିକ୍ରମା କରିବା ସହିତ ଜନସାଧାରଣଙ୍କୁ ସଚେତନତାର ବାର୍ତ୍ତା ଦେବ । ଏହି କାର୍ଯ୍ୟକ୍ରମରେ ବନ୍ଦର ସିଏମଇ ସୁଶୀଲ କୁମାର ନାହାକଙ୍କ ସମେତ ବନ୍ଦରର ବିଭାଗୀୟ ମୁଖ୍ୟ ଯୋଗ ଦେଇଥିବା ବେଳେ ଚେନ୍ନାଇ ରାଧା ଏ. ରମେଶ କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ । ପାରାଦୀପ ବନ୍ଦର ପକ୍ଷରୁ କର୍ମଚାରୀ, ଶ୍ରମିକ, ଠିକା ଶ୍ରମିକମାନଙ୍କର ମାଗଣାରେ ସ୍ୱାସ୍ଥ୍ୟ ପରିକ୍ଷା କରାଯିବା ନେଇ ଅଧକ୍ଷ ଶ୍ରୀ ହରନାଦ ଘୋଷଣା କରିଥିଲେ । ପାରାଦୀପ ବନ୍ଦର ସବୁବେଳେ ସୁରକ୍ଷାକୁ ଗୁରୁତ୍ୱ ଦେଇ ଆସିଛି । ବନ୍ଦର କର୍ତୃପକ୍ଷ ସବୁବେଳେ କର୍ମଚାରୀ, ଶ୍ରମିକମାନଙ୍କୁ କାର୍ଯ୍ୟକ୍ଷେତ୍ରରେ ସୁରକ୍ଷିତ ଭାବେ କାର୍ଯ୍ୟ କରିବା ପାଇଁ ସମସ୍ତ ପ୍ରକାରର କାର୍ଯ୍ୟ କରିଆସିଛି ।

# ତୃଣମୂଳସ୍ତର ନେତୃତ୍ୱକୁ ପ୍ରୋତ୍ସାହନ ମାଧ୍ୟମରେ ବିକଶିତ ଭାରତ ୨୦୪୭ ଏବଂ ବିକଶିତ ଓଡିଶା ୨୦୩୬ ପାଇଁ ପଥ ନିର୍ମାଣ ଗ୍ରାମୀଣ ଚର୍ଚ୍ଚା ୨୦୨୬ର ଲକ୍ଷ



ରାୟଗଡ଼ା, ୦୫/୩ (ନି.ପ୍ର): ରାୟଗଡ଼ା ଜିଲ୍ଲାର ବିସମକଟକରେ ଆୟୋଜିତ ଗ୍ରାମୀଣ ଚର୍ଚ୍ଚା ୨୦୨୬ ରେ ଓଡ଼ିଶା, ଛତିଶଗଡ଼, ଝାରଖଣ୍ଡ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ରାଜସ୍ଥାନ ଓ ମହାରାଷ୍ଟ୍ରରୁ ୨୦୦୦ ରୁ ଅଧିକ ଆଦିବାସୀ ନେତା ଏକତ୍ରିତ ହୋଇଛନ୍ତି। ୫୦ରୁ ଅଧିକ ତୃଣମୂଳ ସଂଗଠନଙ୍କ ପ୍ରତିନିଧିମାନେ ନିଜ ଅନୁଭବ ଅଦାନ-ପ୍ରଦାନ, ପ୍ରଶ୍ନଉତ୍ତର ଉପରେ ଆଧାରିତ ସ୍ଥାନୀୟ ସମସ୍ୟା ଚିହ୍ନଟ ଏବଂ ତାର ସମାଧାନ ପନ୍ଥା ପ୍ରସ୍ତୁତ କରିବା ପାଇଁ ଏକତ୍ରିତ ହୋଇଛନ୍ତି ଓ ସେମାନଙ୍କର ଏହି ସହଭାଗିତା ବିକଶିତ ଭାରତ ୨୦୪୭ ଏବଂ ବିକଶିତ ଓଡିଶା ୨୦୩୬ ଚିନ୍ତନକୁ ସୁଦୃଢ କରିବ। କାର୍ଯ୍ୟକ୍ରମଟି ଏକ ଉତ୍ସାହଭରା ଉଦ୍‌ଘାଟନୀ ଅଧିବେଶନ ସହିତ ଆରମ୍ଭ ହୋଇଥିଲା, ଯେଉଁଥିରେ ପାରମ୍ପରିକ ଗୀତ ଏବଂ ନୃତ୍ୟ ପ୍ରଦର୍ଶନ ଓ ବିଭିନ୍ନ ସଂଗଠନର ପତାକା ପ୍ରଦର୍ଶନ ମାଧ୍ୟମରେ ତୃଣମୂଳ ସଂଗଠନ ମାନଙ୍କର ବିବିଧତା ପ୍ରକାଶ ପାଇଥିଲା । ଦିନଟିର ମୁଖ୍ୟ ଆକର୍ଷଣ ଥିଲା 'ପରିବେଶ ସୁରକ୍ଷା' ଉପରେ ଆଲୋଚନା ଚକ୍ର- 'ଜମି, ଜଙ୍ଗଲ ଓ ପାରମ୍ପରିକ କୃଷି ଏବଂ ଖାଦ୍ୟ ପ୍ରଣାଳୀ"। ବାସ୍ତବତାକୁ ଆଧାର କରି ଏହି ଆଲୋଚନା ଚକ୍ରରେ ପ୍ରକୃତିର ନିୟମ, ଜଳବାୟୁ ସହନଶୀଳତା ଓ ପାରମ୍ପରିକ ଖାଦ୍ୟ, ପ୍ରଥା ଇତ୍ୟାଦି ଉପରେ ଚର୍ଚ୍ଚା ହୋଇଥିଲା। ଓଡ଼ିଶା ଶ୍ରମଜୀବୀ ମଞ୍ଚର ଆବାହକ ଶ୍ରୀଯୁକ୍ତ ଅଞ୍ଜନ ପ୍ରଧାନ କହିଛନ୍ତି, 'ଆମ ଆଦିବାସୀ ସମ୍ପ୍ରଦାୟର ଜ୍ଞାନ, ପାରମ୍ପରିକ ଜୀବନଶୈଳୀ, ଆମର କଥା ଆମ ଦେଶର ଭବିଷ୍ୟତ ସଙ୍ଗେ ଗଭୀର ଭାବରେ ଜଡିତ ପିଢ଼ି ପରେ ପିଢ଼ି, ଆମେ ପ୍ରକୃତି ସହ ହାଥ ମିଳାଇ, ପ୍ରକୃତି ସୁରକ୍ଷା ସହ ସାଂସ୍କୃତିକ ମୂଲ୍ୟବୋଧ ମାଧ୍ୟମରେ ଆମେ ଜୀବନ ବିତାଉଛୁ । ଏହା କେବଳ ପରମ୍ପରା ନୁହେଁ, ସମସ୍ୟାର ସମାଧାନ ମଧ ଯାହା ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ପ୍ରସ୍ତୁତି ଓ ଯାତ୍ରା ରେ ସହାୟକ ହେବ। ୧୫ ରୁ ଅଧିକ ପ୍ରସଙ୍ଗ ଉପରେ ଆଧାରିତ ଆଲୋଚନା ଚକ୍ରରେ ଲୋକମାନେ ଭାଗ ନେଇ ଆଞ୍ଚଳିକ ସମସ୍ୟା ଏବଂ ତାର ସମାଧାନ ଚିହ୍ନଟ ପାଇଁ ପ୍ରୟାସ କରି ଥିଲେ । ଯୁବ ନେତୃତ୍ୱ, ଗ୍ରାମାଞ୍ଚଳ ଅର୍ଥନୀତି ସୁଦୃଢ, ପିଢ଼ୀଗତ ଶିକ୍ଷା, ଏବଂ ଜ୍ଞାନ ପ୍ରତିଯୋଗିତା ମାଧ୍ୟମରେ ଜୀବିକା, ଜଳସେଚନ, ସ୍ଥାନନ୍ତିକରଣ ଓ ସ୍ୱାସ୍ଥ୍ୟ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା ଓ ଏହା ସହିତ ଜଙ୍ଗଲ ଅଧିକାର, ଜୈବ ବିବିଧତା, ଆଦିବାସୀ ଜ୍ଞାନ ପ୍ରଣାଳୀ ଓ ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ତୃଣମୂଳ ସ୍ତରର ବାଣୀକୁ ସଂରକ୍ଷଣ, ପ୍ରଚାର, ପ୍ରସାର କରିବା ବିଷୟରେ ଚର୍ଚ୍ଚା ହୋଇଥିଲା ଓ ଆଲୋଚନାରେ କେନ୍ଦ୍ରରେ ରହିଲା ଜନସମୁଦାୟର ବାଣୀ । ଗ୍ରାମୀଣ ଚର୍ଚ୍ଚାରେ ଅଂଶଗ୍ରହଣର ଗୁରୁତ୍ୱ ଉପରେ ଆଲୋକପାତ କରି ରାୟଗଡ଼ାର ବିଶିଷ୍ଟ ଆଇନଜୀବି ଶ୍ରୀଯୁକ୍ତ ଶଙ୍କର ପ୍ରସାଦ ପାଣି କହି ଥିଲେ ଯେ ଭାରତର ବିକାଶ ମୂଳରେ ରହିଛି ଏହାର ଗ୍ରାମାଞ୍ଚଳର ପ୍ରଗତି ଓ ଆଦିବାସୀ ସମ୍ପ୍ରଦାୟ ଏହି ଯାତ୍ରାରେ ପ୍ରକୃତ ଅଂଶୀଦାର ହେବା ପାଇଁ ଉଭୟ ଅଧିକାର ଓ ଦାୟିତ୍ୱ ପ୍ରତି ସଚେତନ ହେବା ଆବଶ୍ୟକ ସେ ଉଲ୍ଲେଖ କରିଥିଲେ ଯେ ଗ୍ରାମୀଣ ଚର୍ଚ୍ଚା ଏକ ଗୁରୁତ୍ୱପୂର୍ଣ ମଞ୍ଚ ଯେଉଁଠାରେ ଲୋକମାନେ ଖୋଲାଖୋଲି ଭାବେ ସେମାନଙ୍କ ସମସ୍ୟା ଉପରେ ଆଲୋଚନା କରିପାରିବେ ଏବଂ ସମାଧାନର ଉପାୟ ପ୍ରଦାନ କରି ପାରିବେ । ପ୍ରଥମ ଦିନ କାର୍ଯ୍ୟକ୍ରମଟି ଶେଷ ହୋଇଥିଲା ଉତ୍ସାହ ଉଦ୍ଦୀପନା ସହ ଓଡିଶାର ଏକ ପାରମ୍ପରିକ ଖେଳ "ପିଠୁ"ର ଆୟୋଜନ କରା ଯାଇଥିଲା ଯାହା ମାଧ୍ୟମରେ ପାରମ୍ପରିକ କ୍ରୀଡାର ବିକାଶ ଏବଂ ଉତ୍ତମ ସ୍ୱାସ୍ଥ୍ୟ ଦିଗରେ ଗୁରୁତ୍ୱ ଦିଆଯାଇଥିଲା ଓ ଶେଷରେ "ଆଦି ପ୍ରତିଭା' କାର୍ଯ୍ୟକ୍ରମ ମାଧ୍ୟମରେ ଆଦିବାସୀ ଯୁବକ ଯୁବତୀ ମାନେ ପାରମ୍ପରିକ ସଙ୍ଗୀତ, ନୃତ୍ୟ ମାଧ୍ୟମରେ ଆଦିମ ସଂସ୍କୃତିକୁ ଅଭିବ୍ୟକ୍ତ କରିଥିଲେ ଓ ଏହି କାର୍ଯ୍ୟକ୍ରମର ପ୍ରଥମଦିନ ପରିସମାପ୍ତିରେ ସାମୁହିକ ମତାମତ ଗ୍ରହଣ କରାଯାଇଥିଲା, ଯାହା ମାଧ୍ୟମରେ କାର୍ଯ୍ୟସୂଚୀ ନିର୍ଦ୍ଧାରଣ କରାଯିବ ।

# ସୀତା ସୁରେନ୍ଦ୍ର ପାଠାଗାରରେ ବ୍ୟାକରଣ ଦିବସ



ରେମୁଣା, ୦୫/୩ (ନି.ପ୍ର): ବିଶିଷ୍ଟ ସାହିତ୍ୟିକ ଡ.ଭାଗବତ ପ୍ରସାଦ ଦାସଙ୍କ ପ୍ରତିଷ୍ଠିତ ସୀତା ସୁରେନ୍ଦ୍ର ପାଠାଗାରରେ ଜାତୀୟ ବ୍ୟାକରଣ ଦିବସ ପାଳିତ ହୋଇଯାଇଛି । ଶିକ୍ଷାବିତ୍ ବୃନ୍ଦାବନ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଆଲୋଚକ ଭାବରେ ବ୍ୟାକରଣ ବିତ୍ ନିରଞ୍ଜନ ସାହୁ ବରେଣ୍ୟ ଅତିଥବ ଭାବରେ ସୁବେଦାର ମେଜର ଗିରିଶ କୁମାର ଷଡ଼ଙ୍ଗୀ, ପଦ୍ମଲୋଚନ ପଣ୍ଡା, ବାସନ୍ତୀ ଦାସ ପ୍ରମୁଖ ଯୋଗଦେଇ ଶୁଦ୍ଧ ଭାଷା ପ୍ରୟୋଗରେ ବ୍ୟାକରଣର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରି ବ୍ୟାକରଣ, ଶୁଦ୍ଧ ଲିଖନ ଓ କଥନରେ ଭାଷାର ସମୃଦ୍ଧି ହୁଏ ବୋଲି ଉଦ୍ ?ବୋଧନ ଦେଇଥିଲେ । ଭାଷା ଆଧାରିତ ଏକ ମନୋଜ୍ଞ କବିତା ପାଠୋତ୍ସବ କବୟିତ୍ରୀ ଜୟଶ୍ରୀ ମିଶ୍ରଙ୍କ ପ୍ରଯୋଜନାରେ ଅନୁଷ୍ଠିତ ହୋଇଥିଲା । କବି ତପନ ଦାସ, ପଦ୍ମଲୋଚନ ପ୍ରଧାନ, ସୁନାମଣି ଜେନା, ପ୍ରଭାକର ସାହୁ, କରୁଣାକର ଜେନା ପ୍ରମୁଖ ନିଜସ୍ୱ କବିତା ପାଠ କରିଥିଲେ । ଡ. ଦାସ ଧନ୍ୟବାଦ ଦେଇଥିବା ବେଳେ ଶାନ୍ତିଲତା ମହାନ୍ତି, ଅର୍ପିତା ଦାସ, ସନ୍ଧ୍ୟାରାଣୀ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଦିବଂଗତ ସୁରେନ୍ଦ୍ର ନାରାୟଣ ଦାସଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Editor: Sairindhree Sahoo
❐ Managing & Executive Editor : Srustidhar Parida